ଦକ୍ଷିଣରେ ସାକାର ଏବଂ ମାରୱାରିଙ୍କ ମଧ୍ୟରେ ଯେଉଁ ଭୀଷଣ ଦଙ୍ଗା ହୋଇଥିଲା ଏବଂ ଯାହା ଦମନ ନିମନ୍ତେ ଜଣେ ଖାସ କମିଶନର ନିଯୁକ୍ତ ହୋଇ ନାନା ଚେଷ୍ଟା କରୁଅଛନ୍ତି ତହିଁରେ ବହୁସଂଖ୍ୟକ ଖୁନ ହୋଇଅଛି। ବିଶ୍ୱସ୍ତ ସୂତ୍ରେ ଜଣା ଯାଇଅଛି ଯେ ପ୍ରାୟ ଦେଢ଼ ଶହ ଗ୍ରାମ ଅଗ୍ନିଦଗ୍ଧ ହୋଇଥିଲା ଏବଂ ଅନେକ ଗୃହଦ୍ୱାର ଲୁଟି ହୋଇଅଛି। ସମ୍ଭବତଃ ବିଲକ୍ଷଣ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର ଅନୁମାନ ହୁଅଇ।

ଗତ ବୁଧବାର ଦିବସ କଟକୀ ରାଜାଙ୍କ ଗାଡ଼ି କମିଶନର ନେରେଣ୍ଟ ନିକଟରେ ଯାଉଥିବା ସମୟରେ ଯୋଡ଼ି ଘୋଡ଼ା ଉନ୍ମତ୍ତ ଏକପ୍ରକାର ଭାବରେ ଦଉଡ଼ିଥିଲେ ଯେ ସେମାନେ ଗାଡ଼ି ସହିତ କରେଣ୍ଟ ସମ୍ମୁଖର ନର୍ଦ୍ଦମାରେ ପଡ଼ି ଯାଇଥିଲେ କେବଳ ଗୋଟିଏ ସ୍ତ୍ରୀର ସାମାନ୍ୟ ଆଘାତ ଭିନ୍ନା ଆଉ କିଛି ହୋଇ ନାହିଁ। କିନ୍ତୁ ଗାଡ଼ି ଭଗ୍ନ ହୋଇଯାଇଅଛି ଓ ଗୋଟିଏ ଘୋଡ଼ା ମଧ୍ୟ କଣାଡ଼ି ହୋଇଅଛି। କନ୍ଦଭାଗିଣୀ ଏହି ଦୁର୍ଘଟନାର ସମ୍ବାଦ ପାଇ ଆଘାତପ୍ରାପ୍ତ ସ୍ତ୍ରୀକୁ ଉପଯୁକ୍ତ ଅର୍ଥିକ ସାହାଯ୍ୟ ଦାନ କରୁଅଛନ୍ତି।

ଏ ନଗରର ମୁସଲମାନଙ୍କର ଆବେଦନ ପତ୍ର ମାନ ବିବେଚନା ପୂର୍ବକ ଆମ୍ଭମାନଙ୍କର ଜଜ ସାହେବ କର୍ପୋରେସନ କମିଟିର ମେମ୍ବର ସ୍ୱରୂପ ତାଙ୍କ ନାମର ପରିବର୍ତ୍ତେ ଶେଖ ଗୋଲାମ ମହମ୍ମଦ ଏବଂ ମଉଲବୀ ଉଅବେଦ ଅଲି ଏହି ଦୁଇ ଜଣଙ୍କୁ ମନୋନୀତ କରିଥିଲେ। ଏଥିରୁ ମଉଲବୀ ସାହେବ ମେଦନିପୁରକୁ ବଦଳି ହେବାର ପ୍ରକାଶ ହେବାରୁ ତାହାଙ୍କ ସ୍ଥାନ ପୂର୍ଣ୍ଣ କରିବା ନିମନ୍ତେ ଜଜ ସାହେବ ମହୋଦୟ ଲେଖିଅଛନ୍ତି। ଭରସା କରୁଁ ଉତ୍ତମ ଅନୁସନ୍ଧାନ ପୂର୍ବକ ସାହେବ ମହୋଦୟ ଜଣେ ଯୋଗ୍ୟଲୋକ ନିଯୁକ୍ତ କରିବେ।

ସନ ୧୮୯୧ ମସିହା ଫେବୃୟାରି ମାସର ସଂସ୍କୃତ ଟାଇଟଲ ପରୀକ୍ଷାରେ ଓଡ଼ିଶାରୁ ନିମ୍ନଲିଖିତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ କାବ୍ୟତୀର୍ଥ ପଦ ଓ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି।

ଦାମୋଦର ରଥ ବିଶେଷ ବୃତ୍ତି ଟ ୨୦
ଗଞ୍ଜାମ ପଦ୍ମନାଭ ସ୍କୋଲ ରାଜା ଶ୍ୟାମାନନ୍ଦଙ୍କ ବୃତ୍ତି ଟ ୩୦
ବିଶ୍ୱନାଥ ରଥ ଗୌରଶ୍ୟାମ ବୃତ୍ତି ଟ ୪୦

ପୁରୀ ସଂସ୍କୃତ ସ୍କୁଲ

ବାସୁଦେବ ରଥ „
ଲିଙ୍ଗରାଜ ରଥ „
ବିଶ୍ୱନାଥ ଦାସ ଶର୍ମା ମୟୂରଭଞ୍ଜ

ଶିକ୍ଷକଙ୍କ ମଧ୍ୟରେ କେବଳ ପୁରୀ ସଂସ୍କୃତ ସ୍କୁଲର ପଣ୍ଡିତ ହରିହର ଶାସ୍ତ୍ରୀ ଟ ୧୦୦ ଙ୍କା ପୁରସ୍କାର ପାଇଅଛନ୍ତି।

ପ୍ରାୟ ୧୫ ଶ ଗୋରା ସିପାହି ଉତ୍କଳ ଦବା ଲାଗରେ ରଙ୍ଗୁନଠାରେ ଏକ ବ୍ରାହ୍ମ ରମଣୀ ପ୍ରତି ବଳାତ୍କାର ଇତ୍ୟାଦି ଅପକର୍ମ କରି ଧରା ପଡ଼ି ନ ଥିଲେ ଏବଂ ଯେଉଁମାନଙ୍କୁ ଅନୁସନ୍ଧାନ କରି ଧରିବା ନିମନ୍ତେ ଗବର୍ଣ୍ଣମେଣ୍ଟରୁ ବିଶେଷ ଚାଲବଦ ହୋଇଥିଲା ସେମାନଙ୍କ ମଧ୍ୟରୁ ଜଣେ ଧରା ହୋଇ କାଣ୍ଟୋନମେଣ୍ଟ ମାଜିଷ୍ଟ୍ରେଟଙ୍କ ଅଦା

Split by PDF Splitter

Digitized by srujanika@gmail.com

Split by PDF Splitter

52

ଲତରେ ସେମାନଙ୍କର ବିଚାର ଆରମ୍ଭ ହୋଇ ଅଛି । ରମଣୀର ନାମ ମାଗୁଣୀ ବୟସ ବ ୪୭ ବର୍ଷ ସେ ସେହି ଅତ୍ୟାଚାର ହେତୁ ବାତୁଳ ହୋଇ ଅଛି । ତାହାର ଇଜହାରରେ ସେ କଛି ଜାଣୁ ନ ଥିବାର କହିଲା । ଜ ୪ ଣ ବୃନ୍ଦାବାସ ଏବଂ ସେହି ପଲଟନର ଏକଜଣ ଗୋରା ସିପାହି ସମସ୍ତ ଘଟଣା ଦେଖିଥିବାର ସାକ୍ଷ ଦେଉଅଛନ୍ତି ବିଚାର ଶେଷ ହୋଇ ନାହିଁ ।

ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଏବର୍ଷ ମୌସମି ବୃଷ୍ଟିର ସ୍ୱଳ୍ପତା ମାନ୍ଦ୍ରାଜ ପ୍ରଦେଶ ପ୍ରାୟ ଭାରତର ଅନ୍ୟାନ୍ୟ କେତେକ ପ୍ରଦେଶରେ ଚିନ୍ତାର ବିଷୟ ହୋଇଅଛି । ବମ୍ବେର ପ୍ରଦେଶ ବିଜାପୁର, ଶୋଲାପୁର, ପୁନା, ଖାନ୍ଦେସ ପ୍ରଭୃତି ବିଭାଗରେ ଦୁର୍ଭିକ୍ଷର ଉପକ୍ରମ ହୋଇଅଛି । ମଧ୍ୟ ପ୍ରଦେଶରେ ଏକା ସମ୍ବଲପୁର ଛଡା ଆଉ ସକଳ ଜିଲ୍ଲାରେ ଅତ୍ୟନ୍ତ ଜଳାଭାବ ହୋଇ-ଅଛି । ହେଦ୍ରାବାଦ ଏବଂ ନିଜାମ ରାଜ୍ୟର ଅବସ୍ଥା ସେହିପରି ଅଟେ । ପଞ୍ଜାବ ବଙ୍ଗ ଏବଂ ଉତ୍ତର ପଶ୍ଚିମ ପ୍ରଦେଶମାନଙ୍କର କେତେକ ସ୍ଥାନରେ ଅତିବୃଷ୍ଟି ଯୋଗେ କ୍ଷତି ହୋଇଅଛି । ପ୍ରକୃତରେ ଶେଷ ଲିଖିତ ଦୁଇ ପ୍ରଦେଶ ଏବଂ ଆସାମ ଓ ସର୍ବୋପରି ବ୍ରହ୍ମ ପ୍ରଦେଶରେ ଏ ପର୍ଯ୍ୟନ୍ତ ଅଧିକ ବୃଷ୍ଟି ହେବାର ପ୍ରକାଶ ।

ଗତ ରବିବାର ସନ୍ଧ୍ୟା ସମୟରେ କାୟସ୍ଥ ସଭାର ୨ୟ ଅଧିବେଶନ ହୋଇଥିଲା । ପ୍ରାୟ ଜ ୨୦ ଣ ସଭ୍ୟ ଉପସ୍ଥିତ ଥିଲେ । ସଭାର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଦୁଇଗୋଟି ପ୍ରସ୍ତାବ ପ୍ରଧାନ ଥିଲା । ଅସ-ହାୟ ଅବସ୍ଥାରେ କୌଣସି କାୟସ୍ଥର ମୃତ୍ୟୁ ହେଲେ ସଭା ତାଙ୍କର ସତ୍କାର କାର୍ଯ୍ୟଭାର ଗ୍ରହଣ କରିବା ଓ ଗରୀବ ଓ ଉପଯୁକ୍ତ କାୟସ୍ଥ ଛାତ୍ରର ଶିକ୍ଷା ବ୍ୟୟ ଗ୍ରହଣ କରିବା । ୨ୟ ପ୍ରସ୍ତାବକୁ କାର୍ଯ୍ୟରେ ପରି-ଣତ କରିବା ନିମନ୍ତେ କାର୍ଯ୍ୟକାରୀ ସମିତି ଉପରେ ଭାର ନ୍ୟସ୍ତ କରା ହୋଇଅଛି । ସଭାର ବର୍ତ୍ତମାନ ଆର୍ଥିକ ଅବସ୍ଥା ବିବେଚନାରେ କେତେ ଛାତ୍ର ଓ କେତେ ଛାତ୍ରର ଶିକ୍ଷାଭାର ଗ୍ରହଣ କରି-ପାରିବେ ତାହା ସମିତି ସ୍ଥିର କରିବେ । ମଫସଲର କେତେକ ସହାନୁଭୂତି ପକ୍ଷରୁ ଅନ୍ୟାନ୍ୟ ସ୍ଥଳରେ ଶାଖା ସଭାମାନ ପ୍ରତିଷ୍ଠା କରିବାର ଆଗ୍ରହ ପ୍ରକାଶ ପାଇଲା ।

ଉତ୍ତର ପଶ୍ଚିମ ପ୍ରଦେଶ ନିମନ୍ତେ ଗୋଟିଏ ନୂତନ ଖଜଣାଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇ ସେଠା ବ୍ୟବସ୍ଥାପକ ସଭାର ବିବେଚନାଧୀନରେ ଅଛି ଏବଂ ସେ ପ୍ରଦେଶର ଛୋଟଲାଟ ସର୍ ଆଣ୍ଟୋନୀ ମାକଡନେଲ ଗତ ସମୟରେ କେତେକ, ଅଲିଗଡ ଏବଂ ଆଗ୍ରାଠାରେ ପ୍ରଧାନ ଜମିଦାରଙ୍କୁ ଘେନି ବୈଠକରେ ନୂତନ ଆଇନର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ବୁଝାଇଦେଇ ତହିଁର ଭଲ ମନ୍ଦ ସମ୍ବନ୍ଧରେ ତର୍କ ବିତର୍କ କରିଅଛନ୍ତି । ବନାରସ ଏଲାହାବାଦ ଗୋରଖପୁର ପ୍ରଭୃତି ସ୍ଥାନରେ ମଧ୍ୟ ଏହିପରି ସଭା କରିବେ । ଏଥି-ମଧ୍ୟରେ ଏହାଦ୍ୱାରା ଅନେକ ଭ୍ରମ ଭଞ୍ଜନ ଏବଂ ପରାମର୍ଶ ଲାଭ ହେବାର କଥିତ ହୁଅଇ । ଆଶା ହୁଅଇ ନୂତନ ଆଇନ ଏପରି ଗଠିତ ହେବ ଯେ ଖଜଣା ଅଦାୟର ବିଶେଷ ସୁବିଧା ଏବଂ ସ୍ୱେଚ୍ଛାଚାର ମତେ ପ୍ରଜାଙ୍କୁ ବେଦଖଲ କରିବାର ପ୍ରବୃତ୍ତି କମତି ହେବ ।

ଇଷ୍ଟଇଣ୍ଡିଆ ରେଲୱେ କମ୍ପାନି ଭାରତରେ ସର୍ବ ପ୍ରଥମେ ରେଲ ବାଟ ନିର୍ମାଣ କରିଥିଲେ । ଏହି କମ୍ପାନି ରେଲୱେ କଲିକତା ଅନ୍ତଃପାତି ହାବଡ଼ାଠାରୁ ପଞ୍ଜାବ ପର୍ଯ୍ୟନ୍ତ ବିସ୍ତୃତ । କମ୍ପାନି ସଙ୍ଗରେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ଚୁକ୍ତି ପ୍ରଥମେ ହୋଇଥିଲା ସେ ମିଆଦ ଗତ ହେଲା ଉତ୍ତାରୁ ଗବର୍ଣ୍ଣମେଣ୍ଟ ସମୟ ସମୟରେ ମିଆଦ ବନ୍ଦୋବସ୍ତ ଦ୍ୱାରା ଲାଭର ଅଂଶ ବର୍ଦ୍ଧିତ ପ୍ରକାରେ ନେଇ ଆସୁଥିଲେ । ପ୍ରଚଳିତ ବନ୍ଦୋବସ୍ତରେ ଗବର୍ଣ୍ଣ-ମେଣ୍ଟ ଲାଭର ସିଂହଭାଗ ନେଇ ଏକଭାଗ କମ୍ପା-ନିକୁ ଦେଉଥିଲେ । ସେ ମିଆଦ ଏହି ବର୍ଷ ଶେଷ ହେବ । ସନ ୧୯୦୦ ସାଲରୁ ସରକାର ମୋଟ ଲାଭରୁ ଭା ୧୫ ର ଗ୍ରହଣ କରି କେବଳ ଏକଭାଗ କମ୍ପାନିକୁ ଦେବେ ବୋଲି ନୋଟିସ ଦେଇଅଛନ୍ତି । ଏଥିରେ ଅଂଶିମାନଙ୍କର ବିଶେଷ କ୍ଷତି ହେଲେହେଁ ଅବଶ୍ୟ ସେମାନେ ବଞ୍ଚିତ ହେବେ । ଫଳେ ଏଥି ମଧ୍ୟରେ ଅଂଶର ବଜାର ଦର ଶତକଡ଼ା ପ୍ରାୟ ଟ ୧୫ ଙ୍କା ଊଣା ପଡିଅଛି ।

ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖି-ଅଛନ୍ତି ଯେ ପ୍ରାୟ ଦଶଦିନ ହେଲା ଏକ ମହାବଳ ବାଘ ସେହି ନଗରର ପ୍ରାୟ ମା ୩ ଇଲ ଅନ୍ତର ସୁଭଦା, କୁଆଡ଼ା, ଗଙ୍ଗାପୁର ପ୍ରଭୃତି ଗ୍ରାମମାନ-ଙ୍କରେ ଏମନ୍ତ ଉତ୍ପାତ କରୁଅଛି ଯେ ସନ୍ଧ କଥା କଣ ପଥରେ ଦିନବେଳେ ଲୋକଙ୍କର ଗତାୟାତ ଏକପ୍ରକାର ବନ୍ଦ ହୋଇଅଛି । ସେ ବାଘ ଏମନ୍ତ ନିର୍ଭୟ ଯେ ଯେଉଁଠାରେ ତାହାର ସନ୍ଦେହ ନ ହେବ ଏମନ୍ତ ଝୁମ୍ପୁଡ଼ି ବଣରେ ଲୁଚି ରହି ଏକାକୀ ଲୋକ ଦେଖିବା ମାତ୍ରେ ଭଡ଼ିରୁ ବେଗରେ ଦୌଡ଼ି ଆସି ଆକ୍ରମଣ କରୁଅଛି । ସେ ୧ ମାସ ମଧ୍ୟରେ ଆକ୍ରମଣ କରିଥିବା ଜ ୨୮ ଣ ମଧ୍ୟରୁ ଜ ୪ ଣ ହତ ଏବଂ ଜ ୬ ଣ ଗୁରୁତର ଆଘାତ ନିମନ୍ତେ ହାସପାତାଲରେ ଚିକିତ୍ସିତ ହେଉଥିବାର ଜଣା-ଯାଇଅଛି । କେତେ ଲୋକ ଅନୁମାନ କରନ୍ତି ଯେ ସେ ବାଘ ବାୟା ହୋଇ କେଉଁ ଜଙ୍ଗଲରୁ ବାହାରି ଆସିଅଛି । ଯାହା ହେଉ ତାହାକୁ ବଧ କରିବାର ଉପାୟ ଶୀଘ୍ର କରିବା କର୍ତ୍ତୃପକ୍ଷଙ୍କର ଉଚିତ ହେଉଅଛି ।

ଆମ୍ଭମାନଙ୍କର ଡିଷ୍ଟ୍ରିକ୍ଟ କମିଶନର ଶ୍ରୀଯୁକ୍ତ ଷ୍ଟିଭେନସନ ସାହେବଙ୍କ ବିଦାୟ ଉପଲକ୍ଷରେ ଏ ନଗରର ସୁବିଖ୍ୟାତ ବାବୁ ମଧୁସୂଦନ ଦାସ ଗତ ଶନିବାର ସନ୍ଧ୍ୟା ସମୟରେ ତାହାଙ୍କୁ ଏବଂ ଆଉ କେତେଜଣ ଇଉରୋପୀୟ ବନ୍ଧୁଙ୍କୁ ଆପଣା କୋଠିରେ ଭୋଜନ ଦେଇଥିଲେ । ଏବଂ ତହିଁ ସଙ୍ଗେ ତାହାଙ୍କୁ ଦର୍ଶନ କରିବାକାରଣ କେତେ-ଜଣ ସ୍ୱଦେଶୀୟ ବନ୍ଧୁଙ୍କୁ ନିମନ୍ତ୍ରଣ କରିଥିଲେ । ସାହେବମାନେ ଭୋଜନାନ୍ତରୁ ପ୍ରାୟ ଘ ୧୦ ଟା ଉତ୍ତାରୁ ବୈଠକଖାନାକୁ ଆସି ଦେଶୀୟ ଭଦ୍ରଲୋକଙ୍କ ସହିତ ମିଷ୍ଟାଳାପ କରି ଏବଂ ନୃତ୍ୟ ଗୀତାଦି ଆମୋଦରେ ଯୋଗ ଦେଇ ସର୍ବଶେଷରେ ଅତ୍ୟନ୍ତ ତୁଷ୍ଟ ହୋଇ ପ୍ରାୟ ଦୁଇପ୍ରହର ବେଳେ ବିଦାୟ ହୋଇ ଆସିଲେ । କୌଣସି ଅନୁଷ୍ଠାନର ତ୍ରୁଟି ହୋଇ ନ ଥିଲା । କିନ୍ତୁ ଏଥି ପୂର୍ବର କେତେକ ବିଦାୟ ସୂଚକ ମିଳନର ତୁଳନାରେ ଏଥିରେ ଆଡ-ମ୍ବର ଅନେକ ଊଣା ଥିଲା । ଷ୍ଟିଭେନସନ ସାହେବ ମହୋଦୟ ଗତ ସୋମବାର ଅପରାହ୍ନ ଘ ୪ ଟା ବେଳେ ହସ୍ତୀ ଯାନରେ ବାଙ୍କୀ ରେଲ ଷ୍ଟେସନକୁ ଯାତ୍ରା କଲେ ।

ପାରଲାକିମେଡ଼ି ଉତ୍କଳହିତୈଷିଣୀ ସମାଜର ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀନିବାସ ଗୁରୁ ପାଣିଗ୍ରାହି ଲେଖିଅଛନ୍ତି ଯେ ଚଳନ୍ତମାସ ତା ୧୫ ରଖ ଅପରାହ୍ନ ସନ୍ଧ୍ୟା ବେଳେ ଶ୍ରୀ (ରାମଦାସ ନାଙ୍କର

Digitized by srujanika@gmail.com

କଲେଜହଲରେ ସେହି ସମାଜର ସପ୍ତମ ବାର୍ଷିକ ଅଧିବେଶନ ବନ୍ଧୁ ସମାଗମରେ ହୋଇଥିଲା । ସ୍ଥାନଟି ପୁଷ୍ପ ପତାକାରେ ସୁସଜ୍ଜିତ ଏବଂ ସଭ୍ୟ ଓ ଦର୍ଶକବୃନ୍ଦରେ ପରିପୂର୍ଣ୍ଣ ହୋଇଥିଲା । ବିଶେଷ ଅସୁବିଧା ବଶତଃ ଶ୍ରୀ ଶଶିକୁମାର ପଟ୍ଟନାଇକ ନାଯ୍ୟୁଣ ଦେବଙ୍କର ଶୁଭାଗମନ ନ ହେବାରୁ କଲେଜ ଶିକ୍ଷକ ବାବୁ ପିଲାନନ ମହାନ୍ତି ସଭାପତିର ଆସନ ଗ୍ରହଣ କରିଥିଲେ । ପ୍ରଥମେ ପରମ ମଙ୍ଗଳମୟଙ୍କର ମଙ୍ଗଳସୂଚକ ଆରାଧନା ହେଲା ଉତ୍ତାରୁ ସମ୍ପାଦକ ମହାଶୟ ବାର୍ଷିକ ବିବରଣ ପାଠ କଲେ । ପରେ ଯଥାକ୍ରମେ ଉତ୍କଳଭାଷାରେ ଓ ଇଂରାଜୀଭାଷାରେ ବକ୍ତୃତା ଏବଂ ତହିଁ ପରେ କନ୍ୟାଶୁଲ୍କ ଏବଂ ବୃଦ୍ଧବିବାହ ବିଷୟକ ସୁଅଙ୍ଗ ଓଡ଼ିଆଭାଷାରେ କଥୋପକଥନ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଶେଷରେ ସଭାପତି ଉପଦେଶପୂର୍ଣ୍ଣ ବକ୍ତୃତା ପ୍ରଦାନ କରି ସଭା ଭଙ୍ଗ କଲେ । ଏ ପତ୍ରରେ ସଭାର ସଭ୍ୟ ସଂଖ୍ୟା କାର୍ଯ୍ୟ, ଏବଂ ଆୟ ବ୍ୟୟ ଇତ୍ୟାଦି ସମ୍ବନ୍ଧରେ କିଛି ଲେଖା ନ ଥିବାରୁ ସେ ସମସ୍ତ ପାଠକମାନଙ୍କୁ ଜଣାଇବାକୁ ଅସମର୍ଥ ହେଲୁଁ ।

ବ୍ରାହ୍ମଣୀ ନଦୀରେ ବାଲିଚର ପଡ଼ିଯିବାରୁ କଟକ ଓ ଭଦ୍ରଖ ମଧ୍ୟରେ କ୍ଷେପ କରୁଥିବା ଷ୍ଟିମର ମାନ ନଦୀ ମଧ୍ୟରେ ଅଳ୍ପ ଜଳ ହେତୁ ଯାଇ ପାରୁ ନାହିଁ । ଏଥିପାଇଁ ଦାଇକମାସ୍ତ୍ରଙ୍କ ମହାଜନୀ କମ୍ପାନୀ ଉକ୍ତ ସ୍ଥଳରେ ଭିନ୍ନ ୨ ଷ୍ଟିମର ରଖି ଯାତ୍ରିମାନଙ୍କୁ ଜୋବଡ଼ା ଲକ ଏବଂ ଜେନାପୁର ଲକଠାରେ ଚଢ଼ାଇବାର ଏବଂ ଓହ୍ଲାଇବାର ବନ୍ଦୋବସ୍ତ କରିଅଛନ୍ତି । ସୁତରାଂ ଜେନାପୁର ଠାରୁ ଯୋବଡ଼ା ପର୍ଯ୍ୟନ୍ତ ପ୍ରାୟ ମା ୩ ଇଲ ଅଧିକାଂଶ ବାଲିବାଟରେ ଯାତ୍ରୀମାନେ ଚାଲିଯିବାରେ ବଡ଼ କଷ୍ଟ ପାଉଅଛନ୍ତି । ଗଡ଼ି ଯିବାର ସୁବିଧା କିଛି ନାହିଁ । କେବଳ ପ୍ରଥମ ଶ୍ରେଣୀର ଯାତ୍ରୀମାନଙ୍କ ନିମନ୍ତେ ସରକାରୀ ଜାଲିବୋଟ ସଞ୍ଜା ହୋଇଅଛି । ଏଥିରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଦ୍ୱିତୀୟ ଶ୍ରେଣୀର ଯାତ୍ରୀମାନେ ଉତ୍ତରଣଠାରୁ କଟକପର୍ଯ୍ୟନ୍ତ ପୂରାଭଡ଼ା ଦେଉଥିବା ସ୍ଥଳେ ସେମାନଙ୍କ ସକାଶେ ଦେଶୀ ଡଙ୍ଗା ରଖିବା କି ଉଚିତ ନୁହେ ? ପତ୍ରପ୍ରେରକଙ୍କ ଆପତ୍ତି ନ୍ୟାୟସଙ୍ଗତ ଅଟେ ସନ୍ଦେହ ନାହିଁ । ବାସ୍ତବରେ ସରକାର ଯେତେବେଳେ ଭଡ଼ା ନେଇ ଡେକାଲରେ ଯାତ୍ରୀ ନେବା ଅଣିବା ବ୍ୟବସାୟ କରୁଅଛନ୍ତି ସେତେବେଳେ ଅନ୍ୟ ବ୍ୟବସାୟୀମାନଙ୍କର ଆଦର୍ଶ ସ୍ୱରୂପ ହେବାର ଆଶା କରାଯାଏ । ଭରସା କରୁଁ ଯାତ୍ରିମାନଙ୍କୁ ଏହି କଷ୍ଟରୁ ରକ୍ଷା କରିବାର ଉପାୟ ଶୀଘ୍ର ହେବ ।

ସ୍ଥାନାନ୍ତରେ ପ୍ରକାଶିତ ପ୍ରେରିତପତ୍ରରୁ ପାଠକମାନେ ଅବଗତ ହେବେ ଯେ ଜଣେ ସାଧୁ ମୁଷ୍ଟିଭିକ୍ଷା ଲବ୍ଧ ତଣ୍ଡୁଳଦ୍ୱାରା ସେଠାର ଭଗ୍ୟାଳ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରର ଜୀର୍ଣ୍ଣସଂସ୍କାର ଓ ଶୋଭା ସମ୍ପାଦନ କରୁଥିଲେ । ଆଉ ଏକଜଣ ସାଧୁ କନ୍ଥକାଳ ଏହିପରି ତଣ୍ଡୁଳ ଭିକ୍ଷା ଦ୍ୱାରା ଯାଜପୁର ବଗଳା ଠାକୁରାଣୀଙ୍କ ମନ୍ଦିରର ଆଗେ ଯାଇଥିବା ପଥର ବେଢ଼ା ଯେମନ୍ତ ସୁଦୃଢ଼ ରୂପେ ନିର୍ମାଣ କରି ବର୍ତ୍ତମାନ ପୂଜାର ନାନା ରୂପ ଓ କାଉଗର ସଂଯୁକ୍ତ ସିଂହଦ୍ୱାର ପ୍ରସ୍ତୁତ କରୁଅଛନ୍ତି ତାହା ଦେଖି ସେହି ସାଧୁଙ୍କର ସ୍ୱାର୍ଥତ୍ୟାଗ, ଅଧ୍ୟବସାୟ ଏବଂ ନିଷ୍ଠାର ବହୁତର ପ୍ରଶଂସା ନ କରି କେହି ରହିପାରିବେ ନାହିଁ । ଯେଉଁମାନେ ମନେ କରନ୍ତି କି ଅନେକ ଟଙ୍କା ନ ଆସିଲେ କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ ସେମାନେ ଏ ସାଧୁମାନଙ୍କର ଉଦାହରଣ ପ୍ରତ୍ୟକ୍ଷ କରି ଆପଣାର ଭ୍ରମ ବୁଝିପାରିବେ । ଆମ୍ଭେମାନେ ଆଳସ୍ୟ ଓ ସ୍ୱାର୍ଥର ଦାସ ସୁତରାଂ ଆମ୍ଭମାନଙ୍କଦ୍ୱାରା ସାଧାରଣ ହିତକର କାର୍ଯ୍ୟ ସାଧିତ ହେବା କଠିନ । ଏଥିପାଇଁ ଦେଖାଯାଏ ଯେ ବେଳେ ୨ ଏକ ୨ ହିତକର କାର୍ଯ୍ୟାନୁଷ୍ଠାନର କଳ୍ପନା ହୁଅଇ ମାତ୍ର ପରକ୍ଷଣେ ତାହା ବିସ୍ମରଣ ହୋଇଯାଏ । ସରଳମନରେ ଜନହିତର କୌଣସି କାର୍ଯ୍ୟରେ ଈଶ୍ୱରପ୍ରୀତି ବା ମନର ସାଧନରୂପ ଦୃଢ଼ ଅଧ୍ୟବସାୟରେ ପ୍ରବୃତ୍ତ ହେଲେ ତାହା ପ୍ରାୟ ବିଫଳ ହେବ ନାହିଁ । ଈଶ୍ୱର ସତ୍କାର୍ଯ୍ୟର ସହାୟ ଅଟନ୍ତି ।

କଲିକତା ଅନାଥାଶ୍ରମର ସନ ୧୮୯୮ ସାଲ ବାବତ୍ କାର୍ଯ୍ୟ ବିବରଣ ଏକଖଣ୍ଡ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହି ଆଶ୍ରମ ସନ ୧୮୯୬ ସାଲରେ ପ୍ରଥମେ ସ୍ଥାପିତ ହେଲା । ସେ ବର୍ଷ ନ ୪ ଣ ମାତ୍ର ଅନାଥ ପିଲା ଭର୍ତ୍ତି ହୋଇଥିଲେ ଏବଂ ସେ ବର୍ଷର ଆୟ ଟ ୬୭୬ ୧ ଙ୍କାରୁ ବ୍ୟୟ ଟ ୬୮୦ ଙ୍କା ହୋଇଥିଲା । ତହିଁ ଆର ବର୍ଷ ନ ୯ ଣ ପିଲା ପଛରେ ଟ ୫୯୪ଙ୍କା ବ୍ୟୟ ମାତ୍ର ଟ ୫୮୯ଙ୍କା ଆୟ ହୋଇଥିଲା । ୩ୟ ଅର୍ଥାତ୍ ସନ ୧୮୯୮ ସାଲରେ ନ ୧୩ ଣ ପିଲ ହେଲେ ମାତ୍ର ଏହି ବର୍ଷଠାରୁ ଆୟରୁ ବ୍ୟୟ ନିର୍ବାହ ହୋଇ କିଛି ୨ ଉଦ୍ବର୍ତ୍ତ ରହିବାର ଆରମ୍ଭ ହୋଇ ଅର୍ଥାତ୍ ସନ ୧୮୯୮ ସାଲରେ ନ ୫୯ ଣ ପିଲା ଆଶ୍ରମରେ ଥିଲେ । ସେମାନଙ୍କ ମଧ୍ୟରେ ବାଳକ ନ ୩୨ ଣ ଏବଂ ବାଳିକା ନ ୧୯ ଣ ସମସ୍ତ ବାଳକ ଏବଂ ନ ୧୫ ଣ ବାଳିକା ସ୍କୁଲରେ ପଢ଼ୁଅଛନ୍ତି ଏବଂ ଗୋଟିଏ ଶିଳ୍ପ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଯେ ବର୍ତ୍ତମାନ ତହିଁରେ ବଢ଼ାଇ ଓ ଦରଜୀ କାର୍ଯ୍ୟ ଶିକ୍ଷା ଦିଆ ଯାଉଅଛି । ଏ ବର୍ଷର ଆୟ ଟ ୫୧୬୭ ୧ ଙ୍କା ଏବଂ ବ୍ୟୟ ଟ୩୪୧୮ଙ୍କା ହୋଇଥିଲା ସୁତରାଂ ଉଦ୍ବର୍ତ୍ତ ଧନରୁ ଟ ୧୭୦୦ ୧ ଙ୍କା ଗବର୍ଣ୍ଣମେଣ୍ଟ କାଗଜରେ ଜମା ହୋଇଅଛି । ଅତଏବ ଆଶ୍ରମର କାର୍ଯ୍ୟ ମିତବ୍ୟୟିତା ସହିତ ନିର୍ବାହ ହେବାର ବୋଲି ଜାଣ୍ଟ ହେବ ଫଳତଃ ଏପରି ହେବା ବିଚିତ୍ର ନୁହେ । କାରଣ ଆଶ୍ରମର କାର୍ଯ୍ୟଭାର ଯେଉଁ କେତେ ହସ୍ତରେ ରହିଅଛି ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନାର୍ଜ୍ଜୀ ତହିଁର ସଭାପତି, ମହାମହୋପାଧ୍ୟାୟ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ, କୁମାର ମନ୍ମଥନାଥ ମିତ୍ର ରାୟ ବାହାଦୁର ପ୍ରଭୃତି ସଭ୍ୟ ଏବଂ ଶ୍ରୀଯୁକ୍ତ ଆର, ଏନ୍ ମୁଖର୍ଜ୍ଜୀ ଏବଂ ବାବୁ ନଳିନବିହାରୀ ସରକାର ଯୁଗ୍ମ ସମ୍ପାଦକ ଅଟନ୍ତି । ସାଧାରଣ ସଭାର ସଭ୍ୟ ନ ୧୪ ଣ ଅଟନ୍ତି । ମାସିକ ଚେନ୍ଦା ଏବଂ ସାମୟିକ ଦାନ ଦ୍ୱାରା ଉପରଲିଖିତ ଆୟର ମୂଳ ସୂତ୍ର ଅଟେ । ପଶ୍ଚାନ୍ତରେ ଏହି ଆଶ୍ରମଟି ବଙ୍ଗ ପ୍ରଦେଶର ସମସ୍ତ ହିନ୍ଦୁ ଅନାଥ ବାଳକ ବାଳିକାଙ୍କ ରକ୍ଷାର୍ଥେ ସ୍ଥାପିତ ହୋଇଥିବାରୁ ଏହାର ବ୍ୟୟ ସାମାନ୍ୟ ନୁହେ । ବର୍ତ୍ତମାନ କଲିକତା କାଙ୍କୁଡ଼ବାଗାନ ଷ୍ଟ୍ରିଟ ଯେଉଁ ଘରେ ଏହା ସ୍ଥାପିତ ହୋଇଅଛି ତହିଁରେ ଅଧିକ ଅନାଥ ପିଲା ରହିବାର ସ୍ଥାନ ନାହିଁ ଅଥଚ ତହିଁର ମାସିକ ଭଡ଼ା ଟ ୧୭୦ ଙ୍କା ଏବଂ ରିପୋର୍ଟରୁ ପ୍ରକାଶ ଯେ ସ୍ଥାନାଭାବରୁ ଅନେକ ପ୍ରାର୍ଥୀଙ୍କ ଆବେଦନ ଉପେକ୍ଷିତ ହେଉଅଛି । ଗୋଟିଏ ବୃହତ୍ ଅନାଥଶାଳା ଶୀଘ୍ର ପ୍ରସ୍ତୁତ କରିବା ନିତାନ୍ତ ପ୍ରୟୋଜନ ଏବଂ ତହିଁ ପାଇଁ ଓ ଆଶ୍ରମର କାର୍ଯ୍ୟ ଚଳାଇବାପାଇଁ ସଭା ସର୍ବସାଧାରଣଙ୍କଠାରୁ ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି । ସଭା ଏ କାର୍ଯ୍ୟ ଯେମନ୍ତ ସୁନ୍ଦରରୂପେ ଚଳାଉଅଛନ୍ତି ଏବଂ ଏହା

Split by PDF Splitter
Digitized by srujanika@gmail.com

Split by PDF Splitter

ଦ୍ୱାରା ଯେତେ ଉପକାର ହେବାର ଆଶା ଅଛି ତାହା ବିବେଚନା କଲେ ସଦାର ପ୍ରାର୍ଥନା ନିତାନ୍ତ ଗ୍ରହଣର ଯୋଗ୍ୟ ବିଷୟରେ ସନେହ ନାହିଁ ଏବଂ ଏମନ୍ତ ସତ୍କାର୍ଯ୍ୟରେ ଯେ ଯାହା ଦାନ କରିବ ସେ ନିଜର ଏବଂ ସ୍ୱଦେଶର ପରମ ଉପକାର କରିବ ଏହା ବୋଲିବା ବାହୁଲ୍ୟ ଆମ୍ଭେମାନେ ସର୍ବସାଧାରଣଙ୍କୁ ଏହି ଗୁଣମର ସ୍ୱଦାଯ୍ୟ କମନ୍ତେ ଅଗ୍ରସର ହେବା କାରଣ ଏକାନ୍ତ ଅନୁରୋଧ କରୁଅଛୁଁ ।

ଗତ ମାର୍ଚ୍ଚ ମାସର ପ୍ରଥମ ସଂସ୍କୃତ ପରୀକ୍ଷାରେ ଓଡ଼ିଶାର ଚନ୍ଦ୍ରଲିଖିତ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା—

କାଲେଜର ସଂସ୍କୃତ ସମିତି

ବ୍ୟାକରଣ

୧ମ ବର୍ଗ ।

ବୈଦ୍ୟନାଥ ପତ୍ରଙ୍ଗୀ ଶ୍ୟାମଚନ୍ଦ୍ର ଟୋଲ ଖଲିକୋଟ

ପରମାନନ୍ଦ ସତପଥି ମୟୂରଭଞ୍ଜ ଟୋଲ

୨ୟ ବର୍ଗ ।

ଗଣେଶ୍ୱର ଅଗ୍ରୁର୍ଯ୍ୟ ଗଣେଶ୍ୱରପୁର ଟୋଲ

ଜନାର୍ଦ୍ଦନ ମିଶ୍ର ସାଳନଗର ଟୋଲ

ବନମାଳି ପଣ୍ଡା ବାଳ ଟୋଲ ମେଦିନୀପୁର

ତ୍ରୈଲୋକ୍ୟନାଥ ତ୍ରିପାଠୀ ବ୍ରହ୍ମପୁର ଟୋଲ ଜାମଭୁଣ୍ଡା

ଚିନ୍ତାମଣି ଉଦ୍‌ଗାତା ଶ୍ରୀରାମଚନ୍ଦ୍ର ଟୋଲ

କାବ୍ୟ

୨ୟ ବର୍ଗ ।

ରାମଚନ୍ଦ୍ର ଅଗ୍ରୁର୍ଯ୍ୟ ଶ୍ରୀରାମଚନ୍ଦ୍ର ଟୋଲ

ସନ୍ତୋଷର ଅଗ୍ରୁର୍ଯ୍ୟ ବାଳ ଟୋଲ ମେଦିନୀପୁର

ବଳଭଦ୍ର ଦାସ ”

ଲକ୍ଷ୍ମୀନାରାୟଣ ପଣ୍ଡା ”

ଯୋଗେନ୍ଦ୍ର ରଥ ”

ବିଶ୍ୱେଶ୍ୱର ତ୍ରିପାଠୀ ସଂସ୍କୃତ ଟୋଲ ମୟୂରଭଞ୍ଜ

ରଘୁନାଥ ” ”

ଓଡ଼ିଶା ସଂସ୍କୃତ ସମିତି କଟକ

ବ୍ୟାକରଣ ।

୧ମ ବର୍ଗ ।

ଚିନ୍ତାମଣି ଅଗ୍ରୁର୍ଯ୍ୟ କନକା ରାଜବାଟୀ

ଲକ୍ଷ୍ମୀଧର କର ଭଗୀରଥୀ ଟୋଲ ଢେଙ୍କାନାଳ

କୁଞ୍ଜବିହାରୀ ନନ୍ଦ କନକା ରାଜବାଟୀ

ଲୋକନାଥ ନନ୍ଦ ” ”

୨ୟ ବର୍ଗ ।

ବୈକୁଣ୍ଠଚରଣ ଦାସ ଭଗୀରଥୀ ଟୋଲ

ନୃସିଂହଚରଣ ଦାସ କନକା ରାଜବାଟୀ

ଗଙ୍ଗାଧର କର ମୂଳବସନ୍ତ

କାବ୍ୟ

୨ୟ ବର୍ଗ ।

ହରପ୍ରସନ୍ନ ଗୁପ୍ତ ଭଗୀରଥୀ ଟୋଲ

କୃଷ୍ଣ ମହାପାତ୍ର ପଦ୍ମନାଭ ଟୋଲ

ଲକ୍ଷ୍ମୀଧର ମିଶ୍ର ”

ବାଞ୍ଛାନିଧି ନାୟକ ଜଗନ୍ନାଥପୁର ଟୋଲ

ଭଗବାନ ରଥ ପଦ୍ମନାଭ ଟୋଲ

ଉପନିଷଦ୍

୨ୟ ବର୍ଗ ।

ଦାମୋଦର କାବ୍ୟତୀର୍ଥ ପଦ୍ମନାଭ ଟୋଲ

ଜଗନ୍ନାଥସମିତି ପୁରୀ

ବ୍ୟାକରଣ

୨ୟ ବର୍ଗ ।

ଦାମୋଦର ମହାପାତ୍ର ସଂସ୍କୃତ ସ୍କୁଲ

ପରମାନନ୍ଦ ମହାପାତ୍ର ଜଗନ୍ନାଥ ଟୋଲ

ସାମନ୍ତ ସୋମନାଥ ମହାପାତ୍ର ଗୋବର୍ଦ୍ଧନ ଟୋଲ ଇଟାମୁଣ୍ଡିଆ

ଆନନ୍ଦ ମିଶ୍ର ସଂସ୍କୃତ ସ୍କୁଲ

ଅର୍ତ୍ତତ୍ରାଣ ମିଶ୍ର ପଣ୍ଡିତ ଟୋଲ

ବାସୁଦେବ ମିଶ୍ର ସଂସ୍କୃତ ସ୍କୁଲ

ଜଗନ୍ନାଥ ମିଶ୍ର ”

ହରିହର ରଥ ଗଡ଼ ହରେକୃଷ୍ଣପୁର

କାବ୍ୟ

୧ମ ବର୍ଗ ।

ଫକୀର ମିଶ୍ର ସଂସ୍କୃତ ସ୍କୁଲ

୨ୟ ବର୍ଗ

ବଳରାମ ଅଗ୍ରୁର୍ଯ୍ୟ ସଂସ୍କୃତ ସ୍କୁଲ

ଜଗନ୍ନାଥ ଅଗ୍ରୁର୍ଯ୍ୟ ରଘୁନନ୍ଦନ ଟୋଲ

ଗଦାଧର ରାମାନୁଜ ଦାସ ”

ହରିହର ମହାପାତ୍ର ସଂସ୍କୃତ ସ୍କୁଲ

ମାଧବ ମିଶ୍ର ”

ସଦାଶିବ ମିଶ୍ର ପଣ୍ଡିତ ଟୋଲ

ନ୍ୟାୟ

୨ୟ ବର୍ଗ ।

ଗୋପାଳ ମହାପାତ୍ର ସଂସ୍କୃତ ସ୍କୁଲ

ବେଦାନ୍ତ

୨ୟ ବର୍ଗ ।

ବୈଦ୍ୟନାଥ ପତ୍ରଙ୍ଗୀ ସଂସ୍କୃତ ସ୍କୁଲ

ହରି ସାର୍ବଭୌମ ପ୍ରଭୃତି ”

ଓଡ଼ିଶାର ଚନ୍ଦ୍ରଲିଖିତ ପରୀକ୍ଷାର୍ଥୀମାନେ ସଂସ୍କୃତ ଦ୍ୱିତୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ସଂସ୍କୃତସମିତି କାଲେଜର

କାବ୍ୟ

୧ମ ବର୍ଗ ।

ଲୋକନାଥ ଦ୍ୱିବେଦୀ ଶ୍ରୀରାମଚନ୍ଦ୍ର ଟୋଲ

ଗଙ୍ଗାଧର ମିଶ୍ର ବାଳ ଟୋଲ ମେଦିନୀପୁର

୨ୟ ବର୍ଗ ।

ରାମହରି ପଣ୍ଡା ଶ୍ରୀରାମଚନ୍ଦ୍ର ଟୋଲ

ଯଜ୍ଞେଶ୍ୱର ସତପଥି ”

ଓଡ଼ିଶା ସଂସ୍କୃତ ସମିତି କଟକ

କାବ୍ୟ

୨ୟ ବର୍ଗ ।

ନଟବର କର ଅନୁଗୁଳ

ଯଦୁନାଥ କର ”

ରାମଚନ୍ଦ୍ର ମହାପାତ୍ର ପଦ୍ମନାଭ ଟୋଲ ଗଞ୍ଜାମ

ନାରାୟଣ ମିଶ୍ର ବାଣେଶ୍ୱର କଟକ

ଦଯାନିଧି ରଥ ପଦ୍ମନାଭ ଟୋଲ

ଭଗବାନ ତ୍ରିପାଠୀ ସୁନ୍ଦର ଗ୍ରାମ

ଜଗନ୍ନାଥ ସମିତି ପୁରୀ

ବ୍ୟାକରଣ

୧ମ ବର୍ଗ ।

କୃପାସିନ୍ଧୁ ମହାପାତ୍ର ସଂସ୍କୃତ ସ୍କୁଲ

କାବ୍ୟ

୧ମ ବର୍ଗ ।

ଗଙ୍ଗାଧର ମହାପାତ୍ର ସଂସ୍କୃତ ସ୍କୁଲ

୨ୟ ବର୍ଗ ।

ସଦାଶିବ ଦାସ ଜଗନ୍ନାଥ ଟୋଲ

ଦାଶରଥି ହୋତା ସଂସ୍କୃତ ସ୍କୁଲ

ହରିହର ମହାପାତ୍ର ”

ଦାମୋଦର ମିଶ୍ର ରଘୁନନ୍ଦନ ଟୋଲ

ଫକୀର ମିଶ୍ର ସଂସ୍କୃତ ସ୍କୁଲ

ଗୋପୀନାଥ ମିଶ୍ର ”

ଜୟକୃଷ୍ଣ ମିଶ୍ର ”

ସାପ୍ତାହିକ ସମ୍ବାଦ

କଲିକତା-ଗେଜେଟ

ଯଶୋହର ର ଜଏଣ୍ଟମାଜିଷ୍ଟ୍ରେଟ ଅଭୟଙ୍କ ଚନ୍ଦ୍ର ଓ ସେନଙ୍କୁ ୩ ମାସର ଛୁଟି ଓ ହୋମଙ୍କ ଠାରେ ପଦରେ ନିଯୁକ୍ତ ହେଲେ ।

ପଟୁଆଖାଲିର ଡେପୁଟି ମାଜିଷ୍ଟ୍ରେଟ ରାଜେନ୍ଦ୍ର ବସୁଙ୍କୁ ଓ ଅଃ ସେକ୍ରେଟେରି ଲାଲ ବାବୁଙ୍କୁ ଜାନୁଆରି ୨ର ପର୍ଯ୍ୟନ୍ତ ସାଧାରଣ ଛୁଟି ଓ ହୋମଙ୍କ ଠାରେ ପଦରେ ନିଯୁକ୍ତ ହେଲେ ।

Digitized by srujanika@gmail.com

Split by PDF Splitter

କଟକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଛୋଟେଲାଲ ଉପାଧ୍ୟାୟ ଦୁଇ ମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଝିଙ୍କିଘିର ଡେଃ କଲେକ୍ଟର ଓ ଡେଃ ମାଜିଷ୍ଟ୍ରେଟ ବାବୁ ମୋହିନୀମୋହନ ଘୋଷ ବାଟ ସବଡିଭିଜନରେ ଅବସ୍ଥିତ ହୋଇଅଛନ୍ତି ।

ଜାଜପୁରର ମିଃ ଜନ୍ସ, ଗିବନ, ଅଫିସାର କମିଶନରଙ୍କ ଆସିଷ୍ଟାଣ୍ଟ ସଙ୍ଗର ସରଂ ପଦରେ କଡ଼ଗଃଙ୍କ ମନ୍ତ୍ରୀତ୍ୱରେ ନିଯୁକ୍ତ ହୋଇଅଛନ୍ତି ।

ପୁରୀ ଜିଲ୍ଲାର ବାଙ୍କିଆଲର ଡାକ୍ତରଖାନା ପୂର୍ବ ଜିଲ୍ଲା ବୋର୍ଡ଼ର ଅଧୀନରେ ରଖା ଯାଉଅଛି ।

ବାଲେଶ୍ୱର ଜିଲ୍ଲାର ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ମିଃ ଜ, ଷି, ମାକଣ୍ଟୁସ ପଦରଜନର ଛୁଟି ପ୍ରାପ୍ତ ହୋଇଅଛନ୍ତି ଓ ତାଙ୍କ ସ୍ଥାନରେ ପୂର୍ବ ସୋର ଜିଲ୍ଲାର ଏଃ ଇଞ୍ଜିନିୟର ମିଃ ଜ, ବେନ୍ସନ ନିଯୁକ୍ତ ହୋଇଅଛନ୍ତି ।

ମହାନଦୀ ବିଭାଗର ଏକଜିକ୍ୟୁଟିଭ ଇଞ୍ଜିନିୟର ମିଃ ଏମ୍, ଏଚ୍, ଅର୍ମ୍ସ ଏକମାସର ଅନୁଗ୍ରହ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଗତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମୁସଲମାନ ଛାତ୍ରମାନଙ୍କମଧ୍ୟରୁ ଓଡ଼ିଶାରୁ ରେଃ କଲେଜିୟେଟ ସ୍କୁଲର ଛାତ୍ର ସହ୍ମୁଲହକ୍ ମାସିକ ଟ ୭ ଙ୍କାର ଡିଭିଜନ ବୃତ୍ତି ଓ କଟକ ମିସନ ସ୍କୁଲର ଛାତ୍ର ପାଉଛନ୍ତି ମୁସଲମାନଙ୍କ ସାହାଯ୍ୟ ସ୍ୱରୂପ ଟ ୨୦ ଙ୍କା ପୁରସ୍କାର ପାଇଅଛନ୍ତି

ଏ ସପ୍ତାହରେ ଏ ନଗରରେ କେବଳ ଗତ ସୋମବାର ସାମାନ୍ୟ ଏକ ଘଣ୍ଟା ବୃଷ୍ଟି ହୋଇଥିଲା । ପ୍ରତିଦିନ ଆକାଶ ଘନ ଏବଂ ଅତ୍ୟନ୍ତ ଗ୍ରୀଷ୍ମ ଲୋକଙ୍କୁ କଷ୍ଟ ଦେଉଅଛି ।

ବୃଷ୍ଟିର ସ୍ୱଳ୍ପତା ହେତୁରୁ ବଉଦ ଧାନ ବୁଣା ଚାଷ ଉପ-ର୍ଜିତ ହୋଇଅଛି । ଶୀଘ୍ର ଜଳ ନ ହେଲେ ବଡ଼ କ୍ଷତି ହେବ ।

ଓଲାଉଠା ଏ ନଗରର ସ୍ଥାନେ ସ୍ଥାନେ ବଦ୍ଧମାନ ରହିଅଛି, ଲୋକ ଏବେ ଏକ ଅବଲମ୍ବନ ନ ପାଇବାରେ ଦୁର୍ଦ୍ଦଶା ଅଧିକ ହେବ ।

ଓଲାଉଠାର ପ୍ରାଦୁର୍ଭାବରେ ଶଙ୍କିତ ହୋଇ ନଗରବାସୀ ... ପ୍ରତିଦିନ ହରିସଂକୀର୍ତ୍ତନ ଓ ଗ୍ରାମଦେବୀ ପୂଜା ... ଅଛନ୍ତି ।

ତା ପ୍ରଣିକନ୍ତ ବାଲଙ୍କ ବାଇଶାନାର ଅଭିଯୋଗ ... ରଜନୁ ନ୍ୟୁକେ ଗଲା ହସ୍ତେ ମାଇଦକାର ... ର ପଛାଇ ଦେଇଥିଲେ । କଥିତ ଅଛି ... ନାଇ ଜଣେ କର୍ମଚାରୀ ମାଲୁ ... ସାହେବ ମଧ୍ୟସ୍ଥ ହୋଇ ... ଛନ୍ତି । ଉକ୍ତ ଆର୍ ... ଶେଷ ସନ୍ଧାନ ପାଇ ... ଅଛନ୍ତି ।

... ଠାରୁ ଅବଶିଷ୍ଟାଂଶ ... ନି ଅଧିକ । ଅଧାନ୍ନ ... ା ଅଟିସ କାଟିଯିବାର ...

... ଜଳ ବୃଷ୍ଟି ହେବାରୁ ... ପଡ଼ିଅଛି । ଲୋକେ ... ର ପ୍ରାଣ ହରାଇଅଛି ... କୋଟିଏ ବାଳକା ...

ଦକ୍ଷିଣ ଭାରତ ରେଲୱେରେ ଯେ ଅଂଶ ତ୍ରିବାଙ୍କୁଡ଼ ମଧ୍ୟରେ ପଡ଼ିଅଛି ତାହା ନିର୍ମାଣ ସକାଶେ ତ୍ରିବାଙ୍କୁଡ଼ ଗଭର୍ଣ୍ଣମେଣ୍ଟ ସାତ ଲକ୍ଷ ଟଙ୍କା ଦେଇଥିବାର ସମ୍ବାଦ ମିଳିଲା ।

ବଙ୍ଗାଳାର ଉତ୍ତର ସାହାଉ ଏବଂ ମାଲଦହର ଦୁର୍ଭିକ୍ଷର ଯେ ଦଙ୍ଗା ହଙ୍ଗାମାରେ ଶ୍ରୀମାନ ନମାଜଙ୍କ ସାହାଯ୍ୟାର୍ଥ କେତୋଟି ପାଦ୍ରୀ ସାହେବ ସ୍ଥାଇନ ଭୂଜା ସଞ୍ଚୟ କରିବା ଚେଷ୍ଟାରେ ରହିଛନ୍ତି । ଏ ଦଙ୍ଗାରେ ୭୫୦ ଶ ଖ୍ରୀଷ୍ଟିୟାନଙ୍କ ଘର ପୋଡ଼ା ଯାଇଅଛି ଏବଂ ୨୦୦ ଶହ ଘର ଲୁଟ ହୋଇଅଛି । ଛଅ ଗୋଟି ଗିର୍ଜା ଘର ପୋଡ଼ି ଯାଇଅଛି । ଏବଂ ୭ ଗୋଟି ଗିର୍ଜା ଲୁଟ ହୋଇଅଛି । ମିଶନରିଙ୍କ କ୍ଷତି ପ୍ରାୟ ଟ ୨୦୦୦ ଙ୍କା ମାତ୍ର ଦେଶୀଙ୍କର କ୍ଷତି ଟ ୨୫୦୦୦ ହେବାର ଅନୁମିତ ହୁଏ ।

ମୁନ୍ଦରଗିରି ନାମକ ଏକ ଜଣେ ଉଦାସୀ ବଣରାର ଧର ପଡ଼ିଅଛି । ତାହାକୁ ଧରିବା କାରଣ କଲେକ୍ଟର ଓର ପୁରସ୍କାର ଦଅଯିବାର ବିଜ୍ଞାପନ ପ୍ରକାଶିତ ହୋଇଥିଲା । ଗତ କୋଣରେ ଅମୃତସହର ଜିଲ୍ଲାରେ ପୋଲିସ ତାକୁ ଧରିବାକୁ ସମର୍ଥ ହେଲେ । ମାତ୍ର ଉଦାସୀ ଧରିବାର ପୋଲିସ ସଙ୍ଗରେ ଲଢ଼ି ଯେଉଁ ଆଘାତ ପ୍ରାପ୍ତ ହୋଇଥିଲା ତହିଁରେ ସେ ମରିଯାଇଅଛି ।

ହାଇଦରାବାଦ ଏବଂ ଦବାଡ଼ ମଜଲିସରୁ ଜଣେ ମୁସଲମାନ ଯୁବକ ଘୋଡ଼ା ଚୋରି କରିଥିବା ଅପରାଧରେ ମା ୭ ସ ଜେଲ ଖାନାକୁ ଯାଇଅଛି । ଘୋଡ଼ା ଚୋରମାନେ ସାବଧାନ !

ମହମ୍ମଦ ଖାନ ନାମକ ଜଣେ ମିସର ଦେଶୀୟ ଜଏଣ୍ଟ ଅଷ୍ଟ୍ରେଲିୟା ହୀପରେ ବାସ କରୁଥିଲା । ବର୍ତ୍ତମାନ ତାହାକୁ କ୍ଷମା ଦଅଯିବାରୁ ସେ ମିସର ଦେଶକୁ ଫେରି ଯାଇଅଛି ।

ରୁଷିୟା ସମ୍ରାଟଙ୍କ ଜ୍ୟେଷ୍ଠ ମୃତ୍ୟୁରେ ପଦଚ୍ୟୁତ ରୋମାନ୍ସ ହୋଇଥିବାର ସମ୍ବାଦ ମିଳିଲା ।

ଅମୃତସହର ଜିଲ୍ଲାର କପୁର ଗ୍ରାମର ଧର୍ମଶାଳାରୁ ଜଣେ ଉଦାସୀର ଲୁଟ ହୋଇଥିବାର ସମ୍ବାଦ ମିଳିଲା । ଉଦାସୀମାନେ ପଠାଣଙ୍କ ସଙ୍ଗ ଦେଇ ଆସିଥିଲେ । ଧର୍ମଶାଳା ରକ୍ଷକ ପ୍ରଭୁ ଜ ୪ ଶ ଲୋକଙ୍କୁ କଠୋର ପ୍ରହାର କରିଅଛନ୍ତି, ଧର୍ମଶାଳା ବୋଲି ଉଦାସୀମାନଙ୍କ ମନରେ ତିଳମାତ୍ର ଶଙ୍କା ହେଉ ନାହିଁ ।

ଉତ୍ତରପ୍ରଦେଶର ଶାହାଜାହାନପୁର ନଗରଠାରେ ମୁସଲମାନମାନଙ୍କର ମସଜିଦ ଏବଂ ଶଙ୍କରାଚାର୍ଯ୍ୟ ହିନ୍ଦୁମାନେ ବାଜା ବଜାଇ ଠାକୁର ନେବା ବେଳେ ବାଧା ଦେବାରେ ମୁସଲମାନମାନେ ଆପତ୍ତି କରିବାରୁ ସେ ବିଷୟ ଦ୍ୱାରା ଡିଷ୍ଟ୍ରିକ୍ଟ କଲେକ୍ଟରଙ୍କ ବିଚାରରେ ଅଛିବାରୁ ସେ ନିଷ୍ପତ୍ତି କଲେ ଯେ ସନ୍ଧ୍ୟା ପ ୬ ଟା ଏବଂ ସକାଳ ପ ୭ ଟାର ନମାଜ ବେଳେ ମସଜିଦ ପାଖରେ ହିନ୍ଦୁମାନେ ବାଜା ବନ୍ଦ କରିବେ । ତାହା ହେଲେ ନ୍ୟାୟ୍ୟା-ନୁସାରେ ହିନ୍ଦୁ ଦେବାଳୟରେ ପୂଜା ହେଉଥିବା ବେଳେ ମୁସଲମାନମାନେ ସେ ବାଟେ ବାଜା ବଜାଇ ଯାଇ ପାରିବେ ନାହିଁ । ଫଳତଃ ଏପରି ବୋଧ ହେଉ ଅଛି ।

ଯାଜପୁର-ସମ୍ବାଦ

ଅନ୍ୟାନ୍ୟ ବର୍ଷ ପରି ଏବର୍ଷ ମଧ୍ୟ ଏଠା ସୁବାବୁଡ଼ ମଠର ଅଧୀନ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର ରଥ ଓ ବାହୁଡ଼ାଯାତ୍ରା ସଥାସମୟରେ ସୁଶୃଙ୍ଖଳରୂପେ ନିର୍ବାହ ହୋଇ ଯାଇଅଛି । ଯାତ୍ରା ମଧ୍ୟରେ ସମୁଦାୟ ୧୮ ଗୋଟି ଯାତ୍ରୀ ଉଠିଥିଲା ମେଳନ ସେଠାରେ ହୋଇଥିଲା ।

ଏଠାର ଏଡିସନାଲ ମୁନସଫ ଶ୍ରୀଯୁକ୍ତ ବାବୁ ଭଗବାନଦାସଙ୍କ ଚୌଧୁରୀ ଗତ କୁମର ମାସ ତା ୧୫ ରଖଠାରୁ ଏକ ମାସର ଅବକାଶ ଗ୍ରହଣ କରିବାରୁ ଯଶୋହରର ଏକ୍ଟିଂ ମୁନସଫ ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ବାନାର୍ଜୀ ଅସ୍ଥାୟୀ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଏହି ଥାନା ମଧ୍ୟରେ ଓଲାଉଠା ରୋଗ ଆରମ୍ଭ ହୋଇ ଏଥି ମଧ୍ୟରେ କେତେକ ଲୋକ କାଳଗ୍ରାସରେ ପତିତ ହୋଇଅଛନ୍ତି ଗ୍ରାମ ପେଷକା ଶାନ୍ତିକ୍ରିୟା ଏ ଦେଶର ଜନ ରକ୍ଷିତ ହୋଇଅଛି ।

ଥାନା ମଧ୍ୟରେ ବସନ୍ତ ରୋଗ ଆରମ୍ଭ ହୋଇ ଏଥି ମଧ୍ୟରେ କେତେକ ଲୋକ ବସନ୍ତରେ ମରି ପଡ଼ୁଅଛନ୍ତି ଓ ଲୋକମାନଙ୍କ ଏକ ପ୍ରକାର ରୋଗ ଆରମ୍ଭ ହୋଇ କେତେକ ଗୋରୁ ମଧ୍ୟ ନଷ୍ଟ ହେଉଅଛନ୍ତି ।

ଅଗଷ୍ଟ ୩୦ ଟା ଦିନ ଓ ରାତିରେ ମୋଟ ବୃଷ୍ଟି ଫିଟ ଇଞ୍ଚରେ ମେ ୧୧ ର ଓ ସବୁ ମେ ୮ ର ନୂଆ ମେ ୮ ର ଗ୍ରୀଷ୍ମ ମେ ୧୦ ର ଦରରେ ଦେଖା ଦେଇଅଛି ।

ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

ମାନନୀୟ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସନ୍ନିଧାନେଷୁ

ମହାଶୟ !

ନିମ୍ନଲିଖିତ ପଂକ୍ତି—କତିପୟଙ୍କୁ ଦୟାପୂର୍ବକ ଆପଣଙ୍କର ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବେ ।

ଅଷ୍ଟଶମ୍ଭୁ ବାଲଦେବ ଶ୍ରୀଉ ମହାପ୍ରଭୁଙ୍କ ମନ୍ଦିର ବହୁବତ୍ସରରୁ ଏ ପର୍ଯ୍ୟନ୍ତ ପ୍ରାଚୀନାବସ୍ଥା ହୋଇ ପଡ଼ିଥିଲା ଏବଂ ଏହି ପ୍ରାଚୀନାବସ୍ଥ ମନ୍ଦିର ଅବସ୍ଥା ସ୍ୱକୀୟ-ଚୂଡ଼ା ଲୁପ୍ତ-ବର୍ଦ୍ଧନ ଏବଂ ସ୍ୱକୀୟ ନକ୍ସାରୁ ଉ ମାଧୁରୀ ପ୍ରଦର୍ଶନ ନିମନ୍ତେ କୌଣସି କୀର୍ତ୍ତିଶାଳୀ ମାନବର ମନୋଯୋଗାକର୍ଷଣ କରି ନ ଥିଲା । ସମ୍ପ୍ରତି ପ୍ରାୟ ତିନି ବର୍ଷ ମାତ୍ର ହେବ "ଉଦାର ଦାସ" ନାମକ ଜଣେ ବାବାଜୀ ଏ ସ୍ଥାନକୁ ଆଗମନ କରି ପ୍ରତ୍ୟେକ ଗୃହରୁ ମୁଷ୍ଟି-ପରିମିତ ତଣ୍ଡୁଳ ଭିକ୍ଷାଦ୍ୱାରା ଏହି ମନ୍ଦିର-ସଂସ୍କାର କାର୍ଯ୍ୟର ଅନୁଷ୍ଠାନ କରୁଅଛନ୍ତି । ଏ ମହାତ୍ମା ଏହି କାର୍ଯ୍ୟ ନିମନ୍ତେ ତାହାଙ୍କଦ୍ୱାରା ଅଦମ୍ୟ ଶ୍ରମ ଅନୁଭବ କରୁଛନ୍ତି । ଏହି କୀର୍ତ୍ତି-ଦର୍ଶୀ ଏହାଙ୍କ ମନକୁ ସନ୍ତୋଷକର ।

ବର୍ତ୍ତମାନ ଦେବାଳୟମଧ୍ୟଗତ କାଶୀବିଶ୍ୱନାଥ ମହାଦେବଙ୍କ ମନ୍ଦିରର ଚୂନ କାମ ଶେଷ ପାଇ ଅଛି; ଏବଂ ବାହ୍ୟ ଦେଉଳର ଚୂନ କାମ ଅସନ୍ନ ଶେଷ । ଏତଦ୍ବ୍ୟତୀତ ନୂତନ ପ୍ରସ୍ତରର ଶୀର୍ଷଚୂଡ଼ା, ଦ୍ୱାର ପ୍ରସ୍ତରର ସ୍ୱବକ୍ତ୍ର ସକଳ ଦକ୍ଷ-କୁଶଳ, ସୁଯୋଗ୍ୟ ଶିଳ୍ପୀମାନଙ୍କଦ୍ୱାରା ଖୋଦିତ ହୋଇ ଏବଂ କତିପୟ ଚିତ୍ରକରମାନଙ୍କ ଦ୍ୱାରା ନାନା ପ୍ରକାର ବର୍ଣ୍ଣରେ ରଞ୍ଜିତ ହୋଇ ମନ୍ଦିର ସ୍ଥାନ ବିଶେଷରେ ସଂସ୍ଥାପିତ ହୋଇଅଛି ଏବଂ ହେଉଅଛି । ଦ୍ୱାରସ୍ଥିତ ସିଂହଦ୍ୱୟର ଚକ୍ଷୁରେ ନୀଳବର୍ଣ୍ଣର କାଚ ଚକ୍ଷୁଦ୍ୱୟ ସଂଯୋଜିତ ହୋଇ ଥିବାରୁ ତାହା ସେମାନଙ୍କ ଚକ୍ଷୁରେ ଚକ୍ଷୁ-ଶୀଳତା ଉଦ୍ଧତ ଭାବ ପ୍ରକଟିତ ହୁଏ ଦୃଶ୍ୟମାନ ହେଉ ଅଛି । ବର୍ତ୍ତମାନ ଅଭ୍ୟନ୍ତର ସ୍ତବକରେ ମନ୍ଦିର

Digitized by srujanika@gmail.com

Split by PDF Splitter

ସଂସ୍କାର କାର୍ଯ୍ୟରେ ବାବାଜୀ ମହାଶୟ ବ୍ୟାପୃତ ଅଛନ୍ତି । ଏହି ସତ୍କାର୍ଯ୍ୟ ନିମନ୍ତେ ସେ ଯେ ଈଶ୍ୱରଙ୍କର ସମ୍ପ୍ରୀତି ଏହା କୋଲବା ବାହୁଲ୍ୟ । ଈଶ୍ୱର ଏହିପରି ସତ୍କାର୍ଯ୍ୟ ପ୍ରାଣ ସାଧୁମାନଙ୍କୁ ଦୀର୍ଘ-ଜୀବନ ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ମାନବ-ଜନ୍ମର ଉଦ୍ଦେଶ୍ୟ ସିଦ୍ଧ କରନ୍ତୁ ଏହା ତାଙ୍କ ଶ୍ରୀଚରଣରେ ଭିକ୍ଷା । ଇତି ।

କେନ୍ଦ୍ରାପଡ଼ା ୪ । ୭ । ୯୯ } ଶ୍ରୀ ବଳରାମ ନାୟକ ହେଃ ପଃ ବଳଦେବ ସ୍କୁଲ

ମୂଲ୍ୟପ୍ରାପ୍ତି ।

ବିଷ୍ଣୁ ଭଜନ ମହାନ୍ତ ମହଙ୍ଗଡ଼ପୁର	ଟ ୧
ବାବୁ ହରିହର ତ୍ରିପାଠୀ ଝିଲାସ୍କୁଲ ଖୋର୍ଦ୍ଧା	ଟ ୪
„ ନାରାୟଣ ମହନ୍ତି କଲିଙ୍ଗା ସ୍କୁଲ	ଟ ୩
„ ଲୋକନାଥ ଗୋସ୍ୱାମୀ	ଟ ୧
„ ଶ୍ରୀରାମଚନ୍ଦ୍ର ରଥ ସବଇନ୍ସପେକ୍ଟର କଟକ	ଟ ୨
ଓ/ଇନ୍ସପେକ୍ଟର ବସୁଙ୍କର ଇଦରନ୍ଧାଟର ବାବୁ ଜଗନ୍ନାଥ ଦାସ କଟକ	ଟ ୩
ବାବୁ ଯଶୋଦାନନ୍ଦନ ମହାପାତ୍ର ଯରେଇ	ଟ ୧୮

ବିଜ୍ଞାପନ ।

ଅତି ସୁଲଭ ! କିଣି ନିଅ ! ! ଆଉ ବିଳମ୍ବ ନାହିଁ
ଭକ୍ତମାନଙ୍କର ପରମାଦରଣୀୟ ଧନ
ସଚିତ୍ର
ଶ୍ରୀ ଚୈତନ୍ୟଚରିତାମୃତ ।
ଓଡ଼ିଆ ଅକ୍ଷରରେ
ଛପା ସମ୍ପୂର୍ଣ୍ଣ ହେଲା ।

ଏଥିରେ ସଂସ୍କୃତ ଶ୍ଲୋକ, ଭାଷା ଓ ପଦ୍ୟ ଦିଆ ହୋଇଅଛି । ଏ ପୁସ୍ତକ ପ୍ରାୟ ୫୪୫ ପୃଷ୍ଠାରେ ସମ୍ପୂର୍ଣ୍ଣ ।

ଏ ପୁସ୍ତକ ସମ୍ବନ୍ଧରେ ଅମ୍ଭେମାନେ ପୂର୍ବରୁ ବିଜ୍ଞାପନ ଦେଇଥିବାରୁ ଗ୍ରାହକମାନଙ୍କର ଯେପରି ଆଗ୍ରହ ଦେଖୁଅଛୁଁ ପ୍ରାୟ ଅଳ୍ପଦିନ ମଧ୍ୟରେ ବହି ଶେଷ ହେବାର ସମ୍ଭବ ଆଉ ବହି ଶେଷ ହେଲେ ମିଳିବା ଦୁଷ୍ପ୍ରାପ୍ୟ ଏଣୁକରି ଗ୍ରାହକମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନଙ୍କର ଚୈତନ୍ୟ ମହାପ୍ରଭୁଙ୍କପାଦେ ଭକ୍ତି ଓ ଶ୍ରଦ୍ଧା ଅଛି ସେମାନେ ଏ ସୁବିଧା ଛାଡ଼ିବେ ନାହିଁ

ଗ୍ରାହକମାନଙ୍କ ସୁବିଧାପାଇଁ ଏ ପୁସ୍ତକରମୂଲ୍ୟ ଆଗାମୀଦୁର୍ଗାପୂଜା ପର୍ଯ୍ୟନ୍ତ ଟ ୪୲ ସ୍ଥଳେ ଟ ୨୲ ଙ୍କ କରାଗଲା ।

ଶ୍ରୀ ଏଂ କମ୍ପାନୀଙ୍କ ସେକ୍ରେଟାରୀଙ୍କ କଟକ ଠିକଣାକୁ ପତ୍ର ଲେଖିଲେ ପୁସ୍ତକ ଭେଃ ପେଏବଲ ପାର୍ଶ୍ୱଲରେ ପଠାଯିବ ।

NOTICE

Wanted an experienced man strong in English, Mathematics and Sanskrit on a salary of Rs. 20 a month, to be the private tutor of boarders reading in the 3rd, 4th, and 5th classes of the Khorda H. E. School. He shall have to work for 5 hours a day 7 to 10 P. M. and 7 to 9 A. M. Applications with certificates of good moral charactor from the educational authorities will be received till the 20th proximo.

The 26th July 1899 } M. C. Misra Superintendent Gupta Hostel Khorda.

ନୂତନ ପୁସ୍ତକ ।

ଜ୍ୱରଚିକିତ୍ସା ୨ୟ ସଂସ୍କରଣ—ଡିମେଇ ୪୫ ପୃଷ୍ଠା, ମୂଲ୍ୟ ଚାରିଅଣା ମାତ୍ର । ଏ ପୁସ୍ତକରେ ନାଡ଼ୀ, ଜିହ୍ୱା, ମୂତ୍ର ପ୍ରଭୃତି ପରୀକ୍ଷାର ଉପଦେଶ, ସକଳବିଧ ଜ୍ୱରର ଲକ୍ଷଣ ଏବଂ ରୋଗନାଶକ ସହଜ ପ୍ରାପ୍ୟ ଔଷଧାବଳୀ, ଜ୍ୱରର ସକଳବିଧଉପଦ୍ରବର ପ୍ରତୀକାରୋପାୟ, ଜ୍ୱରରେ କୁଇନାଇନ ପ୍ରୟୋଗପ୍ରଣାଳୀ ପ୍ରଭୃତି ଏପରି ଭାବରେ ଲିଖିତ ହୋଇଅଛି ଯେ ଯେଉଁମାନଙ୍କର ବଳିନ ଅଛି ସେମାନେ ଏହି ପୁସ୍ତକ ସାହାଯ୍ୟରେ ସକଳପ୍ରକାର ଜ୍ୱର ସହଜରେ ଛଡ଼ାଇ ପାରିବେ ।

ଗୋ ଚିକିତ୍ସା ୧ମ ଭାଗ ୩ୟ ସଂସ୍କରଣ—ଏଥିରେ ୪୧ ପ୍ରକାର ଗୋ ରୋଗର ଦେଶ ପ୍ରଚଳିତ ଅନେକପ୍ରକାର ଔଷଧ ଲିଖା ହୋଇ ଅଛି । ମୂଲ୍ୟ ଏକଅଣା ମାତ୍ର ।

ଗୋ ଚିକିତ୍ସା ୨ୟ ଭାଗ ୨ୟ ସଂସ୍କରଣ—ଏଥିରେ ୧୩ ଗୋଟି ଗୋରୋଗର ପ୍ରତ୍ୟକ୍ଷ ଫଳପ୍ରଦ ଔଷଧାବଳୀ ସନ୍ନିବେଶିତ ହୋଇଅଛି କେବଳ ଗୋ-ବସନ୍ତରୋଗର ଚିକିତ୍ସାବିବରଣରେ ୨୫ ପୃଷ୍ଠା ସ୍ଥାନ ବ୍ୟୟ ହୋଇଅଛି ମୂଲ୍ୟ ଦୁଇଅଣା ମାତ୍ର ।

ବସନ୍ତରୋଗ ଚିକିତ୍ସା—ଏ ପୁସ୍ତକ ଘରେ ଥିଲେ ବସନ୍ତରୋଗରେ ମୃତ ବା ଯାତନା ଭୋଗ କରିବା ଲୋକଙ୍କୁ ହେବାର ଆଶଙ୍କା ଦୂର ହେବ ମୂଲ୍ୟ ଛଅପଇସାମାତ୍ର ।

ବସୂଚିକା ଚିକିତ୍ସା ୨ୟ ସଂସ୍କରଣ— ଏହି ପୁସ୍ତକ ଲିଖିତ ଉପଦେଶ ପାଳନ, ଔଷଧ ବ୍ୟବହାର କରି ଅନେକ ଲୋକ ବସୂଚିକା ରୋଗର କରାଳ କବଳରୁ ରକ୍ଷା ପାଇଅଛନ୍ତି ମୂଲ୍ୟ ଏକଅଣା ମାତ୍ର ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ ।

NOTICE.

Notice is hereby given that the undermentioned scholarships under the Cuttack District Board have fallen vacant, for the current year. Candidates are invited to apply to the undersigned before the 25th instant in the following form.

VACANT SCHOLARSHIPS.

(1) 2 Mayo scholarships at Rs. 10 each a month tenable for 2 years.

(2) 1 Dhenkanal scholarship at Rs. 5 a month tenable for 2 years.

FORM OF APPLICATIONS.

(1) Name of candidate.

(2) Name of his father and his occupation.

(3) Residence temporary or permanent. If the candidate be domiciled in Orissa for how many generations he has been so domiciled.

(4) What examination the candidate has passed and in which Division whether in the first chance or otherwise.

(5) The name of the school and the class in which he is reading.

6) Certificate from respectab... sons about the chara... circumstances of the ...

(7) Remarks giving oth... which the candi... to give.

Cuttack Distr... office, 13—7—99.

N...

Wanted a... and Uriya com... Kisore Press... tions with co... statement o... to proprieto... Lucknow.

Digitized by srujanika@gmail.com

NOTICE.

CUTTACK DISTRICT BOARD.

Tenders are hereby invited for the execution of the undermentioned works, or any portion of the same on the Road from Jajpur Road Railway Station, along berm of, left bank Byturni Embankment, to the trunk Road near Roria Lock.

Intending Tenderers can obtain all information from the District Engineer's office, Collectorate, Cuttack or from the District Board's Sub-Divisional officer at Jajpur.

Tenders will be on Form No. 2 obtainable free of charge from the District Engineer's and Sub-Divisional offices.

Tenders to be submitted to the District Engineer before the 20th August 1899 in sealed covers superscribed. "Tender for Jajpur Road Railway Station Road."

If the amount of tender does not exceed Rs. 2000, Rs. 50 in Currency notes must accompany it; if it exceed Rs. 5000 the prescribed amount of earnest money is Rs. 100 in Currency notes.

The general specifications of works, Orissa Circle, will be in force

The Chairman, District Board does not bind himself to accept the lowest or any tender.

Approximate quantities.		Date of, completion
850,000 C. F.	Earth work with preliminary dressing,	15 Jany. 1900
10,700 C. F.	Road metal either well burnt brick or ghooting delivered at site,	
5,00,000 C. F.	Turfying or final dressing,	15 Augt. 1900.
10,700 C. F.	Spreading and consolidating road metal.	

Cuttack, 18—7—99.

LOUIS E, DESCRATOULET,
District Engineer,
CUTTACK,

ବନାରସି ମାଲ

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ସମ୍ବଗଡ଼, ସରେଇକଲା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବକ୍ଷ୍ୟମାଣ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଯୋଡ଼ ଷ୍ଟୋପି, ଗେଞ୍ଜି, କିଂଖାପ, ବାସ୍ତା ସଙ୍ଗୀ ଦୋପଟ୍ଟ ଜଲ, ନୈଇରେ ବନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର କହ୍ନା ଖଚିତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ ଓ ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପନ୍ନାଲାଲ ଭୋଲାନାଥ
ଲକ୍ଷ୍ମୀଚଉକ ପାଟ୍ଟକ ବନାରସ ସିଟି

S. BASACK & Co.

No. 200 HARRISON ROAD BARA BAZAR
CALCUTTA

THE UNIVERSAL AGENY"

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତ ପ୍ରକାର ମନୋହର ଦ୍ରବ୍ୟ—ଅତର, ଗୋଲାପ, ଏସେନ୍ସ କାମିନୀମାନଙ୍କର ବହୁପ୍ରିୟ କେଶବର୍ଦ୍ଧନକାରୀ କୁନ୍ତଳବୃଷ୍ୟ ତୈଳ, କେଶ ସଂସ୍କାରକ ତୈଳ ଓ ସାବୁନ ସୁବାସିତ ବାଲର କଲ୍, ବ୍ରୁକସଲ୍ଡି, ପକେଟଘଡ଼ୀ, ଟାଇମପିସ, ବହୁବିଧ ସୁନ୍ଦର ଜଞ୍ଜିର, ଫ୍ୟାନ୍ସି ଅଙ୍ଗୁଷ୍ଠ, ଯେଲମୋହର, ଇବରଷ୍ଟାଫ୍ ମ୍ୟାଜିକ ପକେଟ ଲେମ୍ପ, ବରଫ ଜମାଇବାର କଲ, ଦେଶୀ ସୋଡ଼ା ଓ ଲେମନେଡ଼ କଲ ବାଲକୁଞ୍ଚାଇବାର କଲ ଦାଢ଼ୀ ଛିର କରିବାର କଲ, ପକେଟ ଛୁରୀ, ଷୋଳପ୍ରକାର କୁସି ଅର୍ଥାତ୍ କୁସି କଉଚ, ଛୁରୀ, କଣ୍ଟା ଇତ୍ୟାଦି) ନାନାପ୍ରକାରର ପସନ୍ଦଯୋଗ୍ୟ ଦେଶୀ ଓ ବିଲାତି ଶ୍ୟାଳ; ଶାଢ଼ୀ, ମଲମଲ ଚଦର, ମୋଜା, ଗଞ୍ଜିଫରାକ, ଅଙ୍ଗରଖା କୋଟ, ରେସମୀକମେଇ ଓ ପାରସୀ ଶାଢ଼ୀ, ସୁନ୍ଦର ବେଣ୍ଟଲଗା ରେସମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତି ଛବି, ସରସା—ମେଜ, ଚୌକି, ଆଲମାରି—ସୁନେଲି ରଙ୍ଗ, ଦୁଧ-ପଫିଆଳକ, ଦୁଃସାଧ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସବୁବେଳେ ଅମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏତଦ୍ଭିନ୍ନ ଯେଉଁ ଜିନିଷର ଫରମାସ କରିବ ତାହା ଶୀଘ୍ର ସୁବିଧାଦରରେ ପଠାଇ ଦେଉଁ ।

ଅମ୍ଭେମାନେ ସହର ଓ ମୋଫସଲ ବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଆମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁ ପ୍ରାୟ ସମସ୍ତ ଜିନିସ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନି, ଆମେରିକା ପ୍ରଭୃତି ରାଜ୍ୟରୁ ଆଣାଇ ସୁବିଧାଦରରେ ବିକ୍ରୟ କରୁଅଛୁଁ ବ୍ୟବସାୟ ନିମନ୍ତେ ଏକଥରରେ ଅନେକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ କାରଖାନାର ଦରରେ ଅଳ୍ପ କମିଶନ ନେଇ ଶୀଘ୍ର ମାଲ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଅମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ । ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରିମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ ପଠାଯିବ କୌଣସି ଦ୍ରବ୍ୟ ପସନ୍ଦ ନ ହେଲେ ଫେରନ୍ତ ନେବାକୁ ସ୍ୱୀକୃତ ଅଛୁଁ ।

ଏସ, ବସକ କମ୍ପାନୀ

ଜେନେରଲ ମରଚେଣ୍ଟ ଓ କମିଶନ ଏଜେଣ୍ଟ ।
ନ ୨୦୦ ନମ୍ବର ହାରିସନ ରୋଡ଼ ବଡବଜାର
କଲିକତା

Digitized by srujanika@gmail.com

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଓ ୦/୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୫୭ ନଂ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅନେକ ଲୋକଙ୍କୁ ଔଷଧ ଅଣାଇବାକୁ ହେବ ବିଧି କେଶ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ। କଲେରା ବାକସ ପୁସ୍ତକ କ୍ୟାମ୍ଫାର ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୯/, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୫ ୬୦, ୭୨ ୧୪ ଶିଶି ୨.୩ ୩, ୫। ୬। ୭, ୧୧ ।

ଆୟୁର୍ବେଦୀୟ ଔଷଧାଳୟ ।

ପ୍ରମେହସୁଧା ଗନୋରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନୋରିଆ) ଶୋଣିତ ମୂତ୍ର ସ୍ରାବ ଶୋଣିତସ୍ରାବ,ମୂତ୍ରନାଳୀର କ୍ଷତ,ପ୍ରସ୍ରାବର ଯୋଡ଼ ଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ।

ଅମୃତାଦିକଷାୟ ବା ଦେଶୀ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବ ଦେଶୀୟ ସାଲସା ଦେଶର ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି ଭେଷଜଗୁଣ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କମ୍ପ ଅନ୍ୟବିଧ ଦୂଷିତ କ୍ଷତ, ଗଠରକ୍ତ, ଅମ୍ଳବାତ, କଷ୍ଟୋଟକ, ଗାତ୍ରକଣ୍ଡୁ, ଦାଦ, ଲୁତିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତ ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ ୰ ।

ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/ ପ୍ୟାକିଂ ଟ ୦ / ଡାକମାସୁଲ ଟ ୦ ୰ ।

ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ କେତେଦୂର ଭୟାନକ ରୋଗ ଏହା ଅବଶ୍ୟ ସ୍ୱାର୍ଥିତ୍ୱ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଶୁକ୍ରଜଳବତ୍ ପ୍ରସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ /, ପ୍ୟାକିଂ ଟ ୦ /, ଡାକମାସୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ସୁନାଭାଇ ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମ ଆଦି ଜିନିଷ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟାଠାରୁ ଘ ୮ ଟା ପର୍ଯ୍ୟନ୍ତ ଚିକିତ୍ସା ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ଶାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଚନ୍ଦ୍ରଚୂଡ଼ ଖଡ଼ଗରାୟଙ୍କ

ମହାଭାରତ ।

ସଟିକ ବନପର୍ବ ।

୩୭୬ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ, ଚିତ୍ର ଖଣ୍ଡ ମାନ ଦିଆ ହୋଇଅଛି । ଏ ପୁସ୍ତକ ବୃହତ ହେଲେ ହେଁ ଗ୍ରାହକମାନଙ୍କ ସୁବିଧା ସକାଶେ ମୂଲ୍ୟ ଟ ୨ ହୋଇଅଛି ।

ସଟିକ ବିରାଟପର୍ବ ମୂଲ୍ୟ		ଟ ୧ ୬ ଟ ୧
ସଟିକ ଉଦ୍ୟୋଗ ପର୍ବ	,,	ଟ ୫
ସଟିକ ଦ୍ରୋଣପର୍ବ	,,	ଟ ୧୯
କବକମନ ସ୍ୱଅଙ୍ଗ		ଟ ୦/୬
ମାଘ ମହାତ୍ମ୍ୟ		ଟ ୦୨

ଗ୍ରାହକେ କଟକ ବଇଶାଖୀକାଉନ୍ସ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇପାରିବେ ।

ଇଣ୍ଟ୍ରାନ୍ସ, ଏଫ୍‌ଏ, ଏମ୍ ଏ, ବି ଏ, ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ତୁଳୀ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ	
ଧାଡ଼ିପ୍ରତି	ଟ ୦ /
ଅଧସ୍ତମ୍ଭକୁ	ଟ ୨୯
ପୂର୍ଣ୍ଣ ଏକ ସ୍ତମ୍ଭକୁ	ଟ ୩୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଦର ଟ ୦ ୰ ରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ବଡ଼ ଦରଗାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା.

Split by PDF Splitter
Digitized by srujanika@gmail.com

Split by PDF Splitter

ପୁରୀ ରଥଯାତ୍ରା ।

ଗତ ତା ୧୪ ରିଖ ଶୁକ୍ରବାର ରଥ ତ୍ରୟ ଗୁଣ୍ଡିଚା ମଣ୍ଡପ ନିକଟରେ ଉପସ୍ଥିତ ହେବାରୁ ତା ୧୫ ରିଖ ଶନିବାର ସନ୍ଧ୍ୟା ସୁଦ୍ଧା ଠାକୁରମାନେ ଗୁଣ୍ଡିଚା ମଣ୍ଡପ ସିଂହାସନାସୀନ ହେଲେ । ଏଥର କେବଳ ବଡସିଂହାର ଭୋଗ ହୋଇଥିଲା ପରଦିନ ତା ୧୬ ରିଖ ରବିବାର ସନ୍ଧ୍ୟାଦ୍ଧ ଶଁଖ। ଏହି ଏକଦିନ କେବଳ ଶ୍ରୀ ଜଉଙ୍କର ଅନ୍ନଭୋଗ ହୋଇଥିଲା । ରଥ ଚଳିବାବେଳେ ସମସ୍ତେ ବୃଷ୍ଟିର ଆରମ୍ଭ ଓ ଓଲଉଠାର ପ୍ରାଦୁର୍ଭାବ ହେତୁ ଉତ୍ସାହ ସହିତ ରଥ ଟାଣିବାକୁ ବିଶେଷ ଲୋକ ଉପସ୍ଥିତ ନ ହେବାରୁ ରଥ ଗୁଣ୍ଡିଚାମନ୍ଦିରରେ ଉପସ୍ଥିତ ହେବାକୁ ଅଧିକ ସମୟ ଲାଗିଥିଲା । ଉକ୍ତ ଦିବସ ପ୍ରଭାତ ଖେଚଡ଼ୀ ଭୋଗ ସମୟ ଅଙ୍କବରୁ ହୋଇ ପାରି ନ ଥିଲା । ଏହା କେବଳ ମନ୍ଦିର କର୍ମଚାରୀମାନଙ୍କ ତ୍ରୁଟି ଜନିତ ଅଟେ । ତା ୧୭ ରିଖ ଠାକୁରମାନେ ଗୁଣ୍ଡିଚା ମନ୍ଦିର ସିଂହାସନ ଛାଡି ଜଗମୋହନ ସମ୍ମୁଖରେ ବିଜେ କଲେ କିନ୍ତୁ ବଡ଼ ଦୁଃଖର ବିଷୟ ଯେ ବର୍ତ୍ତିପକ୍ଷମାନଙ୍କର ଜିଦ୍ ଯୋଗରେ ୮ ଦିନ ମଧ୍ୟରେ ଉଭୟ ରଥ ଦକ୍ଷିଣମୂର୍ତ୍ତି ହୋଇଯିବାରୁ ତା ୨୨ ରିଖ ପର୍ଯ୍ୟନ୍ତ ଗତ ରବିବାର ଅପରାହ୍ଣରେ ପ୍ରଭୁମାନେ ... ଉଭୟ ତଡ ରଥାରୂଢ଼ ହେଲେ ଏବଂ ତତ୍ପରେ ବଳଦେବ ଜଉଙ୍କ ରଥ ଟଣା ହୋଇ ମାଉସୀ ମା ନିକଟରେ ଏବଂ ପରଦିନ ସୋମବାର ଦେବୀରଥ ବଡରଥର ପୃଷ୍ଠସ୍ଥ ହେଲେ । ତହିଁ ଆରଦିନ ଅର୍ଥାତ୍ ଗତ ମଙ୍ଗଳବାର ଶ୍ରୀ ଜଗନ୍ନାଥ ଦେବଙ୍କ ରଥ ଦେବୀରଥର ଗାର୍ଶ୍ବଗାମୀ ହେଲା ।

ସମସ୍ତ ବଙ୍ଗଦେଶୀୟ ଯାତ୍ରିମାନେ ବାହାର ଯାଇଥିଲେ । ଅନ୍ୟକାଳ ଅନ୍ୟାନ୍ୟ ଦେଶୀୟ ଯାତ୍ରିସଂଖ୍ୟା ଅତି ବିରଳ । ଯାତ୍ରିମାନେ ଶୀଘ୍ର ଯିବାରୁ ନଗରବାସିମାନଙ୍କ ଉପରେ ଓଲଉଠାର ବିଶେଷ ପ୍ରକୋପ ହୋଇଅଛି । ଅପେକ୍ଷାକୃତ ମୃତ୍ୟୁର ଅନୁପାତ ନ୍ୟୂନ ହେଉଥିଲେହେଁ ପ୍ରତ୍ୟହ ଉକ୍ତ ରୋଗରେ ଲୋକେ ମରୁଅଛନ୍ତି । ରୋଗ ସାତ ସାହିରେ ଲାଗିରହିଅଛି । କୌଣସି ବ୍ୟକ୍ତିକୁ ରୋଗ ଧରିଲେ ପୁଲିସରେ ଏତଲା ଦେଲେ ଡାକ୍ତର ଆସି ବିନା ଫିସରେ ଚିକିତ୍ସା କରିବେ । ଖାଦ୍ୟ ପାନୀୟସମ୍ବନ୍ଧରେ ସାବଧାନ ରହିବା ଘୋଷଣା ଦିଆଯାଇଅଛି । ଟାଉନମଧ୍ୟରେ ହରିସଂକୀର୍ତ୍ତନ, ଭାଗବତ ପାଠ ଓ ସ୍ଥାନେ ସ୍ଥାନେ ଗ୍ରାମଦେବୀମାନଙ୍କର ମାର୍ଜନା ଇତ୍ୟାଦି ଦୈବୀ କାର୍ଯ୍ୟ ଅନୁଷ୍ଠିତ ହେଉଅଛି । ଇତି ।

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED No. C. 81

261

ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୪ । ସଂଖ୍ୟା ୩୧ । ତା ୫ ରେଖ ମାହେ ଅଗଷ୍ଟ ସନ ୧୮୯୯ ମସିହା । ମୃ । ତ ୨୨ ଶ ଶ୍ରାବଣ ସନ ୧୩୦୭ ସାଲ ଶନିବାର । ଅଗ୍ରିମ ଟ ୨॥ ପଶ୍ଚାଦେୟ ଟ ୬୯

ଆଜ ଦିନ କଲିକତାରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ବର୍ଷା କାଳର ଅଧିବେଶନ ଆରମ୍ଭ ହୋଇଥିବ । କଲିକତା ମିଉନିସିପାଲିଟି ସମ୍ବନ୍ଧୀୟ ଆଇନର ପାଣ୍ଡୁଲିପି ଏହି ଅଧିବେଶନର ପ୍ରଧାନ ଆଲୋଚ୍ୟ ବିଷୟ ଅଟେ ।

ଏକ ପ୍ରଶ୍ନର ଉତ୍ତରରେ ଭାରତର ଷ୍ଟେଟ ସେକ୍ରେଟେରି ପାରଲାମେଣ୍ଟ ସଭାରେ ଜଣାଇଅଛନ୍ତି କି ବିଚାର ବିଭାଗ ଏବଂ କାର୍ଯ୍ୟ ବିଭାଗର ପାର୍ଥକ୍ୟ ବିଷୟକ ଦରଖାସ୍ତ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ନିକଟରୁ ରିପୋର୍ଟ ନିମନ୍ତେ ପଠା ଯାଇଅଛି । ଉତ୍ତର ନ ଆସିଲେ ସେ କିଛି କହି ପାରିବେ ନାହିଁ । ଆଶା ହୁଅଇ ଶୀଘ୍ର ଗୋଟାଏ ମୀମାଂସା ହେବ ।

ହାବଡ଼ା ଅନ୍ତର୍ଗତ ବିଶ୍ୱନାଥପୁରର ଜଣେ ପଞ୍ଚାଏତ ତାହାର ଅଧୀନସ୍ଥ ଚୌକିଦାରର ବେତନ ଦେବାକୁ ତ୍ରୁଟି କରିବାରୁ ତାହା ନାମରେ ଫଉଜଦାରୀ ଅଦାଲତରେ ଅଭିଯୋଗ ହୋଇ ସମନ ଜାରି ହେଲା । ସେହି ସମନ ଅମାନ୍ୟ କରିବାରେ ମାଜିଷ୍ଟ୍ରେଟ ତାହା ପ୍ରତି ଟ ୫୦ ଙ୍କା ଜରିମାନା ଓ ତାହା ନ ଦେଲେ ଏକମାସ ପର୍ଯ୍ୟନ୍ତ ବିନା କାରାବାସ ଦଣ୍ଡ ବିଧାନ କଲେ । ପଞ୍ଚାଏତମାନଙ୍କର ଏ ସମ୍ବାଦ ଶୁଣି ସାବଧାନ ହେବା ଉଚିତ ।

ଅଦ୍ୟାବଧି ବର୍ଷ ପରି ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଅଫିସମାନ ନବେମ୍ବର ମାସ ଶେଷପର୍ଯ୍ୟନ୍ତ ସିମିଲା ଠାରେ ନ ରହି ଏଥର ଅକ୍ଟୋବର ମାସ ତା ୨୮ ରିଖରେ ସିମ୍ଲାରୁ ବାହାରି ଆସିବେ ଏବଂ ନବେମ୍ବର ମାସ ଆରମ୍ଭରୁ କଲିକତାରେ ପହଞ୍ଚିବ । ଏଣିକି ପ୍ରତିବର୍ଷ ଏହିପରି ହେବ ବୋଲି କଥିତ ହୁଅଇ । ତାହା ହେଲେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଶୈଳବାସ ଲର୍ଡ କର୍ଜନଙ୍କ ଅମଲରେ ଏକ ମାସ ଊଣା ହେଲା ଏଥି ପାଇଁ ସେ ସର୍ବସାଧାରଣଙ୍କର କୃତଜ୍ଞତା ଭାଜନ ଅଟନ୍ତି ।

ଓଲାଉଠାର ଉପଦ୍ରବ ଏ ଯାଏଁ ଅନ୍ତର ହୋଇ ନାହିଁ । ତହିଁ ସଙ୍ଗେ ଆମାଶୟ ଓ ଅନ୍ୟ ପ୍ରକାର ଅତିସାର ରୋଗ ଯୋଗ ଦେଇଅଛି ନଗରବାସିମାନେ ବ୍ୟସ୍ତ ହୋଇ ହିନ୍ଦୁମାନେ ପ୍ରାୟ ପ୍ରତିଦିନ ନଗର କୀର୍ତ୍ତନ ଏବଂ ମୁସଲମାନମାନେ ସହର ବାହାର ଜରି ଦୂଲ ଅଛନ୍ତି । ମୋଫସଲର ନାନା ସ୍ଥାନରେ ରୋଗ ମାଡିଅଛି । ସୁସ୍ଥ ଲୋକଙ୍କ ଯୋଗେ ଏ ରୋଗର ଶାନ୍ତି ହୁଅନ୍ତା ହେଲେ ଏବଂ ବୋଧ ହୁଅଇ ଏ ସମୟର ବୃଷ୍ଟିର ଅଭାବ ଏବଂ ଗ୍ରୀଷ୍ମର ଆତିଶଯ୍ୟ ହେତୁ ଶୀଘ୍ର ପ୍ରଶମିତ ହେଉ ନାହିଁ ।

କୁମାର ରଣଜିତ ସିଂହଙ୍କର ବିଲାତ ବନ୍ଧୁମାନେ ତାହାଙ୍କୁ ନୂଆନଗର ରାଜ୍ୟ ପ୍ରାପ୍ତି ବଧାଇବା ବିଷୟ ବିଲାତର ପାର୍ଲିମେଣ୍ଟ ସଭାରେ ପକାଇବାର ଚେଷ୍ଟା କରୁଅଛନ୍ତି । ସର୍ ସେମ-ଲଙ୍କ ସେହି ସମ୍ବନ୍ଧରେ ଭାରତୀୟ ଷ୍ଟେଟ ସେକ୍ରେଟେରୀଙ୍କୁ ଗୋଟିଏ ପ୍ରଶ୍ନ କରିଥିଲେ । ସେକ୍ରେଟେରୀ ମହୋଦୟ ଉତ୍ତର ଦେଇଅଛନ୍ତି କି କୁମାର ରଣଜିତ ସିଂହଙ୍କର ପ୍ରାର୍ଥନା ସେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦେଇଅଛନ୍ତି ମାତ୍ର ସେ ସମ୍ବନ୍ଧରେ ପୂର୍ବେ ଯାହା ନିଷ୍ପତ୍ତି ହୋଇ ଯାଇଅଛି ତାହା ସେ ପୁନର୍ବାର ଉତ୍ଥାପନ କରୁ ନାହିଁ । ଅତଏବ ଦେଖା ଯାଏ ସେ କୁମାରଙ୍କର ଆଉ କିଛି ଆଶା ନାହିଁ ।

ଭୂତ ପ୍ରେତର ଗଳ୍ପ ଅନେକ ଶୁଣାଯାଏ ମାତ୍ର କେହି ଦେଖି ନାହିଁ । ଏଥିର ସମ୍ପ୍ରମାଣ କେତେକ ଦେଶୀୟ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ହେବାରୁ ଅଲଗଡ଼ ଜିଲ୍ଲା ନିବାସୀ ଡାକ୍ତର ମହମ୍ମଦ ଇଜସ ଖାଁ ବିଜ୍ଞାପନ ଦେଇଅଛନ୍ତି କି ଯେ କେହି ଭୂତ ପ୍ରେତ ଅସ୍ତିତ୍ୱ ତାହାଙ୍କ ହୃଦ୍‌ବୋଧମତେ ପ୍ରତ୍ୟକ୍ଷ କରାଇଦେବ ସେ ତାକୁ ଦୁଇଶତ ଟଙ୍କା ପୁରସ୍କାର ଦେବେ । ଭୂତିଆମାନେ ଉପୁର ହେଉନ୍ତୁ । ଏମନ୍ତ ସୁଯୋଗ ଘଟିବାର ନୁହେ । ଆପାତତଃ ଟ ୨୦୦ ଙ୍କା ପୁରସ୍କାର ଲାଭ ଏବଂ ନାମ ବାହାରିଲେ କେତେ ଲାଭ ହେବ ।

Digitized by srujanika@gmail.com

Split by PDF Splitter

ଭାରତର ଶ୍ରେଷ୍ଠ ଓ ବଡ଼ ମାପର ସମସ୍ତ ରେଲୱେର କାର୍ଯ୍ୟ ଚଳାଇବାରେ ସନ ୧୮୯୭ ସାଲରେ ୧୩,୭୧,୯୬୫ ଟନ ଏବଂ ସନ ୧୮୯୮ ସାଲରେ ୧୪,୫୧,୨୯୪ ଟନ ପଥରକୋଇଲା ଖରଚ ହୋଇଥିଲା । ପ୍ରତିବର୍ଷ ରେଲୱେର ବିସ୍ତାର ଅନୁସାରେ ପଥରକୋଇଲା ଖରଚ ବଢ଼ୁଅଛି । ପୂର୍ବେ କେବଳ ବିଲାତି ପଥରକୋଇଲା ଖରଚ ହେଉଥିଲା । ସମ୍ପ୍ରତି ଦେଶୀ ପଥରକୋଇଲା ତହିଁ ସଙ୍ଗେ ମିଶୁଅଛି । ଗତ ବର୍ଷ ଦେଶୀ କୋଇଲା ଶତକଡ଼ା ପ୍ରାୟ ଟ ୭ ନ ବୃଦ୍ଧି ଏବଂ ବିଲାତି କୋଇଲା ଶତକଡ଼ା ପ୍ରାୟ ଟ ୨୧ ନ ଊଣା ହୋଇଥିଲା । ଏହା ଶୁଭ ଲକ୍ଷଣ ଅଟେ ।

ଭାରତୀୟ ବ୍ୟବସ୍ଥାପକ ସଭାରେ ମାନ୍ଦ୍ରାଜ ପ୍ରଦେଶର ପ୍ରତିନିଧି ସଭାର ପଦଶୂନ୍ୟ ହେବାରୁ ମାନ୍ଦ୍ରାଜବାସିମାନେ ପୁନର୍ବାର ଶ୍ରୀଯୁକ୍ତ ଆନନ୍ଦଚାର୍ଲୁଙ୍କୁ ନିର୍ବାଚନ କରିଅଛନ୍ତି । ଏହା ସୁବକ୍ତା ମହାଶୟଙ୍କର ଦ୍ୱିତୀୟଥର ନିର୍ବାଚନ ଅଟେ ଏବଂ ଏଥିରୁ ପ୍ରକାଶ ଯେ ତାହାଙ୍କଠାରେ ମାନ୍ଦ୍ରାଜବାସିଙ୍କର ବିଶ୍ୱାସ ଓ ଭକ୍ତି ଅଟଳ ରହିଅଛି । ବାସ୍ତବରେ ଉକ୍ତ ମହାଶୟ ସବୁ ପ୍ରକାରେ ଏହି ଉଚ୍ଚ ସମ୍ମାନର ଯୋଗ୍ୟ ଅଟନ୍ତି । ସେ ଯେବେ ତାହାଙ୍କର ପ୍ରସ୍ତାବିତ ଦେବୋତ୍ତର ସମ୍ପତ୍ତି ଘଟିତ ଆଇନର ସଂଶୋଧନ କରି ପାରିବେ ତେବେ ସମସ୍ତ ଭାରତବାସୀ ତାହାଙ୍କଠାରେ କୃତଜ୍ଞ ହେବେ ।

ଭାରତର ରେଲୱେ ସମୂହରେ ସର୍ବ ସୁଦ୍ଧା ୩,୦୮,୦୦୦ ଲୋକ ଚାକିରି କରୁଅଛନ୍ତି । ସେମାନଙ୍କ ମଧ୍ୟରେ ୫୦୦୦ ଇଉରୋପୀୟ ୮୦୦୦ ଫିରଙ୍ଗି ଏବଂ ୨୯୫୦୦୦ ଏ ଦେଶୀୟ ଅଟନ୍ତି । ଗତବର୍ଷ ୧୦୦୦୦ ଦେଶୀୟ କର୍ମଚାରୀ ବୃଦ୍ଧି ହୋଇଥିବା ସ୍ଥଳେ କେବଳ ଟ ୫୦ ଜଣ ଫିରଙ୍ଗି ଅଧିକା ନିଯୁକ୍ତ ହୋଇଥିଲେ । ଫିରଙ୍ଗି ସଂଖ୍ୟା ବୃଦ୍ଧିର ଅନୁପାତ ନିତାନ୍ତ ଊଣା ଦେଖି ଗବର୍ଣ୍ଣମେଣ୍ଟ ଫିରଙ୍ଗି ସଭାରୁ ତହିଁର କାରଣ ଅନୁସନ୍ଧାନ ନିମନ୍ତେ ପତ୍ର ଲେଖିଅଛନ୍ତି । ସମ୍ଭବତଃ ଫିରଙ୍ଗିମାନେ ବିଲାତୀ ସାହେବମାନଙ୍କ ପରି ମୋଟା ବେତନ ଖୋଜିବାରୁ ଚାକିରି ପାଉ ନାହାନ୍ତି । ଦେଶୀୟମାନେ ଅଳ୍ପ ବେତନରେ ସନ୍ତୁଷ୍ଟ ହୋଇ କାର୍ଯ୍ୟ ଲାଭ କରୁଅଛନ୍ତି । ଫିରଙ୍ଗିମାନେ ଏ ଦେଶର ଅବସ୍ଥା ଅନୁସାରେ ଚଳିବାକୁ ଅଭ୍ୟାସ ନ କଲେ ସେମାନଙ୍କ ନିର୍ବାହର କଷ୍ଟରୁ ରକ୍ଷା ପାଇ ପାରିବା କଠିନ ହେବ ।

'ଜଣେ କେହି ଗ୍ରାମବାସୀ' ଲେଖି ଅଛନ୍ତି ଯେ ବହୁରୂଦ ମାଇନର ସ୍କୁଲର ବାବୁ ବୃନ୍ଦାବନ ଘୋଷ ସେକ୍ରେଟେରୀ ଥିବା ବେଳେ ଯେପରି ଚଳୁଥିଲା ବର୍ତ୍ତମାନ ସେପରି ଚଳୁ ନାହିଁ ଏବଂ ନୂତନ ସେକ୍ରେଟେରୀଙ୍କୁ ବିଶେଷ ମନୋଯୋଗୀ ହେବା ନିମନ୍ତେ ଅନୁରୋଧ କରିଅଛନ୍ତି । ଆମ୍ଭେମାନେ ଅନୁମାନ କରୁଁ କି ଯେତେବେଳେ ସେକ୍ରେଟେରୀ କେବଳ ସାଧାରଣ ହିତ ସାଧନ ଉଦ୍ଦେଶ୍ୟରେ ବିନା ବେତନରେ ଟେକ୍ରେଟେରୀ ମହାଶୟ ସେକ୍ରେଟେରୀର ଭାର ଗ୍ରହଣ କରିଅଛନ୍ତି ସେତେବେଳେ ସେ ଯଥାସାଧ୍ୟ ଆପଣାର ଦାୟିତ୍ୱର ସୁବିଚାର କରିବାକୁ ଅବଶ୍ୟ ଯତ୍ନବାନ୍ ହେବେ ଏବଂ ଯେବେ କୌଣସି କାରଣରୁ ସେ ଭାର ନିର୍ବାହ କରିବାକୁ ଅକ୍ଷମ ହୁଅନ୍ତି ତେବେ ତାହା ତ୍ୟାଗ କରିବା ଉଚିତ । ଏଣୁ ସକଳ ଲୋକର କାର୍ଯ୍ୟଦକ୍ଷତା ସମାନ ନୁହେ । ଗ୍ରାମବାସିମାନେ ସାଧାରଣ ସ୍ୱାର୍ଥ ପ୍ରତି ମନୋଯୋଗୀ ହୋଇ ଗ୍ରାମ୍ୟ ସ୍କୁଲର କମିଟି ବା ସେକ୍ରେଟେରୀଙ୍କୁ ଯଥୋଚିତ ସାହାଯ୍ୟ କରିବା ଉଚିତ । ତାହା ହେଲେ ଅବଶ୍ୟ ସ୍କୁଲରୁ ଭଲ କାର୍ଯ୍ୟ ଚଳିବ ।

ମାନନୀୟ ବାଳଗଙ୍ଗାଧର ତିଲକ ମହାଶୟ 'କେଶରୀ' ନାମକ ସମ୍ବାଦପତ୍ରରେ ଗବର୍ଣ୍ଣମେଣ୍ଟଙ୍କର ଅଭକ୍ତିସୂଚକ ପ୍ରବନ୍ଧ ଲେଖିବା ଅଭିଯୋଗରେ ଦୀର୍ଘକାଳ ଦଣ୍ଡ ଭୋଗ କରୁଥିବା କଥା ପାଠକମାନଙ୍କୁ ଅବିଦିତ ନାହିଁ । ଉକ୍ତ ମହାଶୟ କେତେକାଳ ଦଣ୍ଡ ଭୋଗ କଲା ପରେ ଗବର୍ଣ୍ଣମେଣ୍ଟଙ୍କ ଦୟାରୁ ମୁକ୍ତିଲାଭ କରି ଘରକୁ ଯାଇ ବିଶ୍ରାମ ନେଇଥିଲେ । ପୁଣି ଗତ ମାସରୁ ସେ ସେହି କେଶରୀ ପତ୍ରିକାର ସମ୍ପାଦକର ଭାର ଗ୍ରହଣ କରିଅଛନ୍ତି ଏହା ଆନନ୍ଦର ବିଷୟ ଅଟେ । ତିଲକ ମହାଶୟ ଜଣେ ସ୍ୱଦେଶାନୁରାଗୀ ଏବଂ ପ୍ରତିଭାଶାଳୀ ଲୋକ ଅଟନ୍ତି, ତାହାଙ୍କଦ୍ୱାରା ପୁଣି କେଶରୀର ଉନ୍ନତି ହେବ । ସେ କେଶରୀ ପତ୍ରର ସମ୍ପାଦକତା ଭାର ଅଦ୍ୟରୁ ଗ୍ରହଣ କରି ସାଧାରଣ ସେବା ସଂଗ୍ରହ ଓ ଗତବର୍ଷ ଷ୍ଟକ୍ସାର ସ୍ୱତ୍ୱ ଇତ୍ୟାଦିଦ୍ୱାରା ୫୨୫୦ ଲାଭ ଗର୍ବ୍ବ ଅଧିକ ବଳ ତହିଁରୁ ଔଷଧି ବାର୍ଷିକ ବ୍ୟୟ ନିର୍ବାହ ଉପରୁ ୫ ୧୯୮୫ ଜମା ରଖିଅଛନ୍ତି । ସେ ଏମନ୍ତ ନିଃସ୍ୱାର୍ଥ ଭାବରେ ସେହି ପତ୍ରର କାର୍ଯ୍ୟ ନିର୍ବାହ କରୁଅଛନ୍ତି ଯେ ପ୍ରାପ୍ତିସ୍ୱୀକାର ବିଜ୍ଞାପନ ଇତ୍ୟାଦି ପ୍ରକାଶ କରିବାର ସମସ୍ତ ବ୍ୟୟ ପତ୍ରରୁ ନ ନେଇ ଆପଣା ହାତରୁ ଦେଉଅଛନ୍ତି ।

ଗତ ମାସ ତା ୨୯ ରଖର ଇଣ୍ଡିଆ ଗଜେଟରୁ ପ୍ରକାଶ ଯେ ମାନ୍ଦ୍ରାଜ ପ୍ରଦେଶରେ ଏପର୍ଯ୍ୟନ୍ତ ନିତାନ୍ତ ଊଣା ବୃଷ୍ଟି ହେବାରୁ ଫସଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି । ବମ୍ବେଇ ପ୍ରଦେଶର ଅନ୍ତର୍ଗତ ନଜେପୁର ବିଭାଗରେ ଛୋଟ ଗଛ ସବୁ ଶୁଖି ଗଲାଣି ଏବଂ ଦେକାନ, ଗୁଜରାଟ ଓ କାଟେଡ଼ବାର ବିଭାଗର ସ୍ଥାନେ ଶୁଖି ଯାଉଅଛି । ମଧ୍ୟପ୍ରଦେଶରେ ଅବଧି ନ ୮୨୪୦ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଅଛନ୍ତି, ବୃଦ୍ଧା ନାଗପୁର, ସମ୍ବଲପୁର ଓ ବିଳାସପୁରରେ ଜଳର ଅତ୍ୟନ୍ତ ପ୍ରୟୋଜନ, ଓରଦା ଜଲରେ ଆଲଗଛ ସବୁ ଶୁଖିବାର ଆରମ୍ଭ ହୋଇଅଛି ଏବଂ ବେତୁଲ ଓ ଛିନ୍ଦବାଡ଼ାରେ ମଧ୍ୟ ଜଳର ଅଭାବ ଊଣା ନୁହେ । ଭାରତର ଅନ୍ୟ ପ୍ରଦେଶମାନଙ୍କରେ ବିଶେଷତଃ ବ୍ରହ୍ମା ଏବଂ ବଙ୍ଗଳାରେ ଯଥେଷ୍ଟ ବୃଷ୍ଟି ହୋଇଅଛି ଏବଂ ଫସଲର ଅବସ୍ଥା ମନ୍ଦ ନୁହେ । ଏବର୍ଷ ହିନ୍ଦୁ ପଞ୍ଜିକା ମତେ ମେଘର ଦୁରବସ୍ଥା । ଚତୁର୍ଦ୍ଦିଗ ବୁଲି ଜଳ ବର୍ଷିବାର ସମ୍ଭବ ନାହିଁ ବୋଲି ଏହି ପ୍ରଦେଶରେ ଯଦି ବର୍ଷିବ ତେବେ ମେଘ ଜଳ ଢାଳିଦେଇ ଆପଣାର କାର୍ଯ୍ୟ ସମର ଦେଖାଉଛନ୍ତି ପରା ?

ସମ୍ବଲପୁର ହିତୈଷିଣୀରେ ଅତ୍ୟନ୍ତ ଆନନ୍ଦ ସହିତ ପାଠ କଲୁଁ କି ମାନ୍ୟବର ବାମଣ୍ଡାଧୀଶ୍ୱର ଶ୍ରୀ ଜଗନ୍ନାଥର ଦନ୍ତ ବଳବ୍ରାଜଙ୍କୁ ମାସିକ ଟ ୨୦ ଟଙ୍କା ବେତନରେ ଦେଶୀୟ ଚିକିତ୍ସା କରିବା କାରଣ ନିଯୁକ୍ତ କରିଅଛନ୍ତି । ବେତନ ଉପରେ ଅନ୍ୟ ମୂଲ୍ୟରେ ଖାଦ୍ୟ ସାମଗ୍ରୀ ପାଇବେ । ସେ ରାଜ୍ୟର ୨୪ ଜଣଙ୍କୁ ଚିକିତ୍ସା ଶିକ୍ଷା ଦେବାର ନିମନ୍ତେ କରିବା କାରଣ ସହଯୋଗୀ ରାଜା ମହୋଦୟଙ୍କୁ ପରାମର୍ଶ ଦେଇଅଛନ୍ତି । ଏହା ଅବଶ୍ୟ ସୁପରାମର୍ଶ ଅଟେ । ଏଣୁ ମାନ୍ୟବର ରାଜାଙ୍କଠାରେ ଆମ୍ଭମାନଙ୍କର ଅନୁରୋଧ ଏହି ଯେ ଯେବେ କଣ୍ଟୁକ ମହାଶୟ ସେ ରାଜ୍ୟର ଜନସାଧାରଣଙ୍କର ଚିକିତ୍ସା କରିବା ନିମନ୍ତେ ନିଯୁକ୍ତ ହୋଇଅଛନ୍ତି ତେବେ ତାହାଙ୍କ ପ୍ରତି ଇଂରାଜୀ ଚିକିତ୍ସା ଅର୍ଥାତ ଡାକ୍ତରଖାନାର ଆଦର୍ଶରେ ରୋଗିଙ୍କର ଦୈନିକ ବିବରଣୀ ରଖିବା ଏବଂ ଚିକିତ୍ସାର ଫଳାଫଳ

Digitized by srujanika@gmail.com

Split by PDF Splitter

ନିଷ୍ପନ୍ନ ସାମୟିକ ତାଲିକା ପ୍ରସ୍ତୁତ କରି ଦେବ। ଉପାଧାନ ହେଉ ଯେ ତଦ୍ୱାରା କେଉଁ ପ୍ରଣାଳୀର ଚିକିତ୍ସା ପ୍ରତି ଲୋକଙ୍କର କି ପରିମାଣ ଅନୁରାଗ ଏବଂ ଫଳ ଲାଭ ହେଉଅଛି ସର୍ବ ସାଧାରଣ ବୁଝି ପାରିବେ। ଏଥିରେ ବିଶେଷ ପରିଶ୍ରମ ବା ବ୍ୟୟର କଥା ନାହିଁ। ମାତ୍ର ଉପକାର ଅନେକ ହେବ ଏବଂ ଅର୍ଥବ୍ୟୟର ସାର୍ଥକତା ଜଣା ପଡ଼ିବ। ଅନ୍ୟାନ୍ୟ ଯେଉଁ ରାଜା ଜମିଦାରମାନେ ଦେଶୀୟ ଚିକିତ୍ସା ନିମନ୍ତେ କବିରାଜ ନିଯୁକ୍ତ କରିଅଛନ୍ତି ସେମାନଙ୍କୁ ମଧ୍ୟ ଏହିପରି ବ୍ୟବସ୍ଥା କରିବା କାରଣ ଅନୁରୋଧ କରୁଅଛୁଁ।

ପାଠକମାନଙ୍କର ସ୍ମରଣ ଅଛି ଯେ ବଙ୍ଗଦେଶର ସ୍ମାର୍ତ୍ତ ପଣ୍ଡିତ ପଞ୍ଜିକାମାନଙ୍କରେ ଶାସ୍ତ୍ରର ପ୍ରଭେଦ ଦେଖାଯିବା ଏବଂ ତଦ୍ୱାରା ଧର୍ମ କର୍ମାଦିର ଯଥାର୍ଥ କାଳ ନିର୍ଣ୍ଣୟ କରିବା ବଡ଼ ସନ୍ଦେହଜନକ ହେବାରୁ ଗତବର୍ଷ ହେଲା ତହିଁର ପ୍ରତୀକାର ନିମନ୍ତେ ଗୋଟିଏ ସଭା ଗଠିତ ହୋଇଥିଲା। ମହାରାଜା ସର ଯତୀନ୍ଦ୍ର ମୋହନ ଠାକୁର ବାହାଦୁର, ରାଜା ବନବିହାରୀକପୁର, ରାଜା ପ୍ୟାରୀମୋହନ ମୁଖର୍ଯ୍ୟା ପ୍ରଭୃତି ସେହି ସଭାର ସଭ୍ୟ ଏବଂ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନ ଏବଂ ରାଜା ବିନୟକୃଷ୍ଣ ବାହାଦୁର ସମ୍ପାଦକ ଅଟନ୍ତି। ପାଞ୍ଜି ଗଣନାର ସୁବିଧା ନିମନ୍ତେ ଗୋଟିଏ ବିଶୁଦ୍ଧ ସାରଣୀ ପ୍ରସ୍ତୁତ କରାଇ ପ୍ରଚାର କରିବାର ଆବଶ୍ୟକତା ସଭା ସ୍ଥିର କରି ଭାରତର ସର୍ବଶ୍ରେଷ୍ଠ ଜ୍ୟୋତିଷ କାଶୀଧାମ ନିବାସୀ ମହାମହୋପାଧ୍ୟାୟ ସୁଧାକର ଦ୍ୱିବେଦୀଙ୍କୁ ସାରଣୀ ପ୍ରସ୍ତୁତ କରିବା କାରଣ ନିଯୁକ୍ତ କଲେ। ଦ୍ୱିବେଦୀ ମହାଶୟ ବହୁବର୍ଷ ପରିଶ୍ରମ କରି ତାହା ପ୍ରସ୍ତୁତ କରିଅଛନ୍ତି। ଏଥିରୁ ସଭା ଏହି କାର୍ଯ୍ୟ ନିମନ୍ତେ ଯେତେ ଟଙ୍କା ସଂଗ୍ରହ କରିଥିଲେ ତାହା ବ୍ୟୟ ହୋଇ ଅଧିକ ଟ ୩୫୦୦ ଙ୍କା ଦେଣ ଅଛି ଏବଂ ଦ୍ୱିବେଦୀ ମହାଶୟଙ୍କର ପାରିଶ୍ରମିକ ଏବଂ ଅନ୍ୟାନ୍ୟ ବ୍ୟୟ ନିମନ୍ତେ ଅନ୍ତତଃ ଟ ୪୦୦୦ ଙ୍କା ପ୍ରୟୋଜନ। ଏଥିପାଇଁ ସଭା ହିନ୍ଦୁ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି। ବଙ୍ଗଳାର ଧନବାନ ଏବଂ ବଦାନ୍ୟ ବ୍ୟକ୍ତିଗଣ ମନେ କଲେ ଉପରଲିଖିତ ଟଙ୍କା ଏକ ଜଣ ଦେଇପାରନ୍ତି ଏବଂ ଅଚିରେ ତାହା ସଂଗୃହୀତ ହେବ ସନ୍ଦେହ ନାହିଁ। କାଶିମବଜାରର ମହାରାଜା ମଣୀନ୍ଦ୍ରଚନ୍ଦ୍ର ନନ୍ଦୀ ସାରଣୀ ଛପାଇବାର ସମସ୍ତ ବ୍ୟୟ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି। ଅମ୍ଭେମାନେ ଆଶା କରୁଁ କି ଏହି ମହତ୍ କାର୍ଯ୍ୟ ସାଧନରେ ଆଉ ବିଳମ୍ବ ହେବ ନାହିଁ। ଏପର ଯେଉଁମାନେ ଏଥିରେ ଅର୍ଥ ସାହାଯ୍ୟ କରିବାକୁ ଇଚ୍ଛା କରନ୍ତି ସେମାନେ ଶୀଘ୍ର ତାହା ଉପରଲିଖିତ ସମ୍ପାଦକମାନଙ୍କ ନିକଟକୁ ପଠାଇ ଦେବେ।

ପ୍ରସିଦ୍ଧ ପାରସୀ ବଣିକ ଜେମସ ଟାଟାଙ୍କ ସେଇକାଳକୀ ସନ ୧୮୭୪ ସାଲରେ ୧୫ ଲକ୍ଷ ଟଙ୍କା ମୂଳଧନରେ ଏକ କମ୍ପାନୀ କରି ନାଗପୁରଠାରେ ଏମ୍ପ୍ରେସମିଲ ନାମରେ ଗୋଟିଏ ଲୁଗା ବୁଣା କାରଖାନା ସ୍ଥାପନ କରିଥିଲେ। ପ୍ରତ୍ୟେକ ଅଂଶର ମୂଲ୍ୟ ଟ ୫୦୦ ଙ୍କା ଥିଲା। କଳ ଇତ୍ୟାଦି ବସାଇ କାର୍ଯ୍ୟାରମ୍ଭ କରିବାରେ ପ୍ରାୟ ୩ ବର୍ଷ ଲାଗିଥିଲା। ଏ ୨୦।୨୧ ବର୍ଷ ହେଲା ଏହି କଳଟି ଏମନ୍ତ ଲାଭଜନକ ରୂପେ ଚାଲୁଅଛି ଯେ ଏଥିମଧ୍ୟରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅର୍ଥାତ୍ ମୂଳଧନର ପ୍ରାୟ ୭ ଗୁଣ ଲାଭ ହୋଇସାରିଅଛି ଏବଂ ପ୍ରତି ଟ ୫୦୦ ଙ୍କାର ଅଂଶର ମୂଲ୍ୟ ଟ ୫୦୦୦ ଙ୍କା ଅର୍ଥାତ୍ ଦଶଗୁଣ ବୃଦ୍ଧି ହୋଇଅଛି। ଅଂଶୀଦାରମାନେ ଏପର୍ଯ୍ୟନ୍ତ ପ୍ରାୟ ୭୮ ଲକ୍ଷ ଟଙ୍କା ଅର୍ଥାତ୍ ମୂଳଧନର ୫ ଗୁଣ ଉପରନ୍ତୁ ଅର୍ଥାତ୍ ଲାଭ ପାଇସାରିଲେଣି। ଏହି କଳରେ ପ୍ରତିଦିନ ପ୍ରାୟ ୪ ହଜାର ଲୋକ କାର୍ଯ୍ୟ କରନ୍ତି ଏବଂ ବର୍ଷରେ ଦେଢ଼ଲକ୍ଷ ମହଣ ସୂତା ଓ ଲୁଗା ପ୍ରସ୍ତୁତ ହୁଏ। ବିଚକ୍ଷଣତା, ସାବଧାନତା ଏବଂ ସରଳତା ସହିତ କାର୍ଯ୍ୟ କଲେ ଯୌଥ ବ୍ୟବସାୟ କେମନ୍ତ ଲାଭଜନକ ଏହି କମ୍ପାନି ତହିଁର ଜ୍ୱଳନ୍ତ ପ୍ରମାଣ ହେଉଅଛି। ଏମନ୍ତ ସୁଫଳ ସମସ୍ତଙ୍କର ଭାଗ୍ୟରେ ଘଟେ ନାହିଁ। ବୃହତ କ୍ଷୁଦ୍ର ବ୍ୟାପାରର ତୁଳନା ଅସଙ୍ଗତ ବିବେଚନା ହେଲେ ଏ ନଗରର କଟକ ପ୍ରିଣ୍ଟିଂ କମ୍ପାନି ଟ ୭୨୦୦ ଙ୍କା ମୂଳଧନରେ ଯୌଥ ବ୍ୟବସାୟ ସନ ୧୮୭୫ ସାଲରେ ଆରମ୍ଭ କରି ୨୪ ବର୍ଷ ମଧ୍ୟରେ ଟ ୩୭୫୩୧ ଙ୍କା ଲାଭ କରି ତହିଁ ମଧ୍ୟରୁ ଅଂଶୀମାନଙ୍କୁ ଟ ୨୮୩୬୭ ଙ୍କା ଅର୍ଥାତ୍ ମୂଳଧନର ୪ ଗୁଣ ଲାଭ ଦେଇଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଟଙ୍କା ମୂଳପାଣ୍ଠି ସଙ୍ଗେ ଦେଇଅଛି। ଭରସା କରୁଁ ଅସ୍ମଦ୍ଦେଶୀୟମାନେ ଏ ସବୁ ଦୃଷ୍ଟାନ୍ତର ସ୍ମରଣରେ ବିଶ୍ୱାସ କରି ଯୌଥ କାରବାରରେ ପ୍ରବୃତ୍ତ ହୋଇ ନିଜର ଏବଂ ସ୍ୱଦେଶର ଉନ୍ନତିର ସାହାଯ୍ୟ କରିବେ।

ଗତବର୍ଷରୁ ବିଦେଶୀୟ ନାନା ଉପନିବେଶକୁ ଯେ ସମସ୍ତ କୁଲି ପ୍ରେରିତ ହୁଅନ୍ତି ସେମାନଙ୍କର ରକ୍ଷା ନିମନ୍ତେ ଗୋଟିଏ ସରକାରୀ ମହକୁମା ଅଛି। ସେହି ମହକୁମାର ସନ ୧୮୯୮ ସାଲର ବାର୍ଷିକ ବିବରଣରୁ ପ୍ରକାଶ ଯେ ସେ ବର୍ଷ ୭୦୩୭ ଜଣ କୁଲି କଲିକତା ବନ୍ଦର ବାଟେ ଯାଇଥିଲେ। ତହିଁ ପୂର୍ବ ବର୍ଷରେ ଯାଇଥିବା କୁଲିଙ୍କ ସଂଖ୍ୟା ୭୩୭୦ ଜଣ ଥିଲା। ଡେମେରେରା, ତ୍ରିନିଦାଦ, ଫିଜି, ଏବଂ ନେଟାଲ ଏହି ଚାରି ଉପନିବେଶକୁ ଅଧିକାଂଶ କୁଲି ପ୍ରେରିତ ହୋଇଥିଲେ। ମରିଚଦ୍ୱୀପକୁ ଏବଂ ଜାମେକାକୁ ଆଦୌ ଯାଇ ନାହାନ୍ତି ଏବଂ ଫିଜି ଓ ସୁରିନାମକୁ ୮୦୦ ଜଣ ଲେଖାଏଁ ଯାଇଥିଲେ। ଏହି ସମସ୍ତ କୁଲିଙ୍କ ମଧ୍ୟରେ ବଙ୍ଗଳା ଏବଂ ବିହାରବାସୀ ଯଥାକ୍ରମେ ଶତକଡ଼ା ୭ ଓ ୭ ଥିଲେ। ସୁତରାଂ ଅଧିକାଂଶ କୁଲି ପଶ୍ଚିମ ଅର୍ଥାତ୍ ଉତ୍ତରପଶ୍ଚିମ ଏବଂ ଅଯୋଧ୍ୟାର ଲୋକ ଥିଲେ। ଏହି ଅନୁପାତ ଅନ୍ୟାନ୍ୟ ବର୍ଷ ସଙ୍ଗେ ପ୍ରାୟ ସମାନ ଅଟେ। ଗତ ବର୍ଷ ପରି ଏବର୍ଷ ମଧ୍ୟ ଏମାନଙ୍କର ସ୍ୱାସ୍ଥ୍ୟ ଭଲ ଥିଲା ଅର୍ଥାତ୍ ଯିବା ଓ ଆସିବା ବେଳେ ଜାହାଜରେ ଅଳ୍ପ ଲୋକ ମରି ପଡ଼ିଥିଲେ। କଥିତ ବର୍ଷରେ ଉପର ଲିଖିତ ୭ ଉପନିବେଶରୁ ୩୫୧୭ ଜଣ କୁଲି ଫେରି ଆସିଥିଲେ ଯେ ସେମାନେ ପ୍ରାୟ ୫ ଲକ୍ଷ ଟଙ୍କା ରୋଜଗାର କରି ସଙ୍ଗେ ଆଣିଥିଲେ। ତାହାହାର ହେସାବ କଲେ ଏକ ଜଣ ପ୍ରାୟ ଟ ୧୩୭ ଙ୍କା ଲେଖାଏଁ ଆଣିବାର ପ୍ରକାଶ ପାଏ। ମାତ୍ର ସକଳ ସ୍ଥାନର କୁଲିଙ୍କ ଲାଭ ସମାନ ନୁହେ। ଯଥା, ଫିଜିଦ୍ୱୀପରୁ ଫେରନ୍ତା କୁଲି ଜଣ ପ୍ରତି ଟ ୨୩୩ ଙ୍କା ସଞ୍ଚୟ କରି ଆଣିଥିବା ପକ୍ଷରେ ମରିଚଦ୍ୱୀପର ଫେରନ୍ତା କୁଲି ଟ ୧୫ ଙ୍କାରୁ ଅଧିକ ଆଣି ପାରି ନାହିଁ। ଆଉପର ମାନ୍ୟବର ଗ୍ରେଟଲାଣ୍ଡ ବାହାଦୁର ସ୍ୱୟଂ ଅନୁସନ୍ଧାନ କରି ଦେଖିଅଛନ୍ତି କୌଣସି ଏକ ସ୍ଥାନର ଏକ ଜାହାଜରେ ଫେରି ଆସିବା କୁଲିଙ୍କ ମଧ୍ୟରୁ ଅଧିକାଂଶ ନ୍ୟୂନ ବସ୍ତ୍ରରେ ଆସିଅଛନ୍ତି। ଅବଶ୍ୟ ସେମାନଙ୍କ ମଧ୍ୟରେ କେତେକ ଲୋକ ପରିମିତ ବ୍ୟୟୀ ଓ କେତେକ ଲୋକ ତହିଁର ବିପରୀତ ସ୍ୱଭାବପନ୍ନ ଥିବା ହେତୁ ସଞ୍ଚିତ ଅର୍ଥର ତାରତମ୍ୟ ଘଟିବା ସମ୍ଭବ। ତଥାପି ଗ୍ରେଟଲାଣ୍ଡ ସେମାନଙ୍କର ସଞ୍ଚିତ ଧନର ଅଧିକ ସମତା ଦେଖିବାକୁ ଆଶା କରନ୍ତି। ଅତଏବ କେଉଁ ସ୍ଥାନର କୁଲିମାନେ କି ପ୍ରକାର ଆୟ କରନ୍ତି ଓ ତାହା କିପରି ବ୍ୟୟ ହେବାରୁ ଊଣା ବା ଅଧିକ ଟଙ୍କା

Digitized by srujanika@gmail.com

ସେଠାରେ ଅସନ୍ତି ତାହାଁର ବିଶେଷ ଅନୁସନ୍ଧାନ ହେବା ଉଚିତ । ବାସ୍ତବରେ ବିଦେଶକୁ ଯାଇ ଯେବେ କିଛି ରୋଜଗାର କରି ଆଣି ନ ପାରନ୍ତି ତେବେ ତାହାଙ୍କୁ ପଠାଇବା ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ କରିବା ସାର୍ଥକ ହେଉ ନାହିଁ ।

ବିଲାତି-ଚୋର ।

ବିଲାତରେ ଜଣକ ଘରେ ଜଣଜଣ ଚୋର ସିନ୍ଧି କରି ଅନେକ ମାଲ ଚୋରିକରି ନେଇଗଲେ । ସେମାନେ ବାହାରିଯିବା ସମୟରେ ଗୃହସ୍ଥ ଜାଗ୍ରତ ହୋଇ ଜଣେ ଚୋରକୁ ଅଖୁଡ଼ିପକାଇଲା ଓ ତାହାର କୋଟରୁ ଗୋଟିଏ ବୋତାମ ଖସିପଡ଼ିଲା ଏତକ କ୍ଷଣରେ ପୁଲିସ ଚୋରମାନଙ୍କୁ ଧରି ନ ପାରିଲେ ଓ ଅନେକ ଦିନ ଗତ ହୋଇଯିବାରୁ ଚୋରି ତଥା ସମସ୍ତଙ୍କର ବିସ୍ମରଣ ହୋଇଯିବାର ଜାଣି ଜଣେ ଚୋର ଚୋରିମାଲମାନ ବିକିଲା । ପୁଲିସ ଏଥିର ସନ୍ଧାନ ପାଇ ତାକୁ ଧରିଲେ । ତାହା ଦେହରେ ଅଖୁଡ଼ା ଦାଗ ଥିଲା ଓ ତାହା କୋଟରେ ଗୋଟିଏ ବୋତାମ ନ ଥିଲା ଓ ତାହାର ଅନ୍ୟ ବୋତାମସବୁ ଖସିପଡ଼ିଥିବା ବୋତାମ ସଙ୍ଗେ ମେଳ ଖାଇଲା । ଗୃହସ୍ଥ ଚୋରି ହୋଇ ଯାଉଥିବାବେଳେ ତାକୁ ଦେଖିଥିବା ଓ ଅଖୁଡ଼ିଥିବାର କହୁ ପାରିଲେ ଓ ପ୍ରାପ୍ତ ମାଲମାନ ସ୍ୱକୀୟ ବୋଲି ପ୍ରମାଣ ଦେଲେ । ତହୁଁ ପୁଲିସ ତାକୁ ଚାଲାଣ ଦେଲେ । ଚୋର କସ୍ପିଲ ସମୟରେ ଜବାବ ଦେଲା ଯେ ଚୋରିସମୟରେ ସେ ଅଟ୍ରେଲି ବନ୍ଦରରେ ଥିଲା ଅଫରକାବେଶ କୂଳରେ ଅମୁକ ଜାହାଜରେ ସେ ନାବିକସ୍ୱରୂପ ନିଯୁକ୍ତ ଥିଲା ସେ ଜାହାଜ ମାଡ଼ି ଖାଇଯିବାରୁ ବିଲାତକୁ ଆସିଲା । ପ୍ରାପ୍ତ ମାଲମାନ ଷଷ୍ଟୀରେ ମିଳିବାରୁ କିଣିଥିଲା ବେସ୍ତମ ଓ ଅର୍ଥଗ୍ରାହ ହେବାରୁ ସେସବୁ ବିକୁଥିଲା । ସେ କୌଣସି ଓକିଲ ମୁକ୍ତାର ନିଯୁକ୍ତ କରି ନ ଥିଲା କମ୍ବା ସଫାଇ ସାକ୍ଷୀ ମାନି ନ ଥିଲା । ଜୁରିମାନେ ଉପସ୍ଥିତ ଯଥେଷ୍ଟ ପ୍ରମାଣରେ ତାକୁ ଦୋଷୀ କଲେ ଚୋର ନିର୍ଦ୍ଦୋଷୀତାର ଏପରି ଭାବଭଙ୍ଗୀ ଦେଖାଇଲା ଯେ ଜଜ ସାହେବଙ୍କର ଦୟା ହେଲା ଓ ତାକୁ ପଚାରିଲେ କି ତୋର କଣ ଏପରି କେହି ନାହିଁ ଯେ ତୋ କଥା କିଛି କହି ପାରେ ? ସେ ଉତ୍ତର କଲା ଏ ଘଣ୍ଟାଏ ଭିତରେ ଟିକିଏ କହିବ ମୋହର କେହି ନାହିଁ । ଏହା କହି ଏଣେତେଣେ ଅନାଇ କହିଲା କି ସେ କୋଣରେ ଛିଡ଼ାହୋଇ ଥିବା ଭଦ୍ରବ୍ୟକ୍ତି ମୋତେ ଜାଣନ୍ତି ମୋ କଥା କହି ପାରିବେ । ଜଜ ସାହେବ ତାଙ୍କୁ ଡାକ ପଚାରିବାରେ ସେ ଦାସ୍ତି କଲେ । ଚୋର ତାଙ୍କୁ କହିଲା ଆପଣ ଅମୁକ ଜାହାଜରେ କପ୍ତାନ ଥିଲେ ମୋତେ ଜାଣନ୍ତି ନାହିଁ ? ତହୁଁ ଜଜ ସାହେବ କହିଲେ କି ତୁମ୍ଭେ ତାକୁ ଜାଣି ନାହଁ ନାହିଁ ସେ ତୁମ୍ଭଙ୍କୁ କେଶ କରି ପାରେ । ଏହା କହି ତାହାର ଜୋବାନବନ୍ଦି ନେବାରୁ ସେ କହିଲେ ଯେ ମୁଁ ଅମୁକ ଜାହାଜର କପ୍ତାନ ଥିଲି ଓ ଚୋରି ସମୟରେ ସେ ଜାହାଜ ଅଫରକାବେଶକୂଳରେ ଥିଲା ଓ ଝଡ଼ରେ ମାଡ଼ି ଖାଇଗଲା ମାତ୍ର ଏ ଆସାମୀ ତାହାରି ଥିବାର ବୋଧ ହେଉ ନାହିଁ । ଜାହାଜ କଥା କୌଣସି ସମ୍ବାଦପତ୍ରରୁ ଅବଗତ ହୋଇ କହୁଅଛି । ତହୁଁ ଚୋର ତାଙ୍କୁ ନିମ୍ନଲିଖିତମତେ ଜେରାସବାଲ କଲା ।

ପ୍ରଶ୍ନ—ଅଫରକାକୂଳ ଉପରେ ଥରେ ଆପଣଙ୍କୁ ଜଣେ ବଲଲୋକ ପ୍ରାଣାନ୍ତିକ ଆଘାତ କରିବାକୁ ଉଦ୍ୟତ ହୋଇଥିଲା କି ନା ?

ଉତ୍ତର—ହିଁ ହୋଇଥିଲା ।

ପ୍ରଶ୍ନ—ସେ ଘାତକ ଅସ୍ତ୍ର ଉଠାଇବା ସମୟରେ ଅନ୍ୟ ଜଣେ ମଝିରେ ଛିଡ଼ା ହୋଇ ଯିବାରୁ ଆପଣ ରକ୍ଷା ପାଇଥିଲେ କି ନା ?

ଉତ୍ତର—ହିଁ ସେ ମଧ୍ୟସ୍ଥ ମନୁଷ୍ୟଯୋଗେ ରକ୍ଷା ପାଇଥିଲି ।

ପ୍ରଶ୍ନ—ସେ ମନୁଷ୍ୟ ମସ୍ତକରେ ଆଘାତ ହୋଇ କେତେକପର୍ଯ୍ୟନ୍ତ ଘାଆ ହୋଇଥିଲା କି ନା ?

ଉତ୍ତର—ହିଁ ତାହାର ମସ୍ତକରେ ଆଘାତ ଓ ଘାଆ ହୋଇଥିଲା ।

ତହୁଁ ଚୋର ଆପଣା ମସ୍ତକରୁ ଟୋପି କାଢ଼ି ମସ୍ତକରେ ଆଘାତର ଚିହ୍ନ ଦେଖାଇ ପଚାରିଲା କି ଏ କି ଦାଗ ଦେଖି କହନ୍ତୁ । ସାକ୍ଷୀ ତାହା ଦେଖି ବିସ୍ମୟାପନ୍ନ ହୋଇ କହିଲା କି ଧର୍ମାବତାର ଏବେ ଏ ବ୍ୟକ୍ତିକୁ ଚିହ୍ନିଲି ଏ ସେହି ଜାହାଜର ନାବିକ ଥିଲା ସେତେବେଳେ ଏ ହୃଷ୍ଟପୁଷ୍ଟ ଥିଲା ଦେଖିମିଳେଣୁ କ୍ଷୀଣ ହୋଇଥିବାରୁ ପ୍ରଥମେ ଚିହ୍ନି ନ ପାରିଲି । ଏ ଅତି ଉତ୍ତମ ଲୋକ ଓ କାର୍ଯ୍ୟରେ ମୋତେ ବଡ଼ ସନ୍ତୁଷ୍ଟ କରିଥିଲା ଓ ଏହାଦ୍ୱାରା ମୋ ପ୍ରାଣରକ୍ଷା ହୋଇଥିଲା । ମୁଁ ବୋଧ କରେ ଯେ ଏ ନିର୍ଦ୍ଦୋଷିର ରକ୍ଷା ନିମନ୍ତେ ଅଦାଲତକୁ ମୋହର ଆସିବା ଯେମନ୍ତ ଦୈବକୃତ୍ୟ ଅଟେ ନଚେତ୍ ମୋର ଏମନ୍ତ କିଛି କାର୍ଯ୍ୟ ନ ଥିଲା । ତଦନନ୍ତର ମିଳିଲେ ଯେପରି ଅନ୍ତଦ୍ୱଳ ଉଠିଲା ସେପରି ସତ୍ୟତାର ଦେଖାଯାଏ ନାହିଁ । ଜଜ ସାହେବ ଜୁରିମାନଙ୍କୁ ପୁନର୍ବିଚାରର ପ୍ରାର୍ଥନା କରନ୍ତେ ସେମାନେ ଏକମତ ହୋଇ ଆସାମିକୁ ନିର୍ଦ୍ଦୋଷୀ କଲେ ଓ ଜଜ ସାହେବ ତହୁଁ ତାକୁ ଖଲାସ ଦେଲେ ଓ ସମସ୍ତେ ଖୁସି ହେଲେ । ଅଳ୍ପ ଦିନେ ପ୍ରକାଶ ପାଇଲା ଯେ ସେ ଭଦ୍ରସାକ୍ଷୀ ଜାହାଜର କପ୍ତାନ ନୁହେ ଏ ଚୋରର ସଙ୍ଗୀ ଅଟେ । ସିନ୍ଧି ଚୋରକରିଥିବା ଜ ୩ ଜଣଙ୍କ ମଧ୍ୟରେ ସେ ଆଉ ଏକଜଣ ଥିଲା ସେ ଦୁହିଙ୍କୁ ଉକ୍ତ ଜାହାଜର କଥା ଜଣା ଥିବାରୁ ଏପରି ଛଳଣା କରି ପାରି ପାଇଗଲେ । ବିଲାତର ସବୁ ସରସ ଚୋରଙ୍କ ବୁଦ୍ଧିକୌଶଳ ତାହାଙ୍କ ସରସ ନ ହେବ !!—

ବାଙ୍ଗି ଖଜଣା ଆଦାୟର କଷ୍ଟ ।

ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ମାନ୍ୟବର ରାଜା ରଣଜିତସିଂହ ବାହାଦୁର ବାଙ୍ଗି ଖଜଣା ଆଦାୟ ସମ୍ବନ୍ଧରେ ଜମିଦାରମାନଙ୍କ ନାନା କଷ୍ଟ ଏବଂ ଅସୁବିଧା ଏବଂ ତହିଁର ପ୍ରତୀକାର ବର୍ଣ୍ଣନା କରି ଖଣ୍ଡିଏ ମନ୍ତବ୍ୟ ପ୍ରକାଶ କରି ସମସ୍ତ ବଙ୍ଗପ୍ରଦେଶର ଜମିଦାରମାନଙ୍କର କୃତଜ୍ଞତା-ଭାଜନ ହୋଇଅଛନ୍ତି । ପ୍ରଜାମାନେ ପୂର୍ବାପେକ୍ଷା ଚତୁର ଓ ମୂର୍ଖ ନୁହନ୍ତି ଏବଂ ପୂର୍ବର ବାନ୍ଧ ପଞ୍ଚମ ଓ ସପ୍ତମ ଆଇନମାନ ଆଉ ନାହିଁ ଯଦ୍ଦ୍ୱାରା ଜମିଦାରମାନଙ୍କର ଖଜଣା ଆଦାୟ କରିବାର ବିଶେଷ ସୁବିଧା ଥିଲା । ପ୍ରଜାଙ୍କର ପ୍ରଜାସ୍ୱତ୍ୱ ଆଇନ କେତେକେ ଦୃଢ଼ କରି ଏବଂ ଜମି ଉପରେ ଅଧିକ ଜୋର ବାନ୍ଧାଇଅଛି ଏବଂ ବାର୍ଷିକ କେତେ ମୋକଦ୍ଦମା ହେଉଅଛି ଏ ସବୁ ଦେଖିଲେ ସର୍ବସାଧାରଣ ବୁଝିପାରିବେ ଯେ ବାକିଦାର ପ୍ରଜାଙ୍କୁ ସାଧ୍ୟ କରିବା ସହଜ ବ୍ୟାପାର ନୁହେ । ବାକି ଖଜଣା ଆଦାୟ କରିବାର ନାଲିଶ ବିନା ଅନ୍ୟ ଉପାୟ ନାହିଁ ଏବଂ ମୋକଦ୍ଦମା ଚଳାଇବାର କାର୍ଯ୍ୟପ୍ରଣାଳୀ ରୀତିମତେ ଶୀଘ୍ର ବା ଅଳ୍ପ ବ୍ୟୟରେ ପ୍ରତୀକାର ପାଇବାର ଅନୁକୂଳ ନୁହେ, ପ୍ରଜା ଇଚ୍ଛାକଲେ ଜମିଦାରକୁ ନାନାମତେ ଲଣ୍ଡବଣ୍ଡ କରିପାରେ । ରାଜାବାହାଦୁର ଲେଖିଅଛନ୍ତି ଯେ ଜମିଦାରର ପ୍ରଥମ କଷ୍ଟ ସ୍ୱୟଂ ପ୍ରଜା ଉପରେ ସମନ ଜାରି କରିବାର ପ୍ରମାଣ କରିବା । ଅଥବା ଜମିଦାରରୁ ଦୂରରେ ବାସ କରୁଥିବା ଜମିଦାର ପକ୍ଷରେ ଏହା ବଡ଼ କଠିନ । ଜମିଦାରର ୨ୟ କଷ୍ଟ ଡିକ୍ରୀ ଓ ଡିକ୍ରୀଜାରିବେଳେ ଟଙ୍କା ପାଇବାର ବହୁ ବ୍ୟୟ ଏବଂ ବିଳମ୍ବର କାର୍ଯ୍ୟପ୍ରଣାଳୀ । ପ୍ରଥମ କଷ୍ଟ ନିବାରଣ ନିମନ୍ତେ ରାଜାବାହାଦୁର ପ୍ରସ୍ତାବ କରିଅଛନ୍ତି ଯେ ଏକଜଣ ସମନ ହେବେଣ୍ଟସ-

Digitized by srujanika@gmail.com

ତାଙ୍କଦ୍ୱାରା ବାକିଦାର ପ୍ରଜା ନିକଟକୁ ପଠାଇ-
ବାର ଏବଂ ଆଉ ଏକଖଣ୍ଡ ସମନ ବାକି ସମ୍-
ବନ୍ଧୀୟ ଗୋଟ ଉପରେ ଲଟକାଇ ଦେବାର ବ୍ୟବସ୍ଥା ହେବା ଉଚିତ । ଏଥି ଲଗୁ ନିବାରଣ ନିମନ୍ତେ ରାଜାବାହାଦୁରଙ୍କ ପ୍ରସ୍ତାବ ଏହି ଯେ ପ୍ରତ୍ୟେକ ବାକିଦାର ପ୍ରଜାଉପରେ ଭିନ୍ନ ନାଲିଶ ଦାଏର କରିବା ପରିବର୍ତ୍ତରେ ସମସ୍ତ ବାକିଦାର ପ୍ରଜାଙ୍କ ନାମରେ ଗୋଟିଏ ନାଲିଶ ଦାଏର ହେବ ଏବଂ ତହିଁ ସଙ୍ଗେ ବାକିଦାରମାନଙ୍କର ନାମ ଧାମ ଓ ଯାହା ଉପରେ ଯେତେ ଟଙ୍କା ପାଉଣା ଇତ୍ୟାଦି ବିବରଣ ଲେଖା ଖଣ୍ଡିଏ ତାଲିକା ଦାଖଲ ହେବ । ସେହି ତାଲିକା ଲିଖିତ ପ୍ରତ୍ୟେକ ବାକିଦାର ନାମରେ ଉପରିଲିଖିତ ମତେ ପୃଥକ୍ ସମନ ଜାରି ହେବ ଏବଂ ତହିଁରେ ଆଦେଶ ଥିବ ଯେ ବାକିଦାରମାନେ ସମନ ଜାରିର ତା ୩ ଦିନ ମଧ୍ୟରେ ସେହି ତାଲିକା ଲିଖିତ ସେମାନଙ୍କ ଉପରେ ବାକି ଥିବା ପାଉଣା ଟଙ୍କା ଅଦାଲତରେ ଦାଖଲ କରିବେ ଅଥବା କିଛି ଆପତ୍ତି ଥିଲେ ତା ୧ ସ ମଧ୍ୟରେ ଜବାବ ଦେବେ । ଜବାବ ଦାଖଲ ହେଲେ ଅଦାଲତ ତହିଁର ଫଇସଲ ଉଚ୍ଚାର କରିବେ ଏବଂ ତା ୭ ସ ମଧ୍ୟରେ ଯେ ପ୍ରଜା ଟଙ୍କା ଦାଖଲ ନ କରିବ ତାହାର ଯୋତ ନିଲାମ ହେବ । ଫଇସଲ ବିରୁଦ୍ଧରେ ବାକିଦାର ପ୍ରଜା ଅସନ୍ତୁଷ୍ଟ ହେଲେ ଜମିଦାର ନାମରେ ନମ୍ବରି ନାଲିଶ କରିପାରିବ ଏବଂ ତହିଁରେ ସଫଳ ହେଲେ ଅଦାଲତ ଯେତେ ଖେସାରତ ଉଚିତ ବିବେଚନା କରିବେ ଜମିଦାରଠାରୁ ପ୍ରଜାଙ୍କୁ ଦିଆଇବାର ଆଦେଶ ଦେବେ । ଯେଉଁ ସ୍ଥଳେ ପ୍ରଜା ସମସ୍ତ ବାକି ଟଙ୍କା ଅଦାଲତରେ ଏକାବେଳକେ ଦାଖଲ ନ କରି ତହିଁର ସାମାନ୍ୟାଂଶ ଦାଖଲ କରେ ଏବଂ ସେପରି ସ୍ଥଳେ ମୋକଦ୍ଦମା ନିଷ୍ପତ୍ତି ପର୍ଯ୍ୟନ୍ତ ସେହି ଜାଲ ନିଲାମ ହୁଏ ଜମିଦାର ତହିଁ ନିମନ୍ତେ ସୁଦ ବା ଖର୍ଚ୍ଚ ପାଏ ନାହିଁ । ଏଥିରୁ ରାଜାବାହାଦୁର ପ୍ରସ୍ତାବ କରିଅଛନ୍ତି ଯେ ପ୍ରଜା ଦାବୀ ସ୍ୱୀକାର କରୁ ବା ନ କରୁ ସମସ୍ତ ଦାବୀ ଟଙ୍କା ଅମାନତ କରିବ ଏବଂ ଜମିଦାରର ଡିକ୍ରୀ ହେଲେ ସେ ପ୍ରଜାଠାରୁ ଖେସାରତ ପାଇବ ଏବଂ ପ୍ରଜାର ଡିକ୍ରୀ ହେଲେ ସେ ଜମିଦାରଠାରୁ ଶତକଡ଼ା ଟ ୨୫ ହାର ଅନଧିକ ଯାହା ଖେସାରତ ଅଦାଲତ ବିବେଚନା କରିବେ ତାହା ପ୍ରଜା ପାଇବ ।

ପାଠକମାନେ ଦେଖିବେ ଯେ ରାଜାବାହାଦୁରଙ୍କର ଉପରଲିଖିତ ପ୍ରସ୍ତାବମାନ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଅଟେ । ସେ ଜମିଦାର ଏବଂ ପ୍ରଜା ଉଭୟପକ୍ଷଙ୍କ କ୍ଷତିପୂରଣର ଦାୟୀ କରି ନିରପେକ୍ଷତାର ଯଥୋଚିତ ପରିଚୟ ଦେଇଅଛନ୍ତି । ପ୍ରଜାଙ୍କୁ କ୍ଷତିପୂରଣ ଦେବାକୁ ହେବ ଏହି ଲଜ୍ଜା ଓ ଭୟ ଜମିଦାରଙ୍କୁ ଅଯଥା ନାଲିଶରୁ କ୍ଷାନ୍ତ ରଖିବ ସନ୍ଦେହ ନାହିଁ ଏବଂ ପକ୍ଷାନ୍ତରରେ ପ୍ରଜା ଅଯଥା ଆପତ୍ତିଦ୍ୱାରା ଜମିଦାରଙ୍କୁ ଲଣ୍ଡଭଣ୍ଡ କରି ପାରିବ ନାହିଁ । ରାଜାବାହାଦୁର ବର୍ତ୍ତମାନ ବ୍ୟବସ୍ଥାପକ ସଭାରେ ଅଛନ୍ତି । ଆଶା କରୁଅଛୁ ସେ ଆପଣାର ମନ୍ତବ୍ୟ ମାନ୍ୟବର ବଙ୍ଗେଶ୍ୱରଙ୍କୁ ପ୍ରଦାନ କରି ତହିଁପ୍ରତି ସୁଦୃଷ୍ଟି କରିବାକାରଣ ଅବଶ୍ୟ ଅନୁରୋଧ କରିଥିବେ । ମାତ୍ର ଗବର୍ଣ୍ଣମେଣ୍ଟଙ୍କର ଅସଳ ଟଙ୍କାପକ୍ଷରେ ଯଥେଷ୍ଟ ନୁହେ । ଜମିଦାରମାନେ ସଭାସମିତିଦ୍ୱାରା ଏବଂ ଅନ୍ୟ ପ୍ରକାରେ ବାକି ଖଜଣାସଂକ୍ରାନ୍ତ ଦୁଃଖ ସ୍ପଷ୍ଟ ଲେଖିପଠାଇଲେ ଗବର୍ଣ୍ଣମେଣ୍ଟ ତଦାଭ ପ୍ରତିକାର ପ୍ରଦାନରେ ଅବହେଳା କରିବେ ନାହିଁ । ଏ ବିଷୟରେ ଓଡ଼ିଆ ଜମିଦାରଙ୍କର ଦୁଃଖ ସର୍ବାପେକ୍ଷା ଗୁରୁତର ଅଟେ । ନୂତନ ବନ୍ଦୋବସ୍ତରେ ଯେଉଁ ହାରେ ରାଜସ୍ୱ ଧାର୍ଯ୍ୟ ହୋଇଅଛି ସମସ୍ତ ପ୍ରଜାଙ୍କଠାରୁ ସହଜରେ ଖଜଣା ଆଦାୟ କରି ନ ପାରିଲେ ତାହା ପ୍ରଦାନପୂର୍ବକ ଆତ୍ମରକ୍ଷା କରିବା ଅସମ୍ଭବ । ଅଧିକାଂଶ ଜମିଦାର ସାମାନ୍ୟ ଅବସ୍ଥାର ଲୋକ । ରାଜସ୍ୱ ବାକି ପଡ଼ିଲେ ଜମିଦାରୀ ନିଲାମ ହୋଇଯିବ ମାତ୍ର ବାକିଦାର ପ୍ରଜା ଛନ୍ଦିକନ୍ଦିରେ ଟାଳଟୁଳ କରୁଥିବ ଏହା କୌଣସି ମତେ ନ୍ୟାୟସଙ୍ଗତ ନୁହେ ।

ସାପ୍ତାହିକ ସମ୍ବାଦ

କଲିକତା-ଗେଜେଟ

ମିଃ ଡବ୍ଲିଉ ମଡ ଓ ମିଃ ଏସ ଇଭନ୍ସ ଛୁଟି ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟରର ପଦକୁ ଉନ୍ନତ ପାଇଲେ ।

ମିଃ ଏଚ୍, ଜି, ଡେନ, ଜାର୍ଡ଼ ଓ ମିଃ ମହମ୍ମଦ ଯୁସୁଫ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟରର ପଦକୁ ଉଠିଲେ ।

ଡାକ୍ତର ଆଶୁତୋଷ ମୁଖୋପାଧ୍ୟାୟ ଲେଃଗଃ ବାହାଦୁରଙ୍କର ବ୍ୟବସ୍ଥାପକ ସଭାର ସଭ୍ୟ ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକ ଟ୍ରେଃ କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଜୟନାଥ ବାନାର୍ଜି କଲିକତା ହେୟାର ସ୍କୁଲର ହେଡମାଷ୍ଟର ହେଲେ ।

ଉତ୍ତରପାଡ଼ା ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଦେବେନ୍ଦ୍ର ଭଟ୍ଟାଚାର୍ଯ୍ୟ କଟକ ଟ୍ରେଃ କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ସୁର ଡାକ୍ତର ଜେ, ଏଲ, ହେଣ୍ଡ୍ରଲି ମାନଭୂମକୁ ଯିବା ହେବାରୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଅଃ ସର୍ଜନ ହରମୋହନ ସେନ ଖୁଲନାର ଡାକ୍ତରଖାନାର ସ୍ଥାନରେ ରହିଲେ ।

ସାରଣର ଡବ୍ଲିଉ ଓ ଅଃ ସେସନ ଜଜ ବାବୁ ଦ୍ୱାରକାନାଥ ମିତ୍ର ବର୍ତ୍ତମାନ ତ୍ରିପୁରାର ସେସନ ଜଜର କାର୍ଯ୍ୟ କରୁଥିବେ ବାବୁ ମନ୍ମଥନାଥ ଦତ୍ତ ବନ୍ ଡବ୍ଲିଉ ଅଃ ସେସନ ଜଜ୍ ପଦରେ ବାହାଲ ହେଲେ ।

ମାନ୍ଦ୍ରାଜ ଓ ଓଡ଼ିଶା ପରୀକ୍ଷାର୍ଥିମାନଙ୍କ ବୋର୍ଡର ସମ୍ପାଦକ ମିଃ ଏଚ୍, ଈ, ହାଇଡ୍ ବାହାଦୁର ଆଗାମୀ ନଭେମ୍ବର ମାସ ତା ୧ ରଖ ପର୍ଯ୍ୟନ୍ତ ଅବସରରେ ଛୁଟି ଗ୍ରହଣ କରିବାରୁ ମିଃ ଉଇଲିୟମ ଗ୍ରାହାମ ତାଙ୍କ ସ୍ଥାନରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହୋଇଅଛନ୍ତି ।

ଏ ସପ୍ତାହରେ ଏଠାରେ ଅଳ୍ପ କିଛି ବର୍ଷାର ଲକ୍ଷଣ ବୃଷ୍ଟି ଏବଂ ତହିଁଲାଗି ଅଳ୍ପ ହୁଅନ୍ତେ ସାମାନ୍ୟ ବୃଷ୍ଟି ହୋଇଥିଲା । ମାତ୍ର ଖରା ଖୁବ ଓ ଅତ୍ୟନ୍ତ ଗ୍ରୀଷ୍ମ ଲୋକଙ୍କୁ କଷ୍ଟ ଦେଉଅଛି ।

ଖବରକାଗଜ ହେବାରୁ ... ଅନୁଭବ ଏବଂ ସ୍ୱଦେଶୀୟ ବେପାରୀମାନେ ମୂଲ୍ୟର ଦର ବଢ଼ାଇ ଦେଉଅଛନ୍ତି ।

ଶ୍ରାବଣ ମାସର ଅଧିକାଂଶ ଗତ ହେଲା । ମାତ୍ର ଏପର୍ଯ୍ୟନ୍ତ ଚାଷବାସ ନାମ ମାତ୍ର ହୋଇଅଛି । ସୁଖ ଚାଷୀକୁ ଅଦ୍ୟାବଧି ଜଳ ସାର ନାହିଁ ।

ଆଗାମୀ ସୋମବାରଠାରୁ ଏଠା ଜଜ ସାହେବଙ୍କ ଅଦାଲତରେ ଦଉରା ମୋକଦ୍ଦମାର ବିଚାର ହେବ ।

ପୁରୀ ଉଅସାହୀ ଏବଂ ବଡ଼େଇ ହେବାରୁ ବେଲେବଳ ଏଠାରୁ ପ୍ରତ୍ୟହ ବଡ଼ଦାଣ୍ଡରୁ ଷ୍ଟିମର ଯାଉଅଛି । ଗତ ସପ୍ତାହରେ ତା ୩ ନ ସମ୍ବୁଦ୍ଧାଳଟ ଏବଂ ତା ୪ ନ ବୋମ୍ବେ ଜାହାଜ ଯାଇ ଯାହା ବାହାରିଥିଲା ବର୍ତ୍ତମାନ କେବଳ ରବିବାର, ବୁଧବାର ଏବଂ ଶୁକ୍ରବାର ଏପରି ସପ୍ତାହରେ ତା ୩ ଟା ସମୁଦ୍ରଜାହାଜ ଯାଉଅଛି ।

ଇଶ୍ୱରଙ୍କ ଅନୁଗ୍ରହରୁ ଏଠାରେ ପ୍ଲେଗରୋଗ ଦେଖା ନାହିଁ ମାତ୍ର କମିଶନର ଓ ମାଜିଷ୍ଟ୍ରେଟ ସାହେବମାନେ ତହିଁପାଇଁ ଯେତେ ବ୍ୟସ୍ତ ସତର୍କ ମୋଫସଲର ଗ୍ରାମଠାରୁ ଓଡ଼ିଶାଠା ମଧ୍ୟକୁ ପ୍ରବେଶ କଲେ ତହିଁପାଇଁ ସେତେ ବ୍ୟସ୍ତ ନାହାନ୍ତି ।

ବାଗଲପୁରର ଜଣେ ଲୋକ ଗୋଟିଏ ତ ୧ ଶ ବର୍ଷର ସଦ୍ୟଃପ୍ରସୂତ ଶିଶୁକୁ ହତ୍ୟା କରିବା ବାହାନାରେ ଅନ୍ୟତ୍ର ଯେତେ ପାର ହାତ ଦିଶା ନେଇ ତାହାର ବେକକୁ ମୁଚାଡ଼ି ମାରି ଦେଇଥିଲା । ଅଲିପୁର ପୁଲିସ ମେଜେଷ୍ଟର ଆସାମୀକୁ ୭ ବର୍ଷର ସଶ୍ରମ କାରାଦଣ୍ଡ ଓ ଟ ୨୦ ଟଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି ।

ଗତ ତନୁତ୍ରହଣ ଉପଲକ୍ଷରେ ହାଇଦ୍ରାବାଦର ନିଜାମ ତ ୧୦୮ ଜଣ କଏଦୀଙ୍କି ମୁକ୍ତିପ୍ରଦାନ କରିଥିବାର ସମ୍ବାଦ ମିଳିଲା । କଏଦୀ ମୁକ୍ତି ହେଲାବେଳେ ସେମାନଙ୍କୁ ଖାଦ୍ୟ ବସ୍ତ୍ର ଓ କେତେକ ଟଙ୍କା ଦିଆଯାଇଥିଲା ।

ପେଶୱାରଠାରେ ଗୋଟିଏ ବିବାହ ଉପଲକ୍ଷରେ ୭୨୪ ଜଣ ଆଫ୍ରିଦି ବର ଏବଂ ବରଯାତ୍ରୀଙ୍କି ଅନ୍ତର୍ଗତ କର ଏକହଜାର ଟଙ୍କାର ମାଲ ଲୁଟି ନେଇ ଯାଇଥିବାର ସମ୍ବାଦ ମିଳିଲା ସେଠା ମେଜିଷ୍ଟ୍ରେଟ ସାହେବ ଘଟନାବିଷୟ ଅବଗତ ହେବା ମାତ୍ରକେ ଘଟନାସ୍ଥଳରେ ପହଞ୍ଚି ଅନେକ ଦୁଷ୍ଟଙ୍କୁ ଧରିଅଛନ୍ତି ।

ଭୁବିସ୍ୱାର ୧୯୦୦ ମାଇଲ କ୍ଷେତ୍ର ଭୂମିଖଣ୍ଡରେ ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । ପ୍ରାୟ ୪୦ ଲକ୍ଷ ଲୋକ ଅନ୍ନାଭାବରେ କଷ୍ଟ ପାଉଅଛନ୍ତି । ଅନ୍ନକଷ୍ଟର ତାଡ଼ନାରେ ମହାମାରୀ ଘଟାଇ ଅନେକ ଲୋକ ପ୍ରାଣ ହରାଉଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter

ଯଶୋହର, ଅଶୋର, ଢାକା ପ୍ରଭୃତି ଜିଲ୍ଲାରେ ଉତ୍ପାଦ ଶେଷରେ ଯୋଗ କରି ଧାନ ନଷ୍ଟ ହେବାର ଜଣାଯାଏ । ସ୍ୱଗାଲକର ସମ୍ପୂର୍ଣ୍ଣ ଫଳ ସକ ହେବା ସ୍ଥାନମାନଙ୍କ ଉଦ୍ୟମ କଥା ହୁଏ ।

ଗତ ସପ୍ତାହରେ କଲିକତାରେ ଚୀନିର ପଡ଼ତା ଦର ଛ ୭ ॥୵ ଏବ ହରିଦ୍ରା ପିଷ ଏକଶୋହର ଦର ଛ ୧୪୵ ହୋଇଥିଲା । ଦୂଗା ର ୧୦୦ ଦର ମୂଲ୍ୟ ଛ ୨୪୵ ହୋଇଥିଲା ।

ଇଉରୋପର ଏକଜଣ ଜଗନ୍ନାଥ ବିଶ୍ୱାସର ଶିକ୍ଷା ଜନ ... ଏକ ... ପାଇବେ ସେ ସେଠାର ଦେଶୀୟ ... ଏହି ମତର ... ବରହମ୍ପୁର ... ଏହାର ପରୀକ୍ଷା ହେବା ଉଚିତ ।

କେନ୍ଦ୍ରାପଡ଼ା-ସମ୍ବାଦ ।

ଦେବଗ୍ରାମ ... ଏ ସପ୍ତାହରେ ... ମାନଙ୍କ ପ୍ରତି ... ।

ଏ ବର୍ଷ ଏଠାରେ ... ଯାଉଅଛି । ... ହେବାରୁ ... ମହାପ୍ରଭୁଙ୍କର ଦର୍ଶନ ... ନ ଥିଲା । ... ଚାଳକ ... ଧାନ ... ।

ଏଠା ... ମୁସଲମାନ ଅଛନ୍ତି ।

ଏଠା ... ହୋଇଅଛନ୍ତି ।

ଏଠା ଡାକ୍ତର ବାବୁ ... ହେବାରୁ ସେଠାରୁ ବାବୁ ... ଏଠା ଡାକ୍ତରଖାନାର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

... ମାନଙ୍କ ... ।

... ହୋଇଅଛି । ... ହେବା ... ଯୋଗୁଁ ... ଅନୁରୋଧ କରୁଅଛୁଁ ।

ଏଠା ... ହୋଇଯିବ । ଏଠା ... ହୋଇଅଛି ।

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ... ଗ୍ରାମରେ ... ଶ୍ରୀ ... ପ୍ରକାଶ କରଅଛି ।

ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କ ସମୀପେଷୁ—

ମହାଶୟ !

ଦେଶ ଉଦେଶର ବଙ୍ଗ ପଣ୍ଡିତମାନଙ୍କୁ ମୋର ବିନୟ ପୂର୍ବକ ପ୍ରାର୍ଥନା ଏହି କି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ବ୍ୟବସ୍ଥା ଏହି ପତ୍ର ଯୋଗେ ପ୍ରକାଶ କରି ସନ୍ଦେହ ମୋଚନ କରିବେ—

ପ୍ରଶ୍ନ ।

୧ । ବ୍ରାହ୍ମଣ ବ୍ୟତୀତ ଅନ୍ୟାନ୍ୟ ବର୍ଣ୍ଣମାନଙ୍କର ସପ୍ତମ ଓ ନବମାବ ପ୍ରେତକ୍ରିୟା କରିବାର କର୍ତ୍ତବ୍ୟ କି ଅକର୍ତ୍ତବ୍ୟ ?

୨ । ଅକର୍ତ୍ତବ୍ୟ ସ୍ଥଳେ ପୁରୋହିତ ଓ ଅନ୍ୟ ଶ୍ରେଣୀସ୍ଥ ବ୍ରାହ୍ମଣ ଓ ଅର୍ଥାତ୍ ଯେଉଁମାନେ ... ମଧ୍ୟବର୍ତ୍ତୀ ଥାଇ ... ସେମାନେ ଉକ୍ତ କ୍ରିୟାରେ ଭକ୍ଷଣ କରିଥିଲେ ପ୍ରାୟଶ୍ଚିତ୍ତର ଯୋଗ୍ୟ କି ନା ?

ତା ୨୬।୭।୯୯ } ବଶମ୍ବଦ
। ଗ୍ରା । ... } ଶ୍ରୀ ଫକୀରଚରଣ ମିଶ୍ର ।

— ✻ —

ମହାଶୟ !

ହିନ୍ଦୁ ଜ୍ୟୋତିର୍ବେଦମତେ ସପ୍ତମ ଗ୍ରହ ଶନି ଧନୁରାଶିସ୍ଥ ହେଲେ କି ପ୍ରକାର ଫଳ ଲାଭ ହୁଏ ତାହା ସାଧାରଣଙ୍କ ଉପଲବ୍ଧି ନିମିତ୍ତ ଜାତକରେ ଲିଖିତ ଅଛି ।

" ଯାବନ୍ନାର୍କିଶ୍ଚନୁର୍ଗତ ଧନୁଷି ପ୍ରୟେଷ
ନକ୍ଷତ୍ରେ ବାତ୍ରି ଚାର୍ଦ୍ଧ୍ୟଂ,
ତାବଦ୍ଭିକ୍ଷ ପୀଡା ଉଦ୍ଭବତ ମରଣଂ
ସର୍ବସ୍ୱଂ ଯାନ୍ତି ଲୋକାଃ ।"

ମୁଁ ଜ୍ୟୋତିର୍ବିଦ ନୁହେଁ । ତୋଷଣି ଶବ୍ଦ-କୋଷଗତ ଶ୍ଳୋକ ପ୍ରତ୍ୟକ୍ଷ ... ହେବାରୁ ଆପଣଙ୍କ ଦୃଷ୍ଟି ... ପଠାଇଲି ।

ତା ୨୮।୭।୯୯ } ଆପଣଙ୍କର
କେନ୍ଦୁଝର୍ଗ୍ଡ଼ } ଚିରଗତ ପାଠକ
। ଗ୍ରା । ... } ଶ୍ରୀ ଶ୍ୟାମବନ୍ଧୁ ଦାସ ।

ମୂଲ୍ୟ ପ୍ରାପ୍ତି ।

ବାବୁ ମୋହନ ସାହୁ	ବାଲେଶ୍ୱର	ଛ ୩
" ... ମହାପାତ୍ର		ଛ ୨
" ବୈଷ୍ଣବ ଚରଣ	କାଳପୁର	ଛ ୧
" ... ଦାସ	କଟକ	ଛ ୩
" ... ମହାନ୍ତି ...	...	ଛ ୩
ବାବୁ ଗଙ୍ଗାଧର ଭୂଇଁ ପାଠିଗ୍ରାମ	ଧାରକଣେମଣ୍ଡ	ଛ ୩
" ଗୋବିନ୍ଦ ଚୌଧୁରୀ	କଟକ	ଛ ୩
" ଗଙ୍ଗାଧର ଦାସ	ପୁରୀ	ଛ ୧

ବିଜ୍ଞାପନ ।

ଅତି ସୁଲଭ ! ଦେଖି ନିଅ ! ! ଆଉ ନୈବ ନାହିଁ ହିନ୍ଦୁମାନଙ୍କର ପରମାଦରଣୀୟ ଧର୍ମ ସମ୍ବନ୍ଧ

ଶ୍ରୀ ଚୈତନ୍ୟଚରିତାମୃତ ।

ଓଡ଼ିଆ ଅକ୍ଷରରେ
ଛପା ସମ୍ପୂର୍ଣ୍ଣ ହେଲା ।

ଏଥିରେ ସଂସ୍କୃତ ଶ୍ଳୋକ, ଭାଷା ଓ ପଦ୍ୟ ଦତ୍ତ ହୋଇଅଛି । ଏ ପୁସ୍ତକ ପୃ ୫୪୫ ପୃଷ୍ଠାରେ ସମ୍ପୂର୍ଣ୍ଣ ।

ଏ ପୁସ୍ତକ ସମ୍ବନ୍ଧରେ ଅମ୍ଭେମାନେ ପୂର୍ବରୁ ବିଜ୍ଞାପନ ଦେଇଥିବାରୁ ଗ୍ରାହକମାନଙ୍କର ଯେପରି ଆଗ୍ରହ ଦେଖୁଅଛୁଁ ପ୍ରାୟ ଅଳ୍ପଦିନ ମଧ୍ୟରେ ବହି ଶେଷ ହେବାର ସମ୍ଭବ ଅଛି ବହି ଶେଷ ହେଲେ ମିଳିବା ଦୁଷ୍ପ୍ରାପ୍ୟ ଏଣୁ ଗ୍ରାହକମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନଙ୍କର ଚୈତନ୍ୟ ମହାପ୍ରଭୁଙ୍କପାରେ ଭକ୍ତି ଓ ଶ୍ରଦ୍ଧା ଅଛି ସେମାନେ ଏ ସୁବିଧା ଛାଡ଼ିବେ ନାହିଁ

ଗ୍ରାହକମାନଙ୍କ ସୁବିଧାପାଇଁ ଏ ପୁସ୍ତକର ମୂଲ୍ୟ ଆଗାମୀ ଦୁର୍ଗାପୂଜା ପର୍ଯ୍ୟନ୍ତ ଛ ୪୵ ସ୍ଥଳେ ଛ ୨୵ କରାଗଲା ।

ପ୍ରିଣ୍ଟିଂ କମ୍ପାନୀଙ୍କ ସେକ୍ରେଟାରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ଭେଲୁ ପେବଲ ପାର୍ଶଲରେ ପଠାଯିବ ।

Dis. No. $\frac{1005}{Ver.}$ 1899.

NOTICE.

A large extent of Government waste lands and Tank-bed land's irrigable by the Rusikulya Project in about 150 villages in the Berhampore Taluk, Ganjam District, will be available for sale in auction from September 1899 to April 1900. Intending bidders may apply for particulars to the Special Deputy Collectors Rusikulya Project or request him to send them detailed sale notice when issued.

Chatrapur } Sd, H. D. TAYLOR.
6—6—99 } *Acting Collector.*

Digitized by srujanika@gmail.com

Split by PDF Splitter

NOTICE.

Wanted an Uriya Proof R eade and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

ନୂତନ ପୁସ୍ତକ ।

ଜ୍ୱରଚିକିତ୍ସା ୨ ୟ ସଂସ୍କରଣ—କଲେବର ୪୬ ପୃଷ୍ଠା, ମୂଲ୍ୟ ଛଅଅଣା ମାତ୍ର । ଏ ପୁସ୍ତକରେ ନାଡ଼ୀ, ନେତ୍ର, ମୂତ୍ର ପ୍ରଭୃତି ପରୀକ୍ଷାର ଉପଦେଶ, ସକଳବିଧ ଜ୍ୱରର ଲକ୍ଷଣ ଏବଂ ରୋଗନାଶକ ସହଜ ପ୍ରାପ୍ୟ ଔଷଧାବଳୀ, ଜ୍ୱରର ସକଳବିଧଉପଦ୍ରବର ପ୍ରତିକାରୋପାୟ, ଜ୍ୱରରେ କୁଇନାଇନ ପ୍ରୟୋଗପ୍ରଣାଳୀ ପ୍ରଭୃତି ଏପରି ଭାବରେ ଲିଖିତ ହୋଇଅଛି ଯେ ଯେଉଁମାନଙ୍କର ବଳିନ ଅଛି ସେମାନେ ଏହି ପୁସ୍ତକ ସାହାଯ୍ୟରେ ସକଳପ୍ରକାର ଜ୍ୱର ଅବହେଳେ ଛଡ଼ାଇ ପାରିବେ ।

ଗୋ ଚିକିତ୍ସା ୧ମ ଭାଗ ୩ୟ ସଂସ୍କରଣ—ଏଥିରେ ୬୧ ପ୍ରକାର ଗୋ ରୋଗର ଦେଶ ପ୍ରଚଳିତ ଅନେକପ୍ରକାର ଔଷଧ ଲେଖା ଅଛି । ମୂଲ୍ୟ ଏକଅଣା ମାତ୍ର ।

ଗୋ ଚିକିତ୍ସା ୨ୟ ଭାଗ ୨ୟ ସଂସ୍କରଣ—ଏଥିରେ ୧୩ ଗୋଟି ଗୋରୋଗର ପ୍ରତ୍ୟକ୍ଷ ଫଳପ୍ରଦ ଔଷଧାବଳୀ ସନ୍ନିବେଶିତ ହୋଇଅଛି କେବଳ ଗୋ-ବସନ୍ତରୋଗର ଚିକିତ୍ସାର ବିବରଣରେ ୨୫ ପୃଷ୍ଠା ସ୍ଥାନ ବ୍ୟୟ ହୋଇଅଛି ମୂଲ୍ୟ ଦୁଇଅଣା ମାତ୍ର ।

ବସନ୍ତରୋଗ ଚିକିତ୍ସା—ଏ ପୁସ୍ତକ ପାଖରେ ଥିଲେ ବସନ୍ତରୋଗରେ ମୃତ ବା ଯାତନା ଭୋଗ କରି ବିକୃତାଙ୍ଗ ହେବାର ଆଶଙ୍କା ଦୂର ହେବ ମୂଲ୍ୟ ତିନିପଇସାମାତ୍ର ।

ପ୍ରସୂତିକା ଚିକିତ୍ସା ୨ୟ ସଂସ୍କରଣ— ଏହି ପୁସ୍ତକ ଲିଖିତ ଉପଦେଶ ପାଳନ, ଔଷଧ ବ୍ୟବହାର କରି ଅନେକ ଲୋକ ପ୍ରସୂତିକା ...ର ଭୟଙ୍କର କବଳରୁ ରକ୍ଷା ପାଇଅଛନ୍ତି ଏକଅଣା ମାତ୍ର ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ ।

ବନାରସି ମାଲ

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ମୟୂରଭଞ୍ଜ, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଟୋପି, ଷ୍ଟେଗ, କିଂଖାପ, ବାଫ୍ତା ସଲ୍ଲୀ ଦୋପଟ୍ଟା ଜିଲ, କିଉରେ କଲବାର ଫେଣ୍ଟା, ରୁମାଲ, ଶାଲ୍ ଏବଂ ନାନା ପ୍ରକାର ଇତ୍ୟାଦି ଖଟର ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାଟର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରରଙ୍କୁ ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

S. BASACK & Co.

No. 200 Harrison road Bara Bazar
CALCUTTA

"THE UNIVERSAL AGENY"

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତପ୍ରକାର ମନୋହର ଦ୍ରବ୍ୟ—ଅତର, ଗୋଲାପ, ଏସେନ୍ସ କାମିନୀମାନଙ୍କର ବହୁପ୍ରିୟ କେଶବର୍ଦ୍ଧନକାରୀ କୁସୁମସୁରଭି ତୈଳ, କେଶ ସଂହାରକ ତୈଳ ଓ ସାବୁନ, ସୁବାସିତ ଦାନ୍ତର ଗୁଣ୍ଡ, କ୍ଲକଘଣ୍ଟା, ପକେଟଘଣ୍ଟା, ଟାଇମପିସ, ବହୁବିଧ ସୁନ୍ଦର ଜଞ୍ଜିର, ପଞ୍ଚ ଅଙ୍ଗୁଷ୍ଠି, ସିଲମୋହର, ରବରଷ୍ଟାମ୍ପ ମ୍ୟାଜିକ ପକେଟ ଲେମ୍ପ, ବରଫ ଜମାଇବାର କଳ, ସୋଡ଼ା ଓ ଲେମନେଡ଼କଳ ବାଲକୁମାରଙ୍କର କଳ ଦାଢ଼ୀ ଛଡ଼ାଇବାର କଳ, ପକେଟ ଛୁରୀ, ଗୋଲପଥର ଛୁରୀ ଅର୍ଥାତ୍ କ୍ରୁଶ କରୁଷ୍ଟ, ଜୁତା, କଣ୍ଟା ଇତ୍ୟାଦି) ନାନାପ୍ରକାରର ପସନ୍ଦଯୋଗ୍ୟ ଦେଶୀ ଓ ବିଲାତି ଧୋତି; ଶାଢ଼ୀ, ମଲମଲ ଚଦର, ମୋଜା, ଗଞ୍ଜିଫରାକ, ଅଙ୍ଗରଖା କୋଟ, ରେଶମୀବମ୍ବେଇ ଓ ପାରସୀ ଶାଢ଼ୀ, ସୁନ୍ଦର ବେଣ୍ଟଲଗା ରେଶମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତି ଛବି, ସରସା—ମେଜ, ଚୌକି, ଅଲମାରି—ସୁନେଲି ରଙ୍ଗ, ହୁଧପନ୍ଥାଘର, ଦୁଃସାଧ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସବୁବେଳେ ଆମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏକଥାରେ ଯେଉଁ ଜିନିଷର ଫରମାସ କରିବ ତାହା ଶୀଘ୍ର ସୁବିଧାଦରରେ ପଠାଇ ଦେଉଁ ।

ଆମ୍ଭେମାନେ ସହର ଓ ମୋଫସଲ ନିବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଆମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁଁ ପ୍ରାୟ ସମସ୍ତ ଜିନିଷ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆମେରିକା ପ୍ରଭୃତି ରାଜ୍ୟରୁ ଆଣାଇ ସୁବିଧାଦରରେ ବିକ୍ରୟ କରିବାକୁ ବ୍ୟବସାୟ ନିମନ୍ତେ ଏକଥରରେ ଅନେକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ ବଜାରଦର ଉପରେ ଶତକଡ଼ା ଦୁଇଟଙ୍କା କମିଶନ ନେଇ ଶୀଘ୍ର ମାଲ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଆମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ । ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରିମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ ପଠାଯିବ କୌଣସି ଦ୍ରବ୍ୟ ପସନ୍ଦ ନ ହେଲେ ଫେରାଇନେବାକୁ ସ୍ୱୀକୃତ ଅଛୁଁ ।

ଏସ୍, ବସାକ କମ୍ପାନୀ

ଜେନେରଲ ମରଚେଣ୍ଟ ଓ କମିଶନ ଏଜେଣ୍ଟ ।
ନ ୨୦୦ ନମ୍ବର ହାରିସନ ରୋଡ଼ ବଡ଼ବଜାର
କଲିକତା

Digitized by srujanika@gmail.com

Split by PDF Splitter

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଠ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ନଂ ଅପର ଚିତ୍‌ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ। କେବଳ ଅନେକ ସ୍ଥାନରୁ ଔଷଧ ଆମଦାନୀ ହୁଏ ତିନି ବର୍ଷ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ। କଲେରା ବାକସ ପୁସ୍ତକ ଔଷଧାଦି ପ୍ରତ୍ୟେକ ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୮/, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୯ ୬୦, ୭୨ ୧୪ ଶିଶି ୨.୩ ୩, ୫। ୬। ୭।, ୧୧୫।

ଆୟୁର୍ବେଦୀୟ ଔଷଧାଳୟ।

ପ୍ରମେହସୁଧା ଗନୋରିଆର ଅବ୍ୟର୍ଥ ମହୌଷଧ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନୋରିଆ) ଖଣ୍ଡିତଳ ଲିଙ୍ଗ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରକାଳୀନ କ୍ଷତ, ସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ। ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦।

ଅମୃତାଦିକଷାୟ ବା ଦେଶୀ ସାଲସା।

ଆମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ବହୁଦୃଷ୍ଟିର ଅନେକ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇ ଅଛି। ଏଥିରେ ଏପରି କେତେଗୁଡ଼ିଏ ଶକ୍ତିବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ। ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ, ଗଣ୍ଡମାଳା, ଆମବାତ, ବିସ୍ଫୋଟକ, କାଣ୍ଡୁ, ଭଗନ୍ଦର, ଦାଦୁ, ଉଦ୍ଭେଦ ପ୍ରଭୃତି ସର୍ବବିଧ ଚର୍ମରୋଗ ଦେହରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତ ନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବ

ପାଇଁ ଏହାହିଁ ଏକମାତ୍ର ଔଷଧ। ସବସ୍ତ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ୫ ୧୨, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ ୷।

ବୃହଦଶ୍ୱଗନ୍ଧାରସାୟନ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ। ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ।

ଏକଟିଣର ମୂଲ୍ୟ ଟ ୨୷, ଭି, ପି, ଟ ୦୶ ପ୍ୟାକିଂ ଟ ୦ ୶ ଡାକମାସୁଲ ଟ ୦ ୷।

ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି। ଏହି ମହୌଷଧ ଯଥାବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଖଣ୍ଡିତଳବତ୍ ସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦।।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ଗୁଗ୍‌ଗୁଲ ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ। ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ। ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଏ ୭ ଘଣ୍ଟାଠାରୁ ଏ ୮ ଘଣ୍ଟା ପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଏ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ।

କବିରାଜ ଶ୍ରୀ ଶାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ।

ସ୍ୱର୍ଗୀୟ କାଶୀରାମ ଦାସଙ୍କ

ମହାଭାରତ।

ସଚିତ୍ର ବନପର୍ବ।

୩୭୨ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ, ଉତ୍ତମ ଛବି ସାତ ଦିଆଯାଇଅଛି। ଏ ପୁସ୍ତକ ବୃହତ୍ ହେଲେ ସୁଦ୍ଧା ଗ୍ରାହକମାନଙ୍କ ସୁବିଧା ସକାଶେ ସୁଲଭ ମୂଲ୍ୟ ଟ ୨। ହୋଇଅଛି।

ସଚିତ୍ର ଭୀଷ୍ମପର୍ବ ମୂଲ୍ୟ	ଟ ୧ ୶	ଟ ୧।
ସଚିତ୍ର ଉଦ୍‌ଯୋଗ ପର୍ବ	,,	ଟ ୧।
ସଚିତ୍ର ଦ୍ରୋଣପର୍ବ	,,	ଟ ୧୯
କଳବ,ମନ ସ୍ୱୀଙ୍କ		ଟ ୦/୬
ମାଘ ମହାତ୍ମ୍ୟ		ଟ ୦୷

ଗ୍ରାହକେ କଟକ ଦରଗାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇପାରିବେ।

ଜୁନିୟର ସ୍କୁଲ୍‌ଶିପ୍ ପରୀକ୍ଷା, ଅପର ପ୍ରାଇମେରୀ, ଭର୍ଣ୍ଣା କ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ। ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗଭର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ। ଇତି।

ଶ୍ରୀ ଗୌରୀଶଙ୍କର ରାୟ।
ସେକ୍ରେଟରୀ।

ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି	ଟ ୦ ୶
ଅଧସ୍ତମ୍ଭରୁ	ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭରୁ	ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୷ ରୁ ଉଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥ ଥରର ଦେଢ଼ା ଓ ତୃତୀୟର ଅଧେ ହେବ

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ଦାଖଲ ହେବ

ଏହି ଉତ୍କଳଦୀପିକା ସମ୍ବାଦପତ୍ର ... କଟକ ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C. 51

269

ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ଖଣ୍ଡ ୩୪ ଶ / ସଂ ୩୨ ଖ୍ୟା } ତା ୧୬ ଦଶ ମାହେ ଅଗଷ୍ଟ ସନ ୧୮୭୯ ମସିହା । ମୁ । ତ ୨୯ ନ ଶ୍ରାବଣ ସନ ୧୨୮୭ ସାଲ ଶନିବାର । { ଅଗ୍ରୀମ ୪ ୩୮ / ପଶ୍ଚାଦେୟ ୫ ୬୮

ଗୋଟିଏ ବେଣ୍ଟାର ପୁଅ ଏଠା ବନ୍ଦୋବସ୍ତ ଅଫିସରେ ମୋହରର କର୍ମ କରୁଥିଲା । ସେ ଗୋଟିଏ କଣ୍ଟ୍ ଦେହରୁ କେତେକ ଜମିର ସତ୍ୱାଧିକାରୀର ନାମ କାଟି ଦେଇ ତହିଁରେ ତାହାର ମାଆର ନାମ ଲେଖି ଦେଇଥିଲା । ଧରା ପଡ଼ିବାରୁ ଜାଲ୍ କରିବା ଅପରାଧରେ ଫୌଜଦାରୀ ସୋପର୍ଦ୍ଦ ହୋଇଅଛି । ମୋକଦ୍ଦମା ଚଳୁଅଛି ।

ପୁଣି ବନ୍ଦୋବସ୍ତ ଅଫିସରେ ଜଣେ ମୋହରର ଏକ ବ୍ୟକ୍ତିର ନାମ କାଟି ଦେଇ ଆପଣାର ନାମ ସ୍ୱତ୍ୱାଧିକାରୀ ବୋଲି ଲେଖି ଦେଇଥିଲା । ସେ ମଧ୍ୟ ଧରା ପଡ଼ି ଫୌଜଦାରୀ ସୋପର୍ଦ୍ଦ ହୋଇଅଛି ।

—✳—

ଗତ ସପ୍ତାହର ସରକାରୀ ଫସଲ ରିପୋର୍ଟରୁ ପ୍ରକାଶ ଯେ ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ, ଦକ୍ଷିଣ, ସଉକାର, ଦକ୍ଷିଣ ଗୋଦାବରୀ, ନେଲୋର ପ୍ରଭୃତି ଏଥର ଯେପରି ଅନାବୃଷ୍ଟି ହୋଇଅଛି ଗତ ବ ୩୦ ବର୍ଷରେ ଦେଖା ନ ଥିଲା । ବମ୍ବେଇରେ କେବଳ ସିନ୍ଧୁ ଛଡ଼ା ଆଉ ସମସ୍ତ ପ୍ରଦେଶରେ ଭୁଅ ବେହୁଡ଼ା ଏକାବେଳେ ବନ୍ଦ ହୋଇଅଛି ଓ ଗଛ ହବୁ ଶୁଖି ଯାଉଅଛି । ମଧ୍ୟପ୍ରଦେଶର ଅବସ୍ଥା ଭଲ ନୁହେ । ମୂଳରେ ପୂର୍ବ ସପ୍ତାହଠାରୁ ଏ ସପ୍ତାହର ଅବସ୍ଥା ମନ୍ଦ ହୋଇଅଛି । ଦୀନା ଭଲ ନୁହେ ଏବଂ ଅଉ ୧୫ ଦିନ ମଧ୍ୟରେ ବୃଷ୍ଟି ନ ହେଲେ ଦୁର୍ଭିକ୍ଷ ଉପସ୍ଥିତ ହେବାର ଭୟ ହେଉଅଛି ।

———

ମେଦିନୀପୁରରୁ ସମ୍ବାଦ ଆସିଅଛି ଯେ ଗତ ଜୁଲାଇ ମାସ ତା ୧୧ ଖଣ୍ଡଠାରୁ ପ୍ରଚଣ୍ଡ ଭାରି ବୃଷ୍ଟି ହେବାରୁ ବିଲ ଖାଲ ସବୁ ବୁଡ଼ାଇ ଦେଇଥିଲା ଏବଂ ପ୍ରବଳ ବନ୍ୟାରେ କଂସାବତୀ ଏବଂ କେଲେଘାଇ ନଦୀମାନଙ୍କର କୂଳ ଉଛୁଳି ଦୁଇପାଖର ୨୦୦।୨୫୦ ଗ୍ରାମ ଧୋଇ ନେଇ ଗଲା । ଗ୍ରାମବାସିଙ୍କର କଷ୍ଟର ସୀମା ନାହିଁ । ସେମାନଙ୍କର ରକ୍ଷା ନିମନ୍ତେ ପୁଲିସ ବହୁତ ଉପାୟ କରୁଅଛନ୍ତି । ଭାରତର ଏକ ଦିଗରେ ଧୋଇ ଏବଂ ଅନ୍ୟ ଦିଗରେ ମରୁଡ଼ି ଏବର୍ଷର ପ୍ରଧାନ ଘଟନା, ଲକ୍ଷ୍ନୌ ଫଏଜାବାଦ ଜିଲ୍ଲାରେ ଗୋଖରାନଦୀ ବୃଦ୍ଧିଦ୍ୱାରା ଭୟାନକ କ୍ଷତି ହୋଇଅଛି ।

———

କେତେକ ମାସ ଉତ୍ତାରୁ ବାଲେଶ୍ୱର ସମ୍ବାଦବାହିକା ନୂତନ ବେଶରେ ବାହାରଅଛି ଓ ଆମ୍ଭେମାନେ ଚଳିତ ମାସ ତା ୭ ରିଖର ପତ୍ରିକା ପାଇ ଆନନ୍ଦିତ ହୋଇଅଛୁଁ । ବାହିକା ଏତେକାଳ ଜନ୍ଦ୍ରତ ଥିବାର କାରଣ ଏହି ଯେ ଯେଉଁ ଯନ୍ତ୍ରାଳୟରେ ଛାପା ଯାଉ ହେଉଥିଲା ତାହା ବାଲେଶ୍ୱର ପ୍ରିଣ୍ଟିଂ କମ୍ପାନିଙ୍କର ସମ୍ପତ୍ତି ଥିଲା । କମ୍ପାନିର ନେତାମାନଙ୍କ ମଧ୍ୟରୁ କେହି ମୃତ ଓ କେହି ସ୍ଥାନାନ୍ତରିତ ହେବାଦ୍ୱାରା କାର୍ଯ୍ୟରେ ବିଶୃଙ୍ଖଳା ଘଟିବାରୁ ଅବଶିଷ୍ଟ ଅଂଶିମାନେ ଯନ୍ତ୍ରାଳୟକୁ ସମ୍ଭାଳି ନ ପାରି ସାମନ୍ତ ଶ୍ରୀ ଗୋବିନ୍ଦ ପ୍ରସାଦ ଦାସଙ୍କ ହସ୍ତରେ ବିକ୍ରୟ କଲେ ଏବଂ ନୂତନ ଅଧିକାରୀ କାର୍ଯ୍ୟ ଚଳାଇବାର ସୁବନ୍ଦୋବସ୍ତ କରୁ୨ ଏତେଦିନ ବାହାରି ଗଲା । ବର୍ତ୍ତମାନ ବାହିକାର ଆକାର ଟିକି ଓଉ ସମ୍ବାଦ ପତ୍ର ହୋଇଅଛି କେବଳ ଦେଖନା. ମାତ୍ର ଦ୍ୱିଗୁଣ ସ୍ଥାନ ଅଧିକାର କରିଅଛି ।

———

ସମ୍ବଲପୁର ଜୁଡ଼ିସିଏଲରେ ପାଠ କଲୁଁ ଯେ ଗୁରୁଭିକ୍ଷ ଗଡ଼ ବଡ଼ ଜମିଦାରଙ୍କ ସ୍ତ୍ରୀ ଏବଂ ତାହାଙ୍କର ପୁତ୍ର ଖଣ୍ଡ ଦେଶ ଦୁଃଖ ପାନରେ କାତର ହୋଇଥିବାରୁ ସେହି ମୋକଦ୍ଦମାର ବିଚାର ନିମନ୍ତେ ଗବର୍ଣ୍ଣମେଣ୍ଟ ଷ୍ଟୁଆର୍ଟ ସାହେବଙ୍କୁ ସ୍ପେସିଆଲ ଜଜର କ୍ଷମତା ଦେଇ ପଠାଇଥିଲେ । ତାହାଙ୍କଠାରେ ପ୍ରକାଶ ପାଇଲା ଯେ ମୃତ ରାଜାଙ୍କର କୈମାତ୍ରେୟ ଭଗ୍ନିର ସ୍ୱାମୀ ଝିଟେଣୀ ଦାସ ଜଣେ ଉମାଇଠାରୁ କଣ ଆଣି ରାଜାଙ୍କ ପାଚକ ସହିତ ମନ୍ତ୍ରଣା କରି ତାହାଙ୍କର

Digitized by srujanika@gmail.com

Split by PDF Splitter

ଖାଇବା ଦୁଧରେ ମିଶାଇ ଦେଇଥିଲା । ରାଜାଙ୍କ ସହିତ ଶତ୍ରୁତା ଏବଂ ନିଜ ପତ୍ନୀର ସହୋଦର ଭ୍ରାତାଙ୍କୁ ରାଜା କରିବା ଅଭିପ୍ରାୟରେ ସେ ଯେପରି ନୃଶଂସ କାର୍ଯ୍ୟ କରିଥିଲା । ବିଚାରରେ ଅପରାଧ ପ୍ରମାଣ ହେବାରୁ ଜଜ ସହୋଦର ତ୍ରିବେଣୀ ଦାସ ଏବଂ ପାଚକ ଉଦୟ ଦାସର ପ୍ରାଣଦଣ୍ଡ ବିଧାନ କଲେ ଏବଂ ଅପିଲରେ ଚିଫ କମିଶନର ବାହାଦୁର ସେହି ଦଣ୍ଡ ସ୍ଥିର ରଖିଲେ । ବର୍ତ୍ତମାନ ତ୍ରିବେଣୀ ଦାସ ବଡ଼ଲାଟ ବାହାଦୁରଙ୍କ ନିକଟରେ ପ୍ରାଣ ଭିକ୍ଷା ମାଗିଅଛି । ଫଳ ଜଣା ଯାଇ ନାହିଁ ।

———

କଲିକତା ଗୋଲଦୀଘି ନିକଟ ଫୁଟପାତରେ ଉଚ୍ଛିଷ୍ଟ ବେଦେଶୀ, ଲଡ଼ୁ ପଡ଼ିକ ସହିତ ବସିଥିଲେ । ଜଣେ ମୁସଲମାନ ଭଦ୍ରଲୋକ ପ୍ରଥମେ ଗୃହକର୍ତ୍ତାଙ୍କ ପରେ ସ୍ୱୟଂ ଡାକିବାରୁ ସେମାନେ ତାହା ବାହାରିବାକୁ ନାସ୍ତି କରି ଏବଂ ଖିଆ କରିଥିଲେ ଅତ୍ୟନ୍ତ ଅଧିକ କଡ଼ା ମାଡିଲେ । ସେ ସମୟଟା ସକାଳବେଳ ଥିଲା ଏବଂ ବୃଷ୍ଟି ଇତ୍ୟାଦି କିଛି ଅସୁବିଧା ନ ଥିଲା । ଭଦ୍ରଲୋକ ନାଗର ହୋଇ ପୁଲିସରେ ନାଲିସ କରିବାରେ ମାଜିଷ୍ଟ୍ରେଟ ସାହେବ ଗତ ମାସ ତା ୧ ରିଖରେ ପ୍ରତ୍ୟେକ ବେଦେଶୀ ଉପରେ ଟ ୨୮ ଙ୍କା ଲେଖାଏଁ ମୋଟରେ ଟ ୨୪୮ ଙ୍କା ଜରିମାନା କଲେ । ଯେମନ୍ତ କାର୍ଯ୍ୟ ତେମନ୍ତ ଫଳ ! କଲିକତା ପରି ଅନ୍ୟାନ୍ୟ ସହରରେ ବଡ଼ ସାହେବଙ୍କର ଅଭିନ ଜାରି ଥିଲେ ଦେଶୀ ଗୌଡ଼ମାନଙ୍କର ହାତୁଆପଣରୁ ଲୋକେ ନିସ୍ତାର ପାନ୍ତେ ।

———

ଅଲିକାଣ୍ଡ ବୃଷ୍ଟିପରୀକ୍ଷକ ଗତମାସ ତା ୪ ରି-ଖରେ ଯେଉଁ ବୃଷ୍ଟି ଗଣନା ପ୍ରକାଶ କରିଅଛନ୍ତି ତହିଁରେ ସେ ସ୍ପଷ୍ଟ କହୁଅଛନ୍ତି କି ଅଳ୍ପ ଏକ ସପ୍ତାହ ପର୍ଯ୍ୟନ୍ତ ବୃଷ୍ଟି ହେବାର ଆଶା ନାହିଁ । ସନ ୧୮୭୬।୭୭।୮୦ ଏବଂ ୮୫ ରେ ମେଘର ଅବସ୍ଥା ଯେପରି ଥିଲା ଏବର୍ଷ ଠିକ ସେହିପରି ହୋଇଅଛି । ସନ ୧୮୭୭ ସାଲର ସ୍ୱଳ୍ପବୃଷ୍ଟି ହେତୁ ମାନ୍ଦ୍ରାଜରେ ଦୁର୍ଭିକ୍ଷ ପଡ଼ିଥିଲା । ମାତ୍ର ସେ କେତେକ ଲକ୍ଷଣ ଦେଖି ଆଶା କରନ୍ତି ଯେ ବର୍ତ୍ତମାନ ଅନାବୃଷ୍ଟିର କାଳ ଏହି ଅକ୍ଟୋବରମାସ ମଧ୍ୟରେ ଶେଷ ହେବ । ତଥାପି ବମ୍ବେର ପ୍ରଦେଶରେ ଅଧିକ ବୃଷ୍ଟିର ସମ୍ଭାବନା ଦେଖା ଯାଉ ନାହିଁ । ସନ ୧୮୭୬।୭୭ ସାଲର ଅର୍ଦ୍ଧ ବୃଷ୍ଟି ମାନ୍ଦ୍ରାଜର ଯେତେ କ୍ଷତି କରିଥିଲା ଏବର୍ଷ ଅନାବୃଷ୍ଟି ବମ୍ବେର ତଦପେକ୍ଷା ଅଧିକ ପରିମାଣ କ୍ଷତି କରିବ । ଅସ୍ତୁ ମଧ୍ୟରେ ଶୁଭ ଏତିକି ଜଣାଯାଉଅଛି ଯେ ଗୁଜରାଟର ଉତ୍ତର ଓ ପୂର୍ବ ଭାଗର ସୃପାଲକଙ୍କ ଦକ୍ଷିଣ ଓ ପଶ୍ଚିମ ଭାଗର ଅପେକ୍ଷାକୃତ କଷ୍ଟ ଅନେକ ପରିମାଣରେ ଲାଘବ ହେବ । ମାତ୍ର ଅକ୍ଟୋବରମାସ ଗତ ହେବା ପର୍ଯ୍ୟନ୍ତ କିଛି ନିଶ୍ଚୟ ବୋଲିଯାଇ ନ ପାରେ ।

———

ଅଙ୍କୁଡ଼ା ପ୍ରଗନା କମରପାଳ ମୌଜାର ଉକ୍ତ ଜେନାପତି ଯାଜପୁର ମୁନସଫଙ୍କ କଚ-ହେରୀରେ ଦରଖାସ୍ତ କରି ସେ କେତେକ ନମ୍ବର ନାଲିସି ଅରଜି ଦାଖଲ କରିଥିଲେ ସିରସ୍ତାଦାର ପ୍ରତି ନମ୍ବର ଅରଜିରେ ଟ ୨ । ଲେଖାଏଁ ନଜର ମାଗିଲେ ଏବଂ ସେ ତାହା ନ ଦେବାରୁ ଅରଜି ଫେରାଇଥିବାର ରିପୋର୍ଟ ଦଅନ୍ତେ ଅରଜିମାନ ଖାରଜ ହେଲା । ମୁନସଫ ସେହି ଦରଖାସ୍ତ ଅନୁସାରେ ମୁକଦ୍ଦମା ଦାଏର କରି କେତେଜଣ ସାକ୍ଷିର ଜୋବାନବନ୍ଦି ଗ୍ରହଣ ଓ ସିରସ୍ତାଦାର ଉଆହେଦ ଇଲ୍ଲାଙ୍କର କଇଫି-ୟତ ନେଇ ତାହାଙ୍କୁ ସସପେଣ୍ଡ କରି ଅଧିକା ତଦନ୍ତ ନିମନ୍ତେ ଆସନ୍ତା ତା ୨୬ ରିଖ ଧାର୍ଯ୍ୟ କରିଅଛନ୍ତି । କଥିତ ଅଛି ଯେ ଅଦାଲତରେ ପ୍ରଥମପକ୍ଷ ଗ୍ରହଣ ସମୟରେ ଉପସ୍ଥିତ ଥିବା କେତେ ଜଣ ଲୋକ ସିରସ୍ତାଦାର ପ୍ରତ୍ୟେକ ଅରଜିରେ ଟ ୦ । ଲେଖାଏଁ ନଜର ନେବାର ଶୁଣିଥିବାର ପ୍ରକାଶ କରିଥିଲେ । ଯାହାହେଉ ମୋକଦ୍ଦମାରେ ଗୁରୁତର ସାଧାରଣ ସ୍ୱାର୍ଥ ଜଡ଼ିତ ଥିବାରୁ ଆଶାକରୁଁ ମୁନସଫ ମହାଶୟ ଏଥିର ଯଥୋଚିତ ଅନୁସନ୍ଧାନ କରିବେ ।

—※—

ଓଲାଉଠା ଏକ ପ୍ରକାର ଶାନ୍ତ ହେଲେହେଁ ତହିଁର ଭୟ ନଗରବାସିଙ୍କ ମନରୁ ଯାଇ ନାହିଁ । ଦେବ ଆରାଧନା ନଗର କୀର୍ତ୍ତନ ଭାଗବତ ପାଠ ଏବଂ ଠାବେ ଠାବେ ମୁସଲମାନମାନଙ୍କର କୋରାନ ପାଠ ଲାଗିଅଛି । ଏପରି ଧର୍ମାନୁଷ୍ଠାନ ସର୍ବଦା ହେବା ଭଲ ଛଡ଼ା ମନ୍ଦ ନୁହେ । ମାତ୍ର ଯହିଁରେ ଲୋକଙ୍କ ମନରେ ଅକାରଣ ଭୟ ଜାତ ହୁଅଇ ତହିଁର ପ୍ରଶ୍ରୟ ଦେବା ଉଚିତ ନୁହେ । ଗତ ସପ୍ତାହରୁ ଶ୍ରୀ ଜଗନ୍ନାଥଙ୍କର ଆଜ୍ଞାପତ୍ର ବୋଲି ଗୋଟିଏ ଲେଖା ଏ ନଗର ମଧ୍ୟରେ ପ୍ରଚାରିତ ହୋଇଥିଲା । ତହିଁରେ ଅନ୍ୟାନ୍ୟ କଥା ମଧ୍ୟରେ ଲେଖା ଥିଲା କି ଗତ ରବିବାର ଠାରୁ ଅମାବାସ୍ୟା ଦିନ ସନ୍ଧ୍ୟା ପ୍ରହରଠାରେ ଏକ ଭୈରବୀ ଶବ୍ଦ ହେବ । ଯେ ଶୁଣିବ ତାହାର ତକ୍ଷଣାତ ମୃତ୍ୟୁ ହେବ । ଶୀଣ ଏଥିରୀ ଲୋକ-ମାନେ ସନ୍ଧ୍ୟା ସ୍ତବ ହୋଇ ସ୍ୱ ପୁଲିସର ଚକ୍ଷୁଙ୍କୁ ଛପନ କଲେ । କିନ୍ତୁ ଏ ଉଦ୍ଭାବ, ବିଶ୍ୱାସ ତାହାଙ୍କୁ କିଦ୍ୟ ହେବ କିପରି ? ସେ ଦିନ ରାତ୍ରିରେ ଝଡ଼ପଟ ହୋଇ ଘଣେ ଘଣେ ଘଡ଼ଘଡ଼ି ପଡ଼ିଥିଲା ଏବଂ ଏକାକ ଲୋକ ଘର ଘଣ୍ଟ ଅନ୍ୟର ଅଶ୍ରୟ ନେଇଥିଲା । ଯାହା ହେଉ ଭୈରବୀ ଶବ୍ଦ ହୋଇ ନାହିଁ କିମ୍ବା ତାହାର ହଠାତ୍ ମୃତ୍ୟୁ ହେବାର ଶୁଣା ଯାଇ ନାହିଁ । ପୁଲିସ ସେହି ଆଜ୍ଞାପତ୍ରର ସନ୍ଧାନ ପାଇଥିଲେ ତ ନା ଜାଣୁ, ଯେ ସବୁ କେତେକି ଲେଖା ପ୍ରଚ୍ଛନ୍ନଦ୍ୱାରା ଲୋକଙ୍କ ମନ ଅସ୍ଥିର ହୁଅଇ ତହିଁର ଅନୁସନ୍ଧାନ ନେଇ ବନ୍ଧନ ପ୍ରଚାର କରିବା ପୁଲିସର କର୍ତ୍ତବ୍ୟ ବୋଲି ଅମ୍ଭେମାନେ ବିବେଚନା କରୁଁ ।

———

ଗତ ସପ୍ତାହରେ ପ୍ଲେଗରୋଗ କଲିକତାରେ ଦେଖା ଥିଲା । ଏ ସପ୍ତାହରେ ବୃଦ୍ଧି ହୋଇଅଛି ବମ୍ବେର ଏବଂ ପୁନାରେ ଗତ ସପ୍ତାହଠାରୁ କ୍ରମାଗତ ବଢ଼ିବାରେ ଅଛି । ବମ୍ବେର ଏକ ପ୍ରଧାନ ସମ୍ବାଦପତ୍ରରେ ଲେଖାଅଛି କି ସେ ପ୍ରଦେଶରେ ପ୍ଲେଗରୋଗ ନୂତନ ରୂପ ଧାରଣ କରିଅଛି ଯାହାର ପ୍ରମାଣ ଡାକ୍ତରମାନେ ଠିକ କରି ପାରୁ ନାହାନ୍ତି । ବମ୍ବେର ପ୍ଲେଗ ରୋଗୀର ଗାତ୍ର ଜ୍ୱର ହୋଇ ୧୦୪ ରୁ ୧୦୫ ଡିଗ୍ରୀ ପର୍ଯ୍ୟନ୍ତ ତାପ ଉଠୁଅଛି ଏବଂ ଶୀଘ୍ର ଶରୀର ଅବସନ୍ନତା ଏବଂ ସନ୍ନିପାତ ଉପସ୍ଥିତ ହୋଇ ଶ୍ୱାସ ବନ୍ଦ ହୋଇ ପ୍ରାଣ ଯାଉଅଛି ଏଥିରେ ଶତକଡ଼ା ୮୫ ବା ୯୦ ମୃତ୍ୟୁ ଘଟୁଅଛି ଯେଉଁ ଅଳ୍ପଲୋକ ଆରୋଗ୍ୟ ହେଉଅଛନ୍ତି ସେମାନେ ଅତ୍ୟନ୍ତ ଦୁର୍ବଳ ହୋଇ ୧୦।୧୨ ଦିନ ଜ୍ୱର ଭୋଗ କରି ଉତ୍ତାରୁ ଅନେକ କାଳରେ ସବଳ ହେଉଅଛନ୍ତି । ପୁନାରେ ଯେଉଁ ନୂତନ ପ୍ରକାର ପ୍ଲେଗ ବାହାରିଅଛି ତାହାର ଲକ୍ଷଣ ଓଲାଉଠା ପରି ଅଟେ । ଏହା ସେ ବସ୍ତୁଗତ ମାଂସପିଣ୍ଡ ଫୁଲାଇ ମୃତ୍ୟୁ ଘଟାଇବାରୁ ତାହା ପ୍ରକାଶ ପାଉଅଛି । ଏଥିରୁ ବୁଝିବାକୁ ହେବ ଯେ ପ୍ଲେଗ ଗୋଟିଏ ସ୍ୱତନ୍ତ୍ର ରୋଗ ହେଉ ପଛକେ ଜ୍ୱର ଓ ଓଲାଉଠା ତହିଁର ଅନ୍ତର୍ଗତ ଅଟେ । ଯେଉଁ ରୋଗରେ ଏକ ସମ-ୟରେ ଅନେକ ଲୋକ କଷ୍ଟ ହୁଅନ୍ତି ତାହାକୁ

Digitized by srujanika@gmail.com

ଯାଏ । ବସନ୍ତରୋଗ ପ୍ଲେଗର ଅନ୍ତର୍ଗତ ଥିବାର ସମସ୍ତ ରୋଗର ନାମ ପ୍ଲେଗ ହୋଇ ନାହିଁ । ଭୟ କେବଳ ପ୍ଲେଗ ବିଷୟ ବିଧିରୁ । ସେହି ବିଧି ରକ୍ଷା କରିବା ବିଷୟରେ କର୍ତ୍ତୃପକ୍ଷମାନେ ଯେତେ ଅଧିକ ସାବଧାନ ହେବେ ତେତେ ମଙ୍ଗଳ ।

ଅଳ୍ପ ଦିନ ହେଲା ମାନ୍ଦ୍ରାଜ ସହରର ଏକ ସ୍ଥାନରେ ଜ୍ୱଳନ୍ତ ଅଗ୍ନି ଉପରେ ଚାଲିଯିବାର ଆଶ୍ଚର୍ଯ୍ୟ ବ୍ୟାପାର ପ୍ରଦର୍ଶିତ ହୋଇଥିଲା । ପ୍ରାୟ ଫି ୨୦ ଟ ଲମ୍ବା ଏବଂ ଫି ୧୦ ଚ ଚୌଡାରେ ଗୋଟିଏ ଅଳ୍ପ ଗଭୀର ଗାତ ଖୋଳା ହୋଇ ତହିଁରେ କାଠ ଭରଣ କରି ନିଆଁ ଲଗା ଦିଆ ଗଲା ଓ ସେ କାଠ ପୋଡୁଥିବା ବେଳେ ତହିଁ ଉପରେ ଅର୍ଦ୍ଧ ଫୁଟ ବହଳରେ କାଠର କୋଇଲା ବିଛାଇ ଦିଆଗଲା । ଅଙ୍ଗାର ଦଗ୍ଧ ହୋଇ ଜ୍ୱଳି ଉଠିଲାବେଳକୁ ଶଙ୍ଖ କଂସାଳ ଓ ମର୍ଦ୍ଦଳ ଇତ୍ୟାଦି ବାଦ୍ୟ ହେଉଥିଲା ଏବଂ ନାନା ଦିଗରୁ ଅସଂଖ୍ୟ ଲୋକ ଏହି ଅଗ୍ନିକ୍ରୀଡା ଦେଖିବା କାରଣ ଜୁଣ୍ଡ ହୋଇଥିଲେ । ଶାନ୍ତିରକ୍ଷା ନିମନ୍ତେ ପୋଲିସ ନିଯୁକ୍ତ ଥିଲେ ଏବଂ କୌତୁକ ଦେଖିବାକୁ ଅନେକ ଗୋରା ସିପାହୀ ଏବଂ ଅନ୍ୟାନ୍ୟ ଇଉରୋପୀୟ ମାନେ ମଧ୍ୟ ଆସିଥିଲେ । ସର୍ବପ୍ରଥମେ ଜଣେ ପୂଜାରୀ ବା ସେ ଏକ ମନ୍ଦିର ସେବକ ଅଟେ, ହଳଦିଆ ପାଟ ପିନ୍ଧି ଗଳାରେ କଦମ୍ବ ଫୁଲମାଳ ଲମ୍ବାଇ ମୁଣ୍ଡରେ ଗୋଟିଏ ପିତଳ ଥାଳ ନେଇ ଉପସ୍ଥିତ ହେଲେ । ଥାଳରେ ଗୋଟିଏ ଛୁରୀ ଥିଲା । ସେ ତହିଁର ଅଗ୍ରଭାଗ ଉପରକୁ ଥିଲା ପୂଜାରୀ ଦେବତାଙ୍କ ଇଚ୍ଛା ବୁଝିବା ନିମନ୍ତେ ସେ କେତେଗୋଟି ଫୁଲ ଜଳରେ ବୁଡାଇ ସେହି ଅଗ୍ନିରେ ନିକ୍ଷେପ କଲେ । ଯେବେ ତାହା ପୋଡି ନ ଯାଇଥାନ୍ତା ତେବେ ସେ ଜାଣନ୍ତେ ଯେ ଅଗ୍ନିରେ ଚାଲିଯିବା ଦେବତାଙ୍କର ଇଚ୍ଛା ନୁହେ ଓ ତହିଁରେ ବିପଦ ଘଟିବ । ମାତ୍ର ଫୁଲଗୁଡିକ ପୋଡି ନ ଯାଇ ଅଧିକତର ଉଜ୍ଜ୍ୱଳ ଏବଂ ସୁନ୍ଦର ଦିଶିଲା । ତହୁଁ ଦେବତା ସନ୍ତୁଷ୍ଟ ଥିବାର ସେ ଜାଣି ପାଇ ପୂଜାରୀ ଅଗ୍ନିରେ ପ୍ରବେଶ କରି ଏକ ଦିଗରୁ ଅନ୍ୟ ଦିଗକୁ ଚଞ୍ଚଳ ଭାବରେ ଚାଲିଗଲା । ତାହା ଗୋଡ଼ ପୋଡି ଯିବାର ଚେଷ୍ଟା ଆଉ ସାମାନ୍ୟ ଫୋଟକା ବା ପୀଡ଼ା ସୁଦ୍ଧା ହେଲା ନାହିଁ । ତାହାର ଅଭିନ୍ନ ଦୃଷ୍ଟାନ୍ତରେ ଉତ୍ସାହିତ ହୋଇ କ୍ରମେ ଅନ୍ୟ ନ ୧୦।୧୨ ଶ ମନୁଷ୍ୟ ଏବଂ ଏକଜଣ ବ ୯ ବର୍ଷର ପିଲା ବଳବନ୍ତ ହୋଇ ସେହି ଅଗ୍ନି ଉପରେ ଦଉଡି ଗଲେ ଏବଂ ସେମାନଙ୍କ ଗୋଡରେ ମଧ୍ୟ ଅଗ୍ନିର ପୀଡା କିଛୁ ହେଲା ନାହିଁ । ଦର୍ଶକମାନେ ଏହି କାଣ୍ଡ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲେ । ହିନ୍ଦୁମାନେ ଅବଶ୍ୟ ଦୈବ-ଶକ୍ତି ବଳରୁ ଏହା ସାଧିତ ହେବାର ବିଶ୍ୱାସ କରି ଉଚ୍ଚୈଃ ସ୍ୱରରେ ହରିବୋଲ ପକାଇଲେ ଏବଂ ଅନ୍ୟମାନେ ଏହା କୁହୁକବିଦ୍ୟା ସମ୍ପନ୍ନ ହେବାର ସ୍ଥିର କଲେ । ସେମାନଙ୍କ ବିଚାରରେ କୌଣସି ଦ୍ରବ୍ୟ ମିଶ୍ରିତ ଜଳରେ ଫୁଲ ସବୁକୁ ବୁଡାଇ ଥିବାରୁ ନିଆଁରେ ପୋଡିଗଲା ନାହିଁ ଏବଂ ଗୋଡରେ କୌଣସି ପଥର ରସ ଅଥବା ଅନ୍ୟ ପଦାର୍ଥ ଘଷି ଥିବାରୁ ଅଗ୍ନି ଲାଗିଲା ନାହିଁ ।

କଟକ ପ୍ରଦର୍ଶନୀ ।

ଏ ନଗରରେ ଗତ ଫେବୃଏରୀ ମାସ ତା ୨୪ ରିଖରେ ଯେଉଁ ଉଦ୍ୟାନ କୃଷି ଏବଂ ଶିଳ୍ପ ଦ୍ରବ୍ୟାଦିର ପ୍ରଦର୍ଶନୀ ହୋଇଥିଲା ତହିଁର ଗୋଟିଏ ଇଂରାଜୀ ଛାପା ବିବରଣୀ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଗତବର୍ଷର ବିବରଣୀ ପ୍ରାୟ ମା ୧୦ ପରେ ବାହାରିଥିଲା ଏବର୍ଷ ପାଞ୍ଚମାସରେ ବାହାରିଲା ଅବଶ୍ୟ ସୁଖର ବିଷୟ ଅଟେ । ମାତ୍ର ଆହୁରି ଶୀଘ୍ର ଅର୍ଥାତ୍ ପ୍ରଦର୍ଶନୀ କଥା ଲୋକେ ପାଶୋରିଯିବା ପୂର୍ବରୁ ପ୍ରକାଶ ହେବା ବାଞ୍ଛନୀୟ । ଏବେ ବିଳମ୍ବରେ ତହିଁ ପ୍ରତି କାହାରି ଆସ୍ଥା ରହିବାର ଅଳ୍ପ ସମ୍ଭାବନା । କାର୍ଯ୍ୟ ନିର୍ବାହକ କମିଟୀ ଏହି ପ୍ରଦର୍ଶନୀକୁ ସର୍ବ-ପ୍ରକାରେ ସଫଳ କରିବା କାରଣ ଅନେକ ଯତ୍ନ ଓ ପରିଶ୍ରମ କରିବାର ବିଶେଷତଃ ଶ୍ରୀଯୁକ୍ତ ଇଂଲିସ ସାହେବ ସମ୍ପାଦକ ବିଶେଷରୂପେ ମନୋ-ଯୋଗୀ ଥିବାର ଏବଂ ତହିଁପାଇଁ ଏ ପ୍ରଦେଶୀୟ ଦ୍ରବ୍ୟ ଛଡ଼ା ବଙ୍ଗଳା ଏବଂ ମାନ୍ଦ୍ରାଜରୁ ମନୋ-ହର ଦ୍ରବ୍ୟମାନ ଅଣାଇବାର ପ୍ରକାଶ । ତଥାପି ଏହା ବିଶେଷ ଫଳଦା ଲାଭ କରି ନ ଥିଲା ଏମ୍ପା ପୂର୍ବବର୍ଷଠାରୁ ଅଧିକ ହିତସ୍ଥ ହୋଇ ନ ଥିଲା । ଆମ୍ଭମାନଙ୍କ ବିବେଚନାରେ ଏ ପ୍ରଦର୍ଶନୀ ଯେମନ୍ତ କେବଳ ଇଉରୋପୀୟ ଏବଂ ନଗର ବାସୀ ଦେଶୀୟ ବଡ଼ଲୋକଙ୍କ ଆମୋଦ ନିମ-ନ୍ତେ ହୋଇଥିଲା ଏବଂ ସେହିମାନେ ତହିଁର ପୃଷ୍ଠପୋଷକ ଏବଂ ଦର୍ଶକ ଥିଲେ । ଯେଉଁମାନେ ଶାକସବଜି, ଫୁଲଫଳ, ଅଥବା ଧାନ୍ୟାଦି ଫସଲ ଉତ୍ପନ୍ନ ଓ ଶିଳ୍ପଦ୍ରବ୍ୟାଦି ଜାତକା ନିର୍ମାଣ କରନ୍ତି ସେମାନଙ୍କର ଯେମନ୍ତ ଏଥିରେ କିଛି ସ୍ୱତ୍ୱ ନ ଥିଲା । ଅନ୍ତତଃ ପ୍ରଦର୍ଶକଙ୍କ ମଧ୍ୟରେ ସେମାନଙ୍କ ସଂଖ୍ୟା ଅତ୍ୟନ୍ତ ବିରଳ, ପୁରସ୍କାର ପାଇବା କଥା କିଏ ପଚାରେ ? ରିପୋର୍ଟ ଖଣ୍ଡିକ କେବଳ ଇଂରାଜୀଭାଷାରେ ପ୍ରସ୍ତୁତ ହେବାଦ୍ୱାରା ମଧ୍ୟ ଏହା ପ୍ରକାଶ ହେଉଅଛି ଯେମନ୍ତ କୃଷିମାନଙ୍କର ହିତ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ନ ଥିଲା । ଏଥିରୁ କେହି ମନେ କରିବେ ନାହିଁ ଯେ ଆମ୍ଭେ-ମାନେ ଏପ୍ରକାର ପ୍ରଦର୍ଶନୀର ବିରୋଧୀ, ପ୍ରକୃତରେ ଆମ୍ଭେମାନେ ପ୍ରଦର୍ଶନୀର ବିଶେଷ ପକ୍ଷପାତୀ । ଆମ୍ଭ-ମାନଙ୍କର ଅଭିପ୍ରାୟ ଏହି ଯେ ପ୍ରଦର୍ଶନୀଦ୍ୱାରା ଯେଉଁମାନଙ୍କର ଉପକାର ହେବା ବାଞ୍ଛନୀୟ ସେମାନଙ୍କର ମନୋଯୋଗ ଆକର୍ଷଣ କରିବା ଏବଂ ସେମାନଙ୍କ ମଧ୍ୟରେ ତହିଁର ବିବରଣ ବିସ୍ତାରିତରୂପେ ପ୍ରଚାର କରିବା ପ୍ରତି କମେଟୀ ଯଥୋଚିତ ମନୋଯୋଗୀ ହେଲେ ଏବଂ ସେପରି ବନ୍ଦୋବସ୍ତ କଲେ ବଡ ଆନନ୍ଦର ବିଷୟ ହେବ ।

ପ୍ରଦର୍ଶନୀର ଆୟ ବ୍ୟୟର ବିବରଣ ନିମ୍ନେ ପ୍ରକାଶିତ ହେଲା । ଯଥା ।—

ଆୟ

ପୂର୍ବ ପ୍ରଦର୍ଶନୀର ବଳକା	ଟ ୧୦୬୮/୩
ଦାନ ଓ ବରାଦ୍ଦ ଚନ୍ଦା ଆଦାୟ	ଟ ୧୪୪୭
ସରକାରୀ କୃଷିବିଭାଗର ସାହାଯ୍ୟ	ଟ ୧୦୦
ଘରବିକ୍ରୀ, କମିଶନ ଇତ୍ୟାଦି	ଟ ୧୦୪
ଏକୁ	ଟ ୧୬୫୭।୵/୩

ବ୍ୟୟ ।

ପ୍ରଦର୍ଶନୀର ସ୍ଥାନ ପ୍ରସ୍ତୁତ ଇତ୍ୟାଦି	ଟ ୩୪୪
ପୁରସ୍କାର ବିତରଣ	ଟ ୩୮୪
ଷ୍ଟାମ୍ପଖରଚ	ଟ ୭୮/
ବାଜେ ଖରଚ	ଟ ୯୪୬/୩
ଏକୁ	ଟ ୮୮୦୬୵/୩

ମୋଟ ଆୟ ଟ ୧୬୫୭।୵/୩ ମଧ୍ୟରୁ ମୋଟ ବ୍ୟୟ ଟ ୮୮୦୬୵/୩ ଯାଇ ଟ ୭୭୬୵/ ଜିମାରେ ରହିଅଛି । ଏଥିର ସ୍ୱାକ୍ଷରିତ ଚନ୍ଦାମଧ୍ୟରୁ ଟ ୨୫୧ ଙ୍କା ଉସୁଲ ହୋଇ ନାହିଁ । ସୁତରାଂ ତାହା ଆଦାୟ ଯୋଗ୍ୟ ଅଟେ । ସୁତରାଂ ୨୧୮ ଶତ ଟଙ୍କାରୁ ଊର୍ଦ୍ଧ୍ୱ ଉଦ୍ବର୍ତ୍ତ ରହୁଅଛି । ଏହା ବଡ଼ ସନ୍ତୋଷଜନକ ଅଟେ ଏବଂ କମିଟୀ ସାଦ

Digitized by srujanika@gmail.com

Split by PDF Splitter

ଧାନଚୂର୍ଣ୍ଣ କାର୍ଯ୍ୟ କରୁଥିବାର ପ୍ରକାଶ । ପରନ୍ତୁ ଯେସ୍ଥଳେ ଏକୋଟିଆ ହାତରେ ରହୁଅଛି ସେ ସ୍ଥଳେ ଅବିଳମ୍ବେ ଅସନ୍ତା ବର୍ଷର ପ୍ରଦର୍ଶନୀର ଉଦ୍ୟମ ହେବା ଆବଶ୍ୟକ । ଅନ୍ତିମରେ କାର୍ଯ୍ୟାରମ୍ଭ ହେବା ଗତ ଦୁଇ ପ୍ରଦର୍ଶନୀର ଫଳ ଆଶାନୁରୂପ ନ ହେବାର ଅନ୍ୟତର କାରଣ ହୋଇପାରେ ।

ପ୍ରଦର୍ଶନୀର ସାହାଯ୍ୟ ନିମନ୍ତେ ଯେଉଁମାନେ ଟଙ୍କା ଦାନ କରୁଥିଲେ ସେମାନଙ୍କର ସଂକ୍ଷେପ ତାଲିକା ନିମ୍ନେ ପ୍ରକାଶିତ ହେଲା । ଯଥା—

ମହାରାଜା ଅଠମଲ୍ଲିକ, ରାଜା ହିନ୍ଦୋଳ, ରାଜା ମୟୂରଭଞ୍ଜ, ଏବଂ ରାଜା ଦର୍ପଣୀ ପ୍ରତ୍ୟେକେ ଟ ୧୦୦

ଶ୍ରୀଯୁକ୍ତ ଜ୍ଞାନେନ୍ଦ୍ରନାଥ ସାହେବ, ଏମ୍, ଏସ୍, ଦାସ ସାହେବ, ରାଜା ନୀଳଗିରି, ମହାରାଜା ଢେଙ୍କାନାଳ, ରାଜା ବୌଦ, ରାୟ ହରିବଲ୍ଲଭ ବସୁ ବାହାଦୁର ପ୍ରତ୍ୟେକେ ଟ ୫୦

ଅଳରାଜା ଟ ୪୦

ଶ୍ରୀମତ୍ୟା ଅନ୍ନପୂର୍ଣ୍ଣା ଦେବୀ, ମାନେଜର କୁଜଙ୍ଗ ଓ ରାଜା ରଣପୁର ପ୍ରତ୍ୟେକେ ଟ ୩୦

ଏଚ୍, ଏଲ୍, ମାକ୍ରକ୍ସ, ଜ, ବ୍ରାଉନ, ଏସ୍, କ୍ରେଗ୍ମର ସାହେବମାନେ, ରାଜା ବୈକୁଣ୍ଠନାଥ ଦେ ବାହାଦୁର, ମଧୁଦାସ, ଓ ତାଲଚେର ତଥାମାନେ ଏବଂ କେନ୍ଦ୍ରାପଡ଼ାର ସରବରାହକାରମାନଙ୍କ ପକ୍ଷରୁ ବାବୁ ଜନସ୍ୱାମୀ ଶୁକ୍ଳ ଦତ୍ତ ପ୍ରତ୍ୟେକେ ଟ ୨୫

ଏ, ଇଂଲିସ ଏବଂ ଲି, ଏଫ, ଗ୍ରାଉସ ସାହେବମାନେ ପ୍ରତ୍ୟେକ ଟ ୨୦

ଅର୍, ଲ, କାର୍ଟର, କଣ୍ଠାକ ୟୁଙ୍ଗ, ଏଚ୍, ଅରଣ୍ଟ ଏବଂ ଏଚ, ବାର୍ଲୋ ସାହେବମାନେ, ଓ ରାଧାନାଥ ରାୟ ମହାଶୟ ଓ ବାବୁ ଜଗେନ୍ଦ୍ରନାଥ ରାୟ ଚୌଧୁରୀ ପ୍ରତ୍ୟେକେ ଟ ୧୫

ଏଚ, ଡ, ହେୱ, ଜେ, ବୋଲ୍ଟନ, ଟି, ବ, ଦାସ ଏବଂ ଏଫ୍, ହି, ଡାଲ ସାହେବମାନେ, ରାଜା ଅଠଗଡ଼, ଲୁପ୍‌ଗମ ଇବ୍ରାହିମ ଦିଲ୍ଲୀମା, ବାବୁ ଗଣେଶପ୍ରସାଦ ଭଗତ, ବାବୁ ଗୌରୀଶଙ୍କର ରାୟ, ରାୟ ସାହେବ ଲକ୍ଷ୍ମୀନାରାୟଣ ମହାନ୍ତି ଓ ବାବୁ ରାଧାଚରଣ ଦାସ ପ୍ରତ୍ୟେକେ ଟ ୧୦

ବାବୁ ମାଧବଲାଲ, ମୌଲବୀ ମହମଦ ଜିଲାନୀ, ବାବୁ ଯୁଗଳକିଶୋର ଦାସ, ବାବୁ ସୁଦାମଚରଣ ନାୟକ, ହାଜି ଲତିଫ୍ ସଲେମାନ, ହାଜି ସରଫୁଦ୍ଦିନ, ହାଜି ଜାଫର ପଟେଲ, ଖାନ ସାହେବ ମହମଦ କାସିମ, ମହମଦ ହାଜି ହାସିମ, ବାବୁ କେଶବଚନ୍ଦ୍ର ମହାପାତ୍ର, ମୁନସୀ ସେକ୍ ଅବଦୁଲ ଅଜିଜ୍; ବାବୁ ପଦନ ସାହୁ, ବାବୁ ଜେ, ଏସ୍; ସ୍ୱରୂପ ପ୍ରତ୍ୟେକେ ଟ ୫

ସ୍ଥାନାଭାବରୁ ଟ ୫ ରୁ ଊଣା ଦେବାବାଳାଙ୍କର ନାମ ଛାଡ଼ି ଦେବାକୁ ବାଧ୍ୟ ହେଲୁଁ ।

ସେମାନଙ୍କ ମଧ୍ୟରେ ଏକଜଣ ଟ ୩ ୧ ଙ୍କା ଜ ୮ ଣ ଟ ୨ ୧ ଙ୍କା ଲେଖାଏ ଏବଂ ଜ ୧୦ ଣ ଟ ୧ ୧ ଙ୍କା ଲେଖାଏ ଦେଇଥିଲେ ।

ସାପ୍ତାହିକ ସମ୍ବାଦ

କଲିକତା-ଗେଜେଟ ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମୌଲବୀ ସୈୟଦ ଅବଦୁଲ ମାଜିଦ ଛଅ ମାସର ଛୁଟି ଗ୍ରହଣ କରିଅଛନ୍ତି ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ମାନସିଂହ ଛୁଟିରୁ ଫେରିଲେ ଉକ୍ତ ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ମନୋମୋହନ ଚକ୍ରବର୍ତ୍ତୀ ଜଣ୍ଡ ସେକ୍ରେଟାରୀଙ୍କ ସବଡିଭିଜନ ଚାର୍ଜ ଗ୍ରହଣାର୍ଥେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ବୈକୁଣ୍ଠନାଥ ସେନ, ବାବୁ ସୁରେନ୍ଦ୍ରନାଥ ବାନାର୍ଜି ଓ ସଗାର ପ୍ରେମଚାନ୍ଦର ମିଃ ଏଫ, ଏଫ ହାଇୟ୍ ଟାଉନ ଡାକ୍ତରୀ ପରୀକ୍ଷା ପାଇଁ ନିଯୁକ୍ତ ହୋଇଅଛନ୍ତି ।

ଅଗ୍ରହାୟଣ—ଜାଜପୁର ବନ୍ଧନ ଇନ୍ସପେକ୍ଟର ପଣ୍ଡିତ ମିଃ ମେ, ସି ହେଦ୍ରା ଛଅମାସର ଛୁଟି ପାଇ ହୋଇଅଛନ୍ତି ଓ ତାଙ୍କର ପଦରେ ପୁର୍ଣ୍ଣରେ ଅଃ ପଣ୍ଡିତ ବାବୁ ମଧୁସୂଦନ ଦେବ ସ୍ଥାୟୀ ନିଯୁକ୍ତ ହୋଇଅଛନ୍ତି ।

ସବ୍ ଡେପୁଟି କଲେକ୍ଟର ବାବୁ ଜାନକୀନାଥ ଜୟକୁମାର ହଇକୋର୍ଟ ସବର ମହକୁମାରେ ଅବସ୍ଥାପିତ ହେଲେ ।

ଭୁବନେଶ୍ୱର ସବ୍ ଡେପୁଟି କଲେକ୍ଟର ବାବୁ ମୁରଲି ମିଶ୍ର କଟକ ଜିଲାରେ ଅବସ୍ଥାପିତ ହେଲେ ।

ଏ ସପ୍ତାହରେ ୪ ଇଞ୍ଚ ବୃଷ୍ଟି ହୋଇ ... ର ସୀମାନ୍ତରେ ହୋଇଥିବା ମାତ୍ର ବୃଷ୍ଟିର ପରିମାଣ ... ଭଲ ନାହିଁ ... କେତେ ଦିନ ପରେ ସମ୍ବାଦ ... ଏବେ ... ଜନ୍ମ ହୋଇଅଛି ।

ଗୋପାଳପୁରର ଗତ ଜାନୁଆରୀ ମାସର ... ହୋଇଅଛି । ... ଆମମାନଙ୍କରେ ରହିଅଛି ।

ଗତ ବୁଧବାର ୫ ଜଣରେ ... ମହଲରେ ... ହୋଇଅଛି । ... ପାଦ ଅଙ୍ଗରେ ହୋଇ ... ଲୋକ ... ଜଣେ ... ପାଇଁ ... ଜଣ ... ମରିଅଛନ୍ତି । ... ଭବ ...

ଏଠାର ଡେପୁଟି କଲେକ୍ଟର ମିଃ ଓ ସାହେବଙ୍କ ... ଦିନ ... ଆସିଥିଲେ । ... ସାହେବଙ୍କର ...

ପ୍ରଜାଙ୍କ ହେବ ଯାଉ ନାହିଁ [illegible] ଅଛନ୍ତି ବୋଲି ବୋଲିବ କହି [illegible] ମାନଙ୍କୁ ହାନି କରୁଅଛନ୍ତି [illegible]

ଜଗତସିଂହ ପୁରର ଏକାଦଶୀ [illegible] ଗତ ମାସ ତା ୧ ଦିନରେ ... [illegible] ଅଛନ୍ତି । ସେ ସେଠାରେ ... କାର୍ଯ୍ୟ [illegible] ବର୍ତ୍ତମାନ ପୋଷ୍ଟ ଅଫିସର ... [illegible] ଜଣେ ପିଅନକୁ ଦଣ୍ଡ ଦିଆଯାଇଅଛି ।

କୃଷି ବିଭାଗର ଡାଇରେକ୍ଟର ସାହେବ ଏଠାକୁ ଆସିଅଛନ୍ତି । ବଲୋବସ୍ତ ଅଫିସ ଶୀଘ୍ର ଉଠି ଯିବା ଖବରରେ ବସ୍ତୁର ଯାଇଅଛି ।

ଗତ ମାସ ତା ୨୨ ଦିନ ... ଶୀତ ... ଲୋକ ସାଧାରଣ ... ଅଛନ୍ତି ... ସ୍ଥାନ ... ଏଥି ପାଇଁ ... ମହାଜନମାନେ ... କରୁଅଛନ୍ତି ।

... ଜଣେ ... ମିଃ ... ମୋକଦ୍ଦମା ଚଳାଇବା ... ଅପମାନସୂଚକ ... ବ୍ୟବହାର କରିଥିଲେ । ... ପ୍ରମାଣ ହେବାରୁ ... ମା ୨ ଶ ... ଦଣ୍ଡ କରିଅଛନ୍ତି । ଏଥି ... ଏଥରେ କାର୍ଯ୍ୟକାରକ ... ହେବ ।

... ବାବୁ ବୈକୁଣ୍ଠନାଥ ... ହୋଇଅଛନ୍ତି ... ଦାହା ... କରୁଅଛନ୍ତି ।

... ସମୟରେ ... ହୋଇଅଛି । ... ମହାଶୟଙ୍କ ... ଦଣ୍ଡ ...

ବୃଷ୍ଟିଠାରୁ ... ପୁର୍ବେ ... ଓଡ଼ିଆ ... ଖାଦ୍ୟ ... ପ୍ରାପ୍ତ ହେଲା ।

... ମାସରେ ... ଟ ୧୮୯ ... ହୋଇନାହିଁ । ... ହୋଇଅଛନ୍ତି ।

... ଦିନ ... ହୋଇଥିଲା ... ଜଣ ... ପରେ ... ମୃତ୍ୟୁ ... ଦେବାରୁ ... ହୋଇ ... ମରିଅଛି ।

... ଉପରେ ... ଉଠାଇବାର ... କରୁଅଛନ୍ତି । ... ହେବ ।

Digitized by srujanika@gmail.com

…ରେ ଏକ ବ୍ୟକ୍ତି …ସ ବହୁତ କାଗଜ …ମୀ ଓ ତାହା ଘର …ପସ୍ଥିତ ହେଲ । ଏହା …ନିମନ୍ତେ ମୃତ ବ୍ୟକ୍ତିର …। ତାହାର୍ ହାତରେ ଏମନ୍ତ … ମଧ୍ୟରେ ରହିଲେ ପ୍ରାଣବାୟୁ …ର ନ ଦେଖନ୍ତୁ ।

…ଠାରେ ଜଣେ ଚାଷୀ ଆପଣା ପୁତ୍ରର ଖୋଜ …ର ନେଇ ଯିବା ଅବସ୍ଥାରେ ଚଳମାନ କାପ- ତଶ୍ର ପାଇଥିବାର ସମ୍ବାଦ ମିଳଇ ।

ରଉଲ୍ପିଣ୍ଡି ନାମକ ଜଣେ ସାହେବ ଘୋଡ଼ାର ପୃଷ୍ଠ ଉପରେ ସମ୍ବାଦ ଦେଉଥିଲେ ସେ ତାଙ୍କର କାଗଜପତ୍ର ଖାଲି ନେଇବା ସମୟରେ ଏପରି ଦେଖାଇଥିବାରୁ ସେ ଅଶ୍ୱାରୋହୀ ତାଙ୍କୁ ସହାୟ ଥିଲେ ଏମନ୍ତ ସମୟରେ ପଲ୍ଟନର ଜଣେ ସେନା ଅଗ୍ନି ତାଙ୍କୁ କାର୍ଯ୍ୟରେ ଲୁଣ୍ଠି ପକାଇଲା । ତତ୍ପରେ ସାହେବ ଙ୍କ ସମ୍ବାଦ ମିଥ୍ୟା ଥିବାର ଏବଂ ବନ୍ଧୁମାନଙ୍କରେ ଖେଳୁଥିବା ବେଳେ ହଠାତ୍ ବନ୍ଧୁକ ତାଙ୍କ ଶରୀରରେ ଲ… ହୋଇ ଯାଇଥିବାର କହୁଅଛନ୍ତି ।—ଏପରି ମିଥ୍ୟାସମ୍ବାଦ ଦେବାର କାରଣ ଅବଶ୍ୟ ଜଣାପଡ଼ ନାହିଁ ।

ସୀମାନ୍ତ ପ୍ରଦେଶରୁ କ୍ରମାଗତ ଅଶାନ୍ତ ସୂଚକ ସମ୍ବାଦମାନ ଆସୁଅଛି । ବାନୁଚିସ୍ଥାନ ସୁଲିସ ସହରକୁ ଆକ୍ରମଣ କରି ସେଠା ସେନେ ଜଣେ କନେଷ୍ଟବଲକୁ ମାରିଦେଇ ତାହାର ବନ୍ଧୁକ ଘୋଡ଼ା ନେଇ ପଳାଇଅଛନ୍ତି । ୭୭ ଣ ଗ୍ରାମବାସୀ ପେଣ୍ଟବାରଠାରୁ ଆସୁଥିବା ସମୟରେ ଲୁଟେରାମାନେ ତାଙ୍କୁ ଆକ୍ରମଣ କରି ତାଙ୍କଠାରେ ଥିବା ଗୋ ୧୧ ଟି ଗାଈ ଏବଂ ଘୋଡ଼ା ୭ ଟି ବଳଦ ନେଇ ପଳାଇଲେ । ପୁଲିସ ତାଙ୍କ ପଛରେ ଗୋଡ଼ାଇ ଗଲେ ମଧ୍ୟା କିଛି ସନ୍ଧାନ କରି ନ ପାରି ଫେରିଆସିଲେ ।

ସୀମାନ୍ତ ପ୍ରଦେଶରୁ ଅଶାନ୍ତ ସୂଚକ ସମ୍ବାଦମାନ ଆସୁଅଛି ଗତମାସ ତା ୬୦ ଖସରେ ଲୁଟେରାମାନେ ପୋଲିଟିକାଲ ଏଜେଣ୍ଟଙ୍କୁ ରଥଯୋଗେ ଠାରେ ଆକ୍ରମଣ କରି ତାଙ୍କ ଉପରେ ଗୁଳି ମାରି ପକାଇଅଛନ୍ତି । ସାହେବଙ୍କୁ ଅଠ ଥର ଗୋଳି ମାରି ଦେଲେ ମଧ୍ୟ ଗୋଟିଏ ଗୁଳି ସାହେବଙ୍କ ଦେହରେ ଲାଗିବା ଜଣେ ଜାଣ ନାହିଁ ।

…ଉର ସୁନାଭିମୁଖ ବଳଦେବ ଦାସ ପାରମର … ମୋହନ ଲାଲ ବସନ୍ତଲାଲ ୫୭୩୦୦୦ ଟଙ୍କାର ଜାଲ … ବ୍ୟବହାର କରିବା ଅପରାଧରେ ୭ ୪ ବର୍ଷ କଠିନ ପରିଶ୍ରମ ସହିତ କାରାବାସ ପାଇଥିବାର ସମ୍ବାଦ ମିଳଇ । ସେହି ଘଟନା ସମ୍ବନ୍ଧରେ ମାଣିକଲାଲ ଏବଂ କାଶୀରାମଙ୍କ ଦୋଷୀ ସାବ୍ୟସ୍ତ ହେବାରୁ ପ୍ରତ୍ୟେକେ ୨ ୨ ବର୍ଷ ଲେଖାଏଁ କାରାଦଣ୍ଡର ଆଦେଶ ପାଇଅଛନ୍ତି ।

ଗତ ବର୍ଷ ଭାରତ କଂଗ୍ରେସ ସମିତିର ଅଧିବେଶନ ଲକ୍ଷ୍ନୌଠାରେ ହେବାର ପ୍ରସ୍ତାବ ହୋଇଥିବା ବିଷୟ ପାଠକମାନଙ୍କୁ ଜଣାଅଛି । ଇତି ମଧ୍ୟରେ ନ ୪୦।୫୦ ଣ ମୁସଲମାନ ଏକତ୍ର ଅଧିବେଶନ ପକ୍ଷ ଲଭିବା ପାଇଁ ମିଳି ଲୋଟ ଗଭର୍ଣ୍ଣର ସାହେବଙ୍କ ସମୀପରେ କଂଗ୍ରେସର ଅଗତ କରି ସମିତି …ବେଶନ ସେଠାରେ ହେବାପକ୍ଷେ ନିଷେଧାଜ୍ଞା ପ୍ରାର୍ଥନା …ଛନ୍ତି । ମୁସଲମାନମାନେ ଅକାରଣ ସମିତି ବିରୁଦ୍ଧରେ … ବଳ ଆପଣାକୁ ଦଣ୍ଡା ପକାଇଅଛନ୍ତି ।

…ବୃଷ୍ଟି ହେବୁ ନୀଳ ମୃଷର … ହୁଅଇ ଅନ୍ୟବର୍ଷରେ ଏହା

ବୃଷ୍ଟି ହେବାରୁ ଦାକ୍ଷିଣାତ୍ୟର କାର୍ପାସ ଫସଲର ବିଶେଷ ଗାଣ୍ଡ ହୋଇଅଛି ।

ଗତ ମାସ ତା ୧୦ ଦିନଠାରୁ ଗୟାଠାରୁ କାଶୀ ନିକଟ ମୋଗଲସରାଇ ପର୍ଯ୍ୟନ୍ତ ମା ୭୧ ଇଞ୍ଚ ରେଳ ବାଟ ଫିଟି ଅଛି । ତୀର୍ଥ ଯାତ୍ରୀଙ୍କର ଏହାଦ୍ୱାରା ଗୋଟିଏ ଭଲ ସୁବିଧା ହେଲା ।

ପଣ୍ଡାବାକ୍ତର୍ଗତ ଜିଲ୍ଲା ସ୍ଥାନରୁ ଜଣେ ସାଧୁ ନିଗାଟିଏ ରମଣୀକୁ ଗ୍ରେପ୍ତାର କରି କଟକରୁ ଟଙ୍କା ୬୦ ଙ୍କାରେ ବନ୍ଧକ ଦେଇ ନେଲା ପରି ସେଠାରୁ ପ୍ରେରଣ ନେବାର ଚେଷ୍ଟା କରିବା ଅପରାଧରେ ଧରା ପଡ଼ିଅଛି । କୋହୁଲେ କ ସାଧୁ ।

ତ୍ରିପୁର କେବିନେଟର ଅଧିଷ୍ଠାତା ଟେଷ୍ଟାର ମାଷ୍ଟର ଲିଡ଼ ହାଥ ଏକ ରମଣୀର ସତୀତ୍ୱ ନଷ୍ଟ କରିବା ଅପରାଧରେ ଛ ମାସ କାରାବାସ ଦଣ୍ଡ ଲଭିଅଛି । ଏ ବାର୍ତ୍ତା ଯଥାର୍ଥ ହୁଏତ ଥିବାର ପରିଚୟ ଏବେହେଁ ମିଳିନାହିଁ ।

ଗାଭୁର ଲଗଡ଼ାଷାନ ଗମ୍ଭୀରପାଣିରେ ଏକ ରମଣୀଙ୍କ ଚକ୍ଷୁ ନିମନ୍ତେ ତାହା ଦେହରେ ଅବୈଧ ଅସ୍ତ୍ରପ୍ରୟୋଗ କରିବା ଅଭିଯୋଗରେ ସ୍ୱର୍ଣ୍ଣ ହୋର ଦଶ ହଜାର ଟଙ୍କାର ଜାମିନରେ ଅଛନ୍ତି । ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରି ଅବୈଧ ଅସ୍ତ୍ରପ୍ରୟୋଗ ହୋଇଥିବାର କହୁଅଛନ୍ତି । ଡାକ୍ତରୀର ଦାୟିତ୍ୱ ସାମାନ୍ୟ ନୁହେଁ ।

କେତେକ ଦିନ ହେଲା ଏକ ଦିନ ମଙ୍ଗୋଲିଠାରୁ ଖିମିଲା ପର୍ଯ୍ୟନ୍ତ ହିମାଳୟ ପର୍ବତ ପାଶରେ କାଦୁଅ ବୃଷ୍ଟି ହୋଇଥିଲା ଲୋକଙ୍କର ଲୁଗା ପଟା ଛତା ଓ ବୃକ୍ଷାଦିର ପତ୍ରରେ କାଦୁଅ ମାତ୍ର ଦେଖାଗଲା । ଅନୁମାନ ହୁଏ ଗୋଟିଏ ଧୂଳି ପବନ ପରେ ବୃଷ୍ଟି ହେବାରୁ ଆକାଶରୁ ଉଠିଥିବା ଧୂଳିରେ କାଦୁ- ଅରେ ପରିଣତ ହୋଇଗଲା ।

ଦକ୍ଷିଣର ସାନାର ଏବଂ ମାରିଭାରମାନଙ୍କର ବିବାଦରେ ନିଜାଙ୍କରଅନ୍ତର୍ଗତ ଯେ ସମସ୍ତ ଗ୍ରାମ ପୋଡ଼ି ଯାଇଥିଲା ସେଠାର ମହାରାଜା ଅତ୍ୟନ୍ତ କରୁଣାପୂର୍ବକ ତାହାଙ୍କ ଏଥିପାଇଁ ଜଙ୍ଗଲମାନ କାଠ କାଟିବା ଇତ୍ୟାଦି କରିବାର ଜନିତ ନେବାପାଇଁ ସେ ସମସ୍ତ ଗ୍ରାମବାସୀମାନଙ୍କ ଛାଡ଼ି ଦେଇଅଛନ୍ତି ଏବଂ ଯେଉଁମାନେ ଅନ୍ନାଭାବରେ କଷ୍ଟ ପାଉଅଛନ୍ତି ସେମାନଙ୍କ ଖାଦ୍ୟଦ୍ରବ୍ୟ ଯୋଗାଇବାର ସୁବନ୍ଦୋବସ୍ତ କରି ଦେଇଅଛନ୍ତି ।

ବଙ୍ଗଳାର ବିଖ୍ୟାତ କବି ବାବୁ ହେମଚନ୍ଦ୍ର ବାନାର୍ଜୀ ଅନ୍ଧ ହୋଇ କଲିକତା ହାଇକୋର୍ଟର ଓକାଲତି ଛାଡ଼ି ଦେଇ ବାସ କରୁଅଛନ୍ତି । ସେ ମାସରେ ପ୍ରାୟ ହଜାର ଟଙ୍କା ଉପାର୍ଜନ କରୁଥିଲେ । ବର୍ତ୍ତମାନ ତାହାଙ୍କର ଜୀବନରକ୍ଷାର ଉପାୟ ନାହିଁ । ଶୁଣି ଆନନ୍ଦିତ ହେଲୁଁ ଯେ ନିପାଳର ମହାରାଜା ମାସକୁ ୫୦ ଙ୍କା, ମହର୍ଷି ଦେବେନ୍ଦ୍ରନାଥଠାକୁର ଟ ୨୦ ଙ୍କା ଏବଂ ଅନ୍ୟ ୨ ଣ ଟ ୧୦ ଙ୍କା ଲେଖାଏଁ ସାହାଯ୍ୟ କରିବାକୁ ଅଙ୍ଗୀକାର କରିଅଛନ୍ତି ।

ବମ୍ବେଇର ପାରସି ରମଣୀମାନେ ଗୋଷ୍ଠିବଦ୍ଧ ହୋଇ ସେଠାରେ ଅଦାଲତରେ ଓକିଲ ହେବା ପାଇଁ ଆବେଦନ କରିଅଛନ୍ତି । ସେ ବାରିଷ୍ଟରୀ ଓକିଲାତି କରିବା କାରଣ ବମ୍ବେର ଓ ଏଲାହାବାଦର ହାଇକୋର୍ଟରେ ପ୍ରାର୍ଥନା କରୁଥିଲେ । ମାତ୍ର ପ୍ରାର୍ଥନା ଅଗ୍ରାହ୍ୟ ହୋଇଅଛି । ଭଲରେ ଘରମାନଙ୍କୁ ଓକାଲତି କରିବାର ଅଧିକାର ଦିଆ ନ ଦେବାରୁ ଭାରତର ହାଇକୋର୍ଟମାନେ ଭୁଲ କରୁଅଛନ୍ତି ।

ମାଜିଷ୍ଟ୍ରେଟ-ସମ୍ବାଦ ।

ଅସ୍ତ ତାରିଖ ଉତ୍ତର୍ଗତ ପୁରୁଷୋତ୍ତମ ପୁର (ସାକବ- ଗାଳ)ର ଧାନବାନ ସାତୁ ନାମକ ବଣିଆ ଟଙ୍କାକୁ ହତ୍ୟା କରିବା ଅପରାଧରେ ଗୁଡ଼ାଇ ଦେବା ପାଇଁ ଜନସାଧାରଣ ଅଦାଲତର ପ୍ରାଣଦଣ୍ଡ ଏବଂ ଏକ ଜଣକୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ବିଧାନ କରିଥିଲେ । ଅପିଲରେ ହାଇକୋର୍ଟ ଦୁଇଜଣଙ୍କୁ ଖଲାସ ଓ ଅବଶିଷ୍ଟ ଜଣଙ୍କର ପ୍ରାଣଦଣ୍ଡ ପରିବର୍ତ୍ତନରେ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡର ଆଦେଶ ଦେଇଅଛନ୍ତି ହାଇକୋର୍ଟ ନ ଥିଲେ କେତେ ଲୋକଙ୍କର ଜୀବନ ନଷ୍ଟ ହୋଇ ଥାଆନ୍ତା ।

ପ୍ରାୟ ଦୁଇ ସପ୍ତାହ ହେବ ମେଘ ଗର୍ଜନ ପର୍ଯ୍ୟନ୍ତ ପ୍ରଚଣ୍ଡ କିରଣରେ ଗଛକାଂଶ ଧାନ ଜଳିଲା ଜଳ ଶୁଷ୍କପାଇ କୌଣସି ଠାରେ ଫାଟିବାର ଆରମ୍ଭ ହୋଇଗଲା ଯେବେ ଅଚିରାତ୍ ବର୍ଷା ନ ହୁଏ ତେବେ ଏ ଅଞ୍ଚଳରେ ଏ ବର୍ଷ ଦୁର୍ଭିକ୍ଷ ହେବ ।

କଟକ କାଯ୍ସ୍ଥ ସଭାର କର୍ମାରମ୍ଭ ପଦ୍ଧ ଗଳ୍ପସାରେ ଏଠା ସବଡିଭିଜନର ହିରମ୍ମାଦାର ଶ୍ରୀ ବାବୁ ଦାରକାନାଥ ଘୋଷଙ୍କ ଉଦ୍ୟମରେ ଗତ ସୃଷ୍ଟିମାସ ତା ୩୦ ରିଖ ରବିବାର ସନ୍ଧ୍ୟା ସମୟରେ ଏଠା ଥାନା ଅନ୍ତର୍ଗତ ଭୂଆଁସର ପୁର ଗ୍ରାମ ଶ୍ରୀ ବାବୁ ଗୋପୀକାନ୍ତ ବୋଷ ଉକିଲ ମହାଶୟଙ୍କ ଗୃହଠାରେ ଏଠା କାଯ୍ସ୍ଥମାନଙ୍କର ଏକ ସଭା ହୋଇ ତାହାର ନାମ ଯାଜପୁର କାଯ୍ସ୍ଥ ଶାଖାସଭା ହୋଇଅଛି ସଭାର କାର୍ଯ୍ୟ ନିର୍ବାହ ନିମନ୍ତେ ଶ୍ରୀ ଯୁକ୍ତ ବାବୁ ଗୋପୀକାନ୍ତ ବୋଷ ଉକିଲ ସଭାପତି ଓ ଶ୍ରୀ ବାବୁ କ୍ଷେତ୍ର ମୋହନ ଦତ୍ତ ଡାକ୍ତର ସହକାରୀ ସଭାପତି ଓ ଶ୍ରୀ ବାବୁ ତାରା ପ୍ରସନ୍ନ ଘୋଷ ସବଡିଭି- ଜନ ହିରମ୍ମାଦାର ଓ ଶ୍ରୀ ବାବୁ ସତ୍ୟେନ୍ଦ୍ର ଦତ୍ତ ତାସ୍ ଟେଲିଗ୍ରାଫ୍ ମାଷ୍ଟର ସମ୍ପାଦକ ଓ ଶ୍ରୀ ବାବୁ ଶ୍ରୀରାମଚନ୍ଦ୍ର ବୋଷ ସବ ପୋଷ୍ଟମାଷ୍ଟର କୋଷାଧ୍ୟକ୍ଷ ଓ ଶ୍ରୀ ବାବୁ ନଗେନ୍ଦ୍ର- ନାଥ ରାୟ ମୋକ୍ତାର ଏକାଉଣ୍ଟେଣ୍ଟ ନିଯୁକ୍ତ ହୋଇ ଅଛନ୍ତି ସଭାର ପ୍ରକୃତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଅର୍ଥ ସଂଗ୍ରହ କରିବାର ଆବଶ୍ୟକ ଏଣୁକରି ଉପସ୍ଥିତ କାଯ୍ସ୍ଥ ମହାଶୟମାନେ ଆପଣା ଆପଣା କ୍ଷମତାନୁସାରେ କିଛି କିଛି ମାସିକ ଚାନ୍ଦା ପ୍ରଦାନ କରିବା କାରଣ ଚାନ୍ଦା ବହିରେ ସ୍ୱାକ୍ଷର କଲେ । ପ୍ରତ୍ୟେକ ମାସରେ ଏକଥର ହିସାବ ଏ ସଭାର ଅଧିବେଶନ ହେବା ଓ ଏକ ସ୍ଥାନରେ ସଭା ନ ହୋଇ ପ୍ରତ୍ୟେକ ମାସରେ ଭିନ୍ନ ଭିନ୍ନ ସ୍ଥାନରେ ସଭାର ଅଧିବେଶନ ହେବା ଓ ପ୍ରତ୍ୟେକ ସଭାର କାର୍ଯ୍ୟବିବରଣୀ ଏକ ଏକ ପୁସ୍ତକରେ ଲିପିବଦ୍ଧ କରିବାକୁ ସଭାକୁ ପଠାଯିବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ଭରସା କରୁଁ ପଲ୍ଲୀସ୍ଥାନର କାଯ୍ସ୍ଥ ମହାଶୟମାନେ ଆପଣା ଆପଣା ମଧ୍ୟରେ ଏହିପରି ଶାଖା ସଭା ସ୍ଥାପନ କରିବାପକ୍ଷରେ ଯତ୍ନଶୀଳ ହେବେ ।

ଏଠାରୁ ନେଇ ସବଡିଭିଜନର ବାବୁ ନନ୍ଦକିଶୋରଦାସ ତିନିମାସର ଅବକାଶ ଗ୍ରହଣ କରି ଆପଣା ଗୃହକୁ ଯିବାରୁ ତାଙ୍କ ସ୍ଥାନରେ କଟକ ସଦର ଲେଟସ୍ ମହକୁମାର ଏକ୍ଷ୍ଟ୍ରାକ୍ଟର ଆସି କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

ସମ୍ପାଦକ ମହାଶୟ !

ନିମ୍ନଲିଖିତ କେତେ ଗୋଟି କଥାକୁ ଆପଣ- ଙ୍କର ଉତ୍କଳଦୀପିକାରେ ସ୍ଥାନ ଦାନ କଲେ ପରମ ଉପକୃତ ହେବୁଁ ।

କଟକ ରଅପାଣି ଉପଲକ୍ଷେ ପାଇଁ … ଥାନା ଇଲାକାର ଅଧୀନ ଗୋଯାଳ ନଗର

ନିବାସୀ ୰ଶ୍ରୀଧରଚନ୍ଦ୍ର ଚକ୍ରବର୍ତ୍ତୀ ମହାଶୟଙ୍କ ପତ୍ନୀ ଶ୍ରୀମତୀ ଦୁର୍ଗାମୟୀ ଦେବୀ ଜଗନ୍ନାଥ ଦର୍ଶନକୁ ଯାଇଥିଲେ । ଦୈବଦୁର୍ବିପାକ ବଶତଃ ବାଟରେ ତାହାଙ୍କର କଲେରା ହେଲା ତହିଁ ତାଙ୍କର ଝିଅ ଭୋଲିଟ୍ଟାଙ୍କୁ ତାହାଙ୍କୁ କଟକ ନେଇ ଯାଇଥିଲେ । ସେ ଏ ପର୍ଯ୍ୟନ୍ତ ଗୃହକୁ ପ୍ରତ୍ୟାଗମନ କରି ନାହାନ୍ତି । ତାହାଙ୍କର ଜାମାତା ଓ କନ୍ୟା ତାଙ୍କ ନିମନ୍ତେ ଶୋକାଭିଭୂତ ହୋଇଅଛନ୍ତି । ଯେ କେହି ଅନୁଗ୍ରହ ପୂର୍ବକ ତାହାଙ୍କର (ବୃଦ୍ଧା ବ୍ରାହ୍ମଣୀର) ଜୀଇଥିବାର ଅନୁସନ୍ଧାନ କରିଦେବେ ତାହାଙ୍କୁ ୫ ଟଙ୍କା ପୁରସ୍କାର ଦେବୁଁ । ଯେଉଁ ସମୟରେ ତାହାଙ୍କୁ କାଠଯୋଡ଼ୀ ନଦୀ ତୀରରୁ ଭୋଲିଣ୍ଟିୟର କଟକକୁ ନିଆଗଲା ସେତେବେଳେ ତାଙ୍କ ନିକଟରେ ୨୭ ଟଙ୍କା ଥିଲା ବର୍ତ୍ତମାନ ସେ ଜୀବିତ ବା ମୃତା ତାହା ଆମ୍ଭେ ନ ଜାଣି ନିମ୍ନଲିଖିତ ଠିକଣାକୁ ଆମ୍ଭ ନାମରେ ପତ୍ର ଲେଖିବେ । ଇତି ।

ବଶମ୍ବଦ ।

ସନ ୧୩୦୬ ସାଲ ଶ୍ରାବଣ ୩୦ ଦିନ	ଶ୍ରୀ ଭୂତନାଥ ଘୋଷାଲ ଗ୍ରାମ ଜୟନଗର ପୋଃ ପାଶ ଜି । ଜି ମେଦନୀପୁର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ ସମୀପେଷୁ —

ମହାଶୟ ! ଗତ ଶନିବାର ସନ୍ଧ୍ୟା ସମୟରେ ଏଠା ରେଭେନ୍‌ସା କଲେଜ ଗୃହରେ "ଅବକାଶ-ରଞ୍ଜନ" ନାମକ ସାହିତ୍ୟ ସଭାର ତୃତୀୟ-ବାର୍ଷିକ ଅଧିବେଶନ ହୋଇଥିଲା । ସଭାପତିଙ୍କର ଆସନ ସୁସଜ୍ଜିତ ହୋଇଥିଲା ଏବଂ ଅନେକ ଗୁଡିଏ ଛାତ୍ର ସଭାରେ ଉପସ୍ଥିତ ଥିବାରୁ ଦୃଶ୍ୟଟି ହୃଦୟଗ୍ରାହୀ ହୋଇଥିଲା । ସାହିତ୍ୟ ପ୍ରିୟ ରାଧାନାଥ ବାବୁ, ବିଶ୍ୱନାଥ ବାବୁ ପ୍ରଭୃତି ଅନେକ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ । କଲେଜର ପ୍ରଧାନ ଅଧ୍ୟାପକ ଶ୍ରୀଯୁକ୍ତ ବାବୁ ନୀଳକଣ୍ଠ ମଜୁମଦାର ସଭାପତିର ଆସନ ଗ୍ରହଣ କରିବା ଉତ୍ତାରୁ ସମିତିର ସମ୍ପାଦକ ଶ୍ରୀ ବାବୁ ଅଭିରାମ ଦାସ ଏମ୍ ଏ, ବାର୍ଷିକ ବିବରଣୀ ପାଠ କରିଥିଲେ । ତହିଁରୁ ଜଣାଗଲା ପୂର୍ବବର୍ଷ ଅପେକ୍ଷା ଅତୀତ ବର୍ଷରେ ଅଧିକ ରଚନା ପାଠ ହୋଇଅଛି ଏବଂ ଅଧିକ ସଂଖ୍ୟକ ଅଧିବେଶନ ହୋଇଅଛି । ସେହି ଦିନ ସଭାରେ ଉଲ୍ଲେଖଯୋଗ୍ୟ ବିଷୟ ଆଲୋଚିତ ହୋଇଥିଲା । ଶ୍ରୀ ବାବୁ କାମପାଳ ମିଶ୍ର ବି, ଏ, "ଶକୁନ୍ତଳା" ଶୀର୍ଷକ ଗୋଟିଏ ଓଡ଼ିଆ ପଦ୍ୟ ପାଠ କରିଥିଲେ । ତଦନନ୍ତର ବାବୁ ଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀ "ମା ମରିଛେଲେ" ନାମକ ଗୋଟିଏ ବଙ୍ଗଳା ପଦ୍ୟ ପାଠ କଲା ଉତ୍ତାରୁ ଶ୍ରୀ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ 'ସମୁଦ୍ର ଯାତ୍ରାର ଉପକାରିତା' ସମ୍ବନ୍ଧରେ ଗୋଟିଏ ଇଂରାଜୀ ରଚନା ପାଠ କରିଥିଲେ ।

ପରିଶେଷରେ ସଭାପତି ମହାଶୟ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ ତାହାର ମର୍ମ ନିମ୍ନରେ ପ୍ରଦତ୍ତ ହେଲା । ରିପୋର୍ଟ ସମ୍ବନ୍ଧରେ କହିଥିଲେ ତିନିବର୍ଷ ପର୍ଯ୍ୟନ୍ତ କ୍ଲବର ଅସ୍ତିତ୍ୱ ଅଛି ଏହା ଅବଶ୍ୟ ସନ୍ତୋଷଜନକ ନିଷ୍ଠିତ ସଭ୍ୟମାନେ ଅଧ୍ୟବସାୟ ସହିତ କାର୍ଯ୍ୟ କଲେ ପ୍ରଭୂତ ମଙ୍ଗଳ ସାଧନ କରି ପାରିବେ ସନ୍ଦେହ ନାହିଁ । ପଦ୍ୟ ଦୁଇଟି ଉତ୍ତମ ହୋଇଅଛି କିନ୍ତୁ ଟେନିସନ୍, ମିଲ୍‌ଟନ୍ ପ୍ରଭୃତି କବିମାନଙ୍କର ଅନୁକରଣ କରିବା ପର ହୋଇ ନାହିଁ । ଦେଶ ବିଦେଶକୁ ସିବାପାଇଁ ଲେଖକ ମହାଶୟ କହନ୍ତି ଉତ୍ତମ ଶିକ୍ଷା ହେବ କିନ୍ତୁ ମୋ ମତରେ ଭାରତବର୍ଷରେ ଥାଇ ବହୁତ ପୁସ୍ତକ ଅଧ୍ୟୟନ କରି ଇଉରୋପର ବଡ଼ ବଡ଼ ଲୋକଙ୍କ ସହିତ ମିଶିଲେ ସମାନ ଉପକାର ହେବ । ବାଣିଜ୍ୟ ବ୍ୟବସାୟ ଭାରତବର୍ଷ ପ୍ରତି ଉପଯୋଗୀ ନୁହେଁ, ଏଥିରେ ଅନେକ ଅପକାର ଅଛି, ସେଥିଲାଗି ପ୍ରାଚୀନ ଋଷିମାନେ ସମୁଦ୍ରଯାତ୍ରା ନିଷେଧ କରିଅଛନ୍ତି । ଧର୍ମ ଏବଂ ସମାଜ ସମ୍ବନ୍ଧୀୟ ବିଷୟ ସେଠ ଯୁବକମାନଙ୍କର ତର୍କ ବିତର୍କ ବାଞ୍ଛନୀୟ ନୁହେ । ଇତ୍ୟାଦି ଅନେକ ବିଷୟ ସଭାପତି ମହାଶୟ ବ୍ୟକ୍ତ କରିଥିଲେ । ଏହା ସହିତ ବହୁଳ ସାରଗର୍ଭିତ ବାକ୍ୟ ପ୍ରକାଶ କରିବାନ୍ତେ ନୀଳକଣ୍ଠ ବାବୁ ମହୋଦୟ ନିଜର ବକ୍ତୃତାନ୍ତିକ ବିଦ୍ୟାର ସମ୍ୟକ୍ ପରିଚୟ ଦେଇଥିଲେ । କିନ୍ତୁ ଉପରୋକ୍ତ ମନ୍ତବ୍ୟ ଗୁଡ଼ିକ ଆମ୍ଭମାନଙ୍କର ଠିକ ରୁଚିକର ହୋଇ ନ ଥିଲା ।

ପଦ୍ୟ ଦୁଇଟି ଟେନିସନ ସାହେବଙ୍କ ପଦ୍ୟର ଅନୁବାଦ ହୋଇଥିଲେ ମଧ୍ୟ ଭାବ ଗାମ୍ଭୀର୍ଯ୍ୟ ହେତୁ ପ୍ରୀତିକର ହୋଇଥିଲା କିନ୍ତୁ ବିଦ୍ୟାଳୟ ବାଲ୍ମୀକିର ସମାଲୋଚନା ଶୁଣି ମନେ ପଡ଼ିଲା "ମହାଜନୋ ଯେନଗତଃ ସ ପନ୍ଥା" । କାଳିଦାସର ଉପକାରିତାର ଉଦାହରଣ "ଶିଉକୃଷ୍ଣପୀୟ ସଭ୍ୟ ଜାତିଙ୍କ ଭଳି ସମ୍ମୁଖରେ ଦେଖି" ବିଦ୍ୱାନ୍ ଅଧ୍ୟାପକ ମହାଶୟଙ୍କ ମୁଖରେ ବାଣିଜ୍ୟର ଅପକାରିତା ଶୋଭନୀୟ ହୋଇ ପାରିଲା ନାହିଁ । ବିଷକାଦିବାକୁ ପରିହାସ କରିବାକୁ ବୋଧହୁଏ ନିଷେଧ ମହୋ-

ବସ୍ତୁ ସପ୍ତମ କ [illegible]
ଯନ୍ତ୍ରଣା ଦେଖି [illegible]
ଯୁବକମାନେ [illegible]
ନଙ୍କୁ ପରିଷ୍କାର ହୃଦୟ [illegible]
ଦୃଷ୍ଟି ନିକ୍ଷେପ କରିବା [illegible]
ମହାଶୟ ନ ଧର୍ମନିଷ୍ଠା [illegible]
ପରିଚୟ ଦେଇଥିଲେ ବୁଝି ପାରିଲୁ

ଜଣେ ଦ୍ରଷ୍ଟା

ମୂଲ୍ୟପ୍ରାପ୍ତି ।

ରାଜା ।ନ। ଗଡ଼ଜାତ		୫ [illegible]
ବାବୁ ଗ୍ରୀବୈକୁଣ୍ଠନାଥ ଦତ୍ତ	କଟକ	୨ ୯
ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ	କେନ୍ଦ୍ରାପଡ଼ା	୫ [illegible]
ମୌଃ ଜଗନ୍ନାଥ ଦାସ ଓ ଅନନ୍ତଚରଣ ଦାସ „		୫ [illegible]
ବାବୁ ଜଗନ୍ନାଥ ଘୋଷ	କଟକ	୫ ୯

ବିଜ୍ଞାପନ ।

NOTICE.

Wanted an Accountant for this office. Salary Rs. 2[illegible] per mensem. Applications will be received in the following form with testimonials up to the 25th Instant by the undersigned.

Name of candidate.	Age.	Acquirements.	Past service. Post.	Period.	Pay.	Remarks.

Narsingpur 2—8—99. MOHOMMAD ATAHAR, *Manager of Narsingpur,* Wards' Tributary State, Orissa.

NOTICE.

Wanted an Uriya Proof Reader and Uriya compositors for the N[illegible] Kisore Press, Lucknow. A[illegible]tions with copies of testimonial[illegible] statement of terms [illegible] to proprietor, New[illegible] Lucknow.

Split by PDF Splitter
Digitized by srujanika@gmail.com

Split by PDF Splitter

NOTICE

Cuttack District Board.

Tenders are hereby invited for the execution of the undermentioned works on the 36th mile handbali District Road.

Intending Tenderers can obtain all information from the District Engineer's Office or from the Sub-Divisional Office, Gorapur, Kendrapara.

Tenders will be on form No, 2 which will be supplied free of charge.

Tenders to be submitted to the District Engineer before 1st September 1899 in sealed covers superscribed "Tender for Bridge 36th mile Chandbali Road"

Rs 50 in currency notes must accompany a tender for less than Rs 2000, as earnest money, if the tender exceed this amount it must be accompanied by Rs. 100, in currency notes as earnest money

The general specification of works, Orissa Circle, will be in force

The Chairman District Board does not bind himself to accept the lowest or any tender,

Approximate quantities.	Description of work.	Date for Commencement of work.	Rate estimated.	Date for Completion.
2650 C. F.	Large Rubble stone for pitching.	12 Septr. 99	8/ 0/0	End of Oct, 99.
2245 ,,	Stone ballast broken small for concrete.	Do.	7/8 0/0	Do.
7000 ,,	Earthwork in founds.	Dec. 99	2/8 0 00	December 99.
2245 ,,	Concrete (Stone ballast)	Do.	12/8 0/0	Do.
4900 ,,	First class Brick masonry	Do.	22/ 0/0	End April 1900.
3000 S. F.	Sand and lime Plaster	Feby. 1900	2/ 0/0	Do.
2650 C. F.	Pitching Rubble stone.	Augt, 1900	1/ 0/0	August 1900.
200 ,,	Sal timber fitted	March 1900	2/ c. f.	March 1900.
2400 S. F.	Coaltaring 2 Coats.	Do.	/14 0/0	Do.
158 Maunds	Iron work Carting from kendrapara lock to site.	Novr. 99	/1/ maund.	November
200000 C. F.	Earthwork including dressing raising road.	Do.	2/4 0/00	March 1900.
66000 S. F.	Turfing and final dressing	July 1900	1/ 0/00	August 1900.

CUTTACK
The 11th August 1899

Sd. Louis E. Desgratoulet
District Engineer
Cuttack.

ନୂତନ ପୁସ୍ତକ ।

ଅଭିଜ୍ଞାନ ଶାକୁନ୍ତଳ ନାଟକ । ସୁବର୍ଣ୍ଣପୁରର ଯୁବରାଜ ଶ୍ରୀମାନ୍ ନିଳମଣିଦେବ ଜିଉଦେବଙ୍କ ଦ୍ୱାରା ଲିଖିତ ମୂଲ୍ୟ ପ୍ରତିଖଣ୍ଡ ଟ ୦ ।୵
ଡାକମାସୁଲ ଟ ୦ ୧୬

ସଚିତ୍ର

ଶ୍ରୀ ଚୈତନ୍ୟଚରିତାମୃତ ।

ଓଡ଼ିଆ ଅକ୍ଷରରେ
ଛପା ସମ୍ପୂର୍ଣ୍ଣ ହେଲା ।

ଏଥିରେ ସଂସ୍କୃତ ଶ୍ଳୋକ, ଭାଷା ଓ ପଦ୍ୟ ଦତ୍ତ ହୋଇଅଛି । ଏ ପୁସ୍ତକ ପୃ ୫୨୫ ଷ୍ଠାରେ ସମ୍ପୂର୍ଣ୍ଣ ।

ଏ ପୁସ୍ତକ ସମ୍ବନ୍ଧରେ ଆମ୍ଭେମାନେ ପୂର୍ବରୁ ବିଜ୍ଞାପନ ଦେଇଥିବାରୁ ଗ୍ରାହକମାନଙ୍କର ଯେପରି ଆଗ୍ରହ ଦେଖୁଅଛୁଁ ପ୍ରାୟ ଅଳ୍ପ ଦିନ ମଧ୍ୟରେ ବହି ଶେଷ ହେବାର ସମ୍ଭବ ଅଛି ବହି ଶେଷ ହେଲେ ମିଳିବା ଦୁଷ୍ପ୍ରାପ୍ୟ । ଏଣୁ କରି ଗ୍ରାହକମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନଙ୍କର ଚୈତନ୍ୟ ମହାପ୍ରଭୁଙ୍କଠାରେ ଭକ୍ତି ଓ ଶ୍ରଦ୍ଧା ଅଛି ସେମାନେ ଏ ସୁବିଧା ଛାଡ଼ିବେ ନାହିଁ

ଗ୍ରାହକମାନଙ୍କ ସୁବିଧାପାଇଁ ଏ ପୁସ୍ତକରମୂଲ୍ୟ ଆଗାମୀଦୁର୍ଗାପୂଜା ପର୍ଯ୍ୟନ୍ତ ଟ ୪୲ ସ୍ଥଳେ ଟ ୨୲ କରାଗଲା ।

ନୂତନ ଛାପାଖାନାରେ

ମହାଭାରତ ।
ସଚିତ୍ର ବନପର୍ବ

୩୭୬ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ ଉତ୍ତମ ଚିତ୍ରମାନ ଦିଆହୋଇଅଛି । ଏ ପୁସ୍ତକ ବୃହତ୍ ହେଲେ ସୁଦ୍ଧା ଗ୍ରାହକମାନଙ୍କ ସୁବିଧା ସକାଶେ ଏହାର ମୂଲ୍ୟ ଟ ୨ ହୋଇଅଛି ।

ସଚିତ୍ର ବନପର୍ବ ମୂଲ୍ୟ	ଟ ୧ ୬ ଟ ୧ ।	
ସଚିତ୍ର ଉଦ୍ୟୋଗ ପର୍ବ	,,	ଟ ୧।
ସଚିତ୍ର ଦ୍ରୋଣପର୍ବ	,,	ଟ ୧୯
ନଳର ମନ ସୁଆଙ୍ଗ		ଟ ୦ ।୬
ମ.ଘ ମହାତ୍ମ୍ୟ		ଟ ୦୫

ଗ୍ରାହକେ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଅଫିସରେ ତତ୍ତ୍ୱ କଲେ ପାଇ ପାରିବେ ।

ବିଜ୍ଞାପନ ।

ଏ ଜିଲ୍ଲାର ବନ୍ୟଜାତ ହଳଦୀ, ବାହାଡ଼ା, ଅଁଳା, ହୋରଲା, ଭଳିଆ, ବଉଳ ଘାସ ମହୁଲି ଟେଲି, କସ୍ତୁରୀ, ଓ ପଳାଶିଆଦି ଆମଦାନି ଦ୍ରବ୍ୟାଦି ଉତ୍ତ୍ତ ସନ ୧୩୦୭ ସାଲ ସକାଶେ ଚଳିତ ମାସ ତା ୨୨ ରିଖ ଦିବା ଘ ୧୨ ଘା ସମୟେ ନିଳ ଗଡ଼ ରାଜକଚେରୀରେ ପ୍ରକାଶ୍ୟ ନିଲାମ କରାଯିବ ଯଦ୍ଧ୍ୟା ଗ୍ରହଣେଚ୍ଛୁମାନେ ଯଥା ସମୟରେ ଉପସ୍ଥିତ ହୋଇ ନିଲାମ ଡାକି ପାରିବେ । ଇତି ।

ଅଠଗଡ଼ ରାଜଅଫିସ
ତା ୭।୮।୯୯

Gunanidhi Das
State officer.

ବନାରସି ମାଲ

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଖଡ଼ିଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବକ୍ତବ୍ୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଟୋପି, ଚେଲ, କିଂଖାପ, ବାସ୍ତା ସଙ୍ଗୀ ହୋପଟା ଜଲ, ଦେହରେ ବାନ୍ଧିବାର ଫେଣ୍ଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଜରୀର ଖଚିତ ଅଙ୍ଗୁଷ୍ଠ ପ୍ରଭୃତି ଛତ୍ରା ସୁନା ରୂପାର ବାସନ, ହାଗର

Digitized by srujanika@gmail.com

ହାଜିବା ମୁଦ୍ରିତ ଦରଦ ଅନୁସାରେ ଲଗାଇ ଜଣାଇ ଦେବୁଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଭଲ ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ଶଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପନ୍ନାଲାଲ ଭୋଲାନାଥ
ଖୁଞ୍ଜଲଳ ପାଣ୍ଡେ ବଜାରେ ମିର୍ଜାପୁର

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦/୧୦ ପଇସା ଏମ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୬ ନଂ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅପେକ୍ଷାରୁ ଔଷଧ ଅମଦାନୀ ହୁଏ ଚିଠି କାର୍ଡ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକସ ପୁସ୍ତକ କ୍ୟାମ୍ବ୍ରିକ ତୁଳ ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୮/୦, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୮ ୬୦, ୭୨ ୧୪ ଶିଶି ୨,୩ ୩, ୫ । ୭ ୭, ୧୧୫ ।

ଆୟୁର୍ବେଦୀୟ ଔଷଧାଳୟ ।

ପ୍ରମେହସୁଧା ଗନେରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସର୍ବକମେହ (ଗନେରିଆ) ଖଣ୍ଡଳଳ ମୂଲ୍ୟ ପ୍ରସ୍ରାବ ଶୋଣିତମୂତ୍ର, ମୂତ୍ରନାଳୀର ଘାଆ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଅଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ହସ୍ତମୈଥୁନ ଦୂଷିତ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/୦, ପ୍ୟାକିଂ ଟ ୦/, ଡାକମାସୁଲ ଟ ୦ ।

ଅମୃତାଦିକଷାୟ ବା ଦେଶୀ ସାଲସା ।

ଅସ୍ମମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇ ଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ ଘାଆ, ଉପଦଂଶଜନିତ କ୍ଷତ, କମ୍ବା ଅନ୍ୟବିଧ ଦୂଷିତ କ୍ଷତ ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଗଣ୍ଡମାଳ, ଦାଦୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବାଂଶରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦/୦, ପ୍ୟାକିଂ ଟ ୦/, ଡାକମାସୁଲ ଟ ୦୷ ।

ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଦୁର୍ବଳତା, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨।, ଭି, ପି, ଟ ୦/୦ ପ୍ୟାକିଂ ଟ ୦/ ଡାକମାସୁଲ ଟ ୦୷ ।

ସ୍ୱପ୍ନସୁଧା ।

ସ୍ୱପ୍ନଦୋଷ ଯେ କେତେ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଓ ... ପ୍ରସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦/୦, ପ୍ୟାକିଂ ଟ ୦/, ଡାକମାସୁଲ ଟ ୦। ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା, ଗୁଗୁଳି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ନିତାନ୍ତ ଗରିବ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନିମ୍ନଲିଖିତ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ମିଡ଼ିଲସ୍କୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ଅଧିକ ପରିମାଣରେ କମିଶନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦/
ଅର୍ଦ୍ଧସ୍ତମ୍ଭ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦୷ ଠାରୁ କମ ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ଛପାଇବା ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହିତ [illegible] କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81

ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୪ ଶ | ସଂଖ୍ୟା ୩୩
ତା ୧୯ ରେ ମାହେ ଅଗଷ୍ଟ ସନ ୧୮୯୯ ମସିହା । ମୁ । ଭ ୪ ର ଭାଦ୍ର ସନ ୧୩୦୬ ସାଲ ଶନିବାର ।
ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬୧

ଇଣ୍ଡିଆ ଗବର୍ଣ୍ଣମେଣ୍ଟର ମହକୁମାମାନ ଆସନ୍ତା ଅକ୍ଟୋବର ମାସ ତା ୩୦ ରଖରେ ନାମମାତ୍ର କଲିକତାରେ ଫିଟିବ । ଅର୍ଥାତ୍ ସମସ୍ତ ମହକୁମା ସେତେବେଳେ ସିମଲାଠାରୁ କଲିକତାକୁ ଲେଉଟି ଆସିବ ନାହିଁ । କେତେକ ମହକୁମା ନବମ୍ବର ମାସ ତା ୧୦ ରଖରେ ଫେରି ଆସିବ । ମହାମାନ୍ୟ ଲର୍ଡ କର୍ଜନ ସହଧର୍ମିଣୀଙ୍କ ସହିତ ଭାରତ ଭ୍ରମଣ କରିବେ ।

ସିମଲାଠାରେ ସମ୍ପ୍ରତି ଯେଉଁ ଶିଳ୍ପପ୍ରଦର୍ଶନୀ ହୋଇଥିଲା ତହିଁରେ କେବଳ ଦୁଇଜଣ ଦେଶୀୟ ଲୋକ ପୁରସ୍କାର ପାଇଅଛନ୍ତି । ସେମାନେ ଦୁହେଁ ପାରସୀ ଅଟନ୍ତି ଏବଂ ସେମାନଙ୍କର ଚିତ୍ରପଟ ଅତି ଉତ୍କୃଷ୍ଟ ହୋଇଥିଲା । ବଙ୍ଗଳାରେ ଚିତ୍ର ବିଦ୍ୟାର ବିଶେଷ ଚର୍ଚ୍ଚା ନାହିଁ । ଏଥିପାଇଁ ଦୁଇଜଣ ବଙ୍ଗାଳୀ ତାହା ଶିକ୍ଷା ନିମନ୍ତେ ଇଟାଲି ଦେଶକୁ ଯାଇଅଛନ୍ତି । ସେମାନେ ଶିକ୍ଷା କରି ଫେରି ଆସିଲେ ଶୁଭ ଫଳର ଆଶା ଅଛି ।

ପ୍ରଚଳିତ ଆଇନ ଅନୁସାରେ ବିଦେଶରୁ ଆମଦାନି ହେବା କଳ ମଧ୍ୟରୁ କେତେକ ଦ୍ରବ୍ୟ ପ୍ରସ୍ତୁତ କରିବାର କଳ କଷ୍ଟମ ମାସୁଲରୁ ଖଲାସ ଥିଲା ଏବଂ କେତେକ ଉପରେ ମାସୁଲ ଅଦାୟ ହେଉଥିଲା । ସମ୍ପ୍ରତି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଚାର କରିଅଛନ୍ତି ଯେ ସମସ୍ତ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରିବାର କଳ ଓ ଯନ୍ତ୍ରାଦିର ମାସୁଲ ଖଲାସ ହେବ । ଏ ବିଷୟର ଉତ୍ତମ ହୋଇ ଅଛି ବୋଲିବା ବାହୁଲ୍ୟ ।

ଗତ ସପ୍ତାହରେ ବମ୍ବେଇ ଏବଂ ମଧ୍ୟପ୍ରଦେଶମାନଙ୍କରେ ସକଳ ପ୍ରକାର ବୃଷ୍ଟି ହେବାରୁ ମରୁଡିର ଆଶଙ୍କା କିଛିଏ ଊଣା ହେଲେହେଁ ଫସଲର ଅବସ୍ଥା " ଘୋଡେ ପି ଦଣ୍ଡେ ଶୀ " ଠାରୁ କିଛି ଅଧିକ ହୋଇ ନାହିଁ । ବମ୍ବେଇର ବୃଷ୍ଟିପରୀକ୍ଷକ ସୁବୃଷ୍ଟିର ଆଶା ଦେଇଅଛନ୍ତି । ଯେବେ ତାହା ପୂର୍ଣ୍ଣ ହେବ ତେବେ ରକ୍ଷା । ଖାଦ୍ୟ ଦ୍ରବ୍ୟର ମୂଲ୍ୟ କ୍ରମେ ବୃଦ୍ଧି ହେଉଅଛି ଏବଂ ଗୋରୁ ଘାସ ଖାଇବାକୁ ନ ପାଇବାରୁ ଲୋକେ ବିକି ଦେଇ ଦେଉଅଛନ୍ତି ।

ହଜାରିବାଗର ଜଣେ ସିପାହୀ କିଲୁଆର ତମରେ ହୁଣ୍ଡା ବାଘର ମୁହଁର ଚମ ଯୋଡି ଦେଇ ବକସିସ ପାଇବା ଆଶାରେ ଆଣିଥିଲା । ସେଠାର ଡେପୁଟି କମିଶନର ସେ ସବୁ ସ୍ୱୟଂ ଦେଖିବାରେ ତାହାର ଚଞ୍ଚକତା ଧରା ପଡିଲା । ଏଥିପାଇଁ ସେଠା ନାଜର ସସପେଣ୍ଡ ହୋଇ ଅଛନ୍ତି କାରଣ ସାହେବଙ୍କର ପୂର୍ବରୁ ନ ଥିବାରୁ ସେ ନାଜରର ରିପୋର୍ଟ ଉପରେ ନିର୍ଭର କରନ୍ତି ଏବଂ ନାଜର ସିପାହୀଙ୍କ ସଙ୍ଗେ ଷଡଯନ୍ତ୍ର କରି ପୁରସ୍କାରର ଭାଗ ନେବାର ପ୍ରକାଶ ପାଇଅଛି ।

ଚଳିତ ମାସ ତା ୧୨ ରଖରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତବର୍ଷରେ ପ୍ଲେଗ ରୋଗରେ ୩୭୯୦ ମୃତ୍ୟୁ ଘଟିଥିଲା ; ତହିଁ ମଧ୍ୟରୁ ଏକା ବମ୍ବେଇ ପ୍ରଦେଶର ଭାଗ ୩୫୨୫ ଏବଂ ସେ ପ୍ରଦେଶରେ ପୁନାର ମୃତ୍ୟୁ ସଂଖ୍ୟା ସର୍ବାପେକ୍ଷା ଅଧିକ । ମହୀସୁରରେ ୧୫୦, ହାଇଦରାବାଦରେ ୫୨, ଏବଂ କଲିକତାରେ ୪୭, ମୃତ୍ୟୁ ଘଟିଥିଲା । ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶର ସଂଖ୍ୟା ୭ ଟା ଲେଖାଏରୁ ଅଧିକ ନୁହଇ କେବଳ ପଞ୍ଜାବ ଓ ଉତ୍ତରପଶ୍ଚିମ ଏହି ଦୁଇ ପ୍ରଦେଶମାନଙ୍କରେ ଏ ପ୍ଲେଗର ପ୍ରଭାବ ବର୍ତ୍ତମାନ ନାହିଁ ।

ଏ ନଗରର ଭିକ୍ଟୋରିଆ ସ୍କୁଲଙ୍କର ସଦାବ୍ରତ ସମ୍ପତ୍ତିର ତତ୍ତ୍ୱାବଧାନ କମିଟିର ସଭ୍ୟ ପଦରେ ଶ୍ରୀଯୁକ୍ତ ଜଜ ସାହେବ ତିନି ଲିଖିତ ମହାଶୟମାନଙ୍କୁ ନିଯୁକ୍ତ କରି ଅଛନ୍ତି ଯଥା -

ହାଜି ଜାଫର ଖଲିଫା

ମୁନସି ଗୋଲାମ ମହମ୍ମଦ

ହାଜି ନାଜର ମହମ୍ମଦ

Digitized by srujanika@gmail.com

Split by PDF Splitter

ଏ ଉଦ୍ୟୋଗମାନ ଅବଶ୍ୟ ଉତ୍ତମ ହୋଇ ଅଛି । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ କମିଟି ଏହି ବୃହତ୍ ସମ୍ପତ୍ତିର ସୁଚାରୁ ପ୍ରବନ୍ଧର ଗୁରୁତର ଦାୟିତ୍ୱ ନିର୍ବାହ କରିବାକୁ ଶୀଘ୍ର ସମର୍ଥ ହେବେ ଏବଂ ଦେବମନ୍ଦିରଗୁଡ଼ିକର ଅଣ୍ଟାଳର ଶାନ୍ତି ସ୍ଥାପନ ଏବଂ ତାହା ସର୍ବସାଧାରଣଙ୍କର ବ୍ୟବହାରର ଉପଯୋଗୀ କରିବା ବିଷୟରେ ଶୀଘ୍ର ମନୋଯୋଗୀ ହେବେ ।

ସୁରକ୍ଷା ନାମକ ଜାହାଜ କଲିକତାରୁ ଚାଲିଗଲୁ ଯିବା ବେଳେ ସୁଏଜ ଯୋଜକଠାରେ ଦେଢ଼େଶୁଡ଼ଏ ହାତର ମାଛ ନାମକ ହୁଙ୍ଗୁର ଜାଲକୁ ଜାହାଜ ଧାଡ଼େ ୨ ଯୋଡ଼ାଇବାର କପ୍ତାନ ଦେଖିଲେ । ତହୁଁ ବଡ଼ କଷ୍ଟରେ ଗଣ୍ଡେ ମାଂସ ଗୁଳି ଫୁଟାଇବାରେ ଅଳ୍ପକ୍ଷଣରେ ଗୋଟାଏ ମାଛ ଯୋଥ ଗୋଳ କଣ୍ଠରେ ଲାଗିଲା ତାହାକୁ ଜାହାଜ ଉପରକୁ ଆଣି ପେଟ ଚିରିବାରେ ଘଣ୍ଟେ ବୋତଲ, ବେଦେନିଶ୍ ମନୁଷ୍ୟ ପଞ୍ଜର ହାଡ଼ ଏବଂ ନବେନିଖଣ୍ଡ ଲୁଗା ବାହାରିଲା । ଜନ୍ତୁଟି ୨୨ ହାତ ଲମ୍ବା ଥିଲା । ମନୁଷ୍ୟ ମାଂସର ସ୍ୱାଦ ପାଇବାରୁ ଏହି ଜନ୍ତୁ ଜାହାଜ ପାଖରେ ଛକ ରହିଥିବାର ବୋଧ ହୁଅଇ ।

ଜଦସ୍ପୁର ନଗର ପଣ୍ଡିତ ଶ୍ରୀ ଦୁର୍ଗାନାଥ ଶେଲ ଗୁପ୍ତ ସମ୍ବାଦପତ୍ର ଯୋଗେ ପ୍ରକାଶ କରୁଅଛନ୍ତି କି ତ୍ରିମସାଗର ଅଥବା ପାଷାଣଭେଦୀ ବୃକ୍ଷର ଗୁଳିଟି କୋମଳ ପତ୍ର ଛେଚିକରି ଗୋଲମରିଚ ସଙ୍ଗେ ବାଟି ଲଗାଇବା ଉପ ଉପରେ ଲେଇ ଓ ଲାଲତା ରୋଗୀକୁ ପ୍ରଥମାବସ୍ଥାରେ ଖୁଆଇବ । ବାନ୍ତି ହୋଇ ପଡ଼ିଲେ ଆଉ ଏକପାନ ଖୁଆଇବ । ଜଳ ଓ ଗୁଡ଼ ପାନରେ ଖାଦ୍ୟ ଓ ବାନ୍ତି ବନ୍ଦ ହୋଇଯିବ । ସୁମ୍ଭାବ ବନ୍ଦ, ପେଟ ଗୋଡ଼ିବା, ପେଟ ଜ୍ୱଳା ଇତ୍ୟାଦି ସେହି ଗଛର ଆଠୋଟି ପତ୍ର ଗୁଟିଏ ଗୋଲମରିଚ ସଙ୍ଗେ ବାଟି ଖାଇଲେ ସୁଅଖଣ୍ଡେ ଅଡ଼ ପ୍ରଲେପ ଦେବ । ତହିଁରେ ସେ ସମସ୍ତ ଉପଦ୍ରବ ଶାନ୍ତ ହୋଇଯିବ । ଏହା ପରୀକ୍ଷିତ ଔଷଧ ବୋଲି ସେ ଦେଖାଇଅଛନ୍ତି ।

ମେଦିନୀପୁର ଜଲାର ପାଲମୋ ଜିଲ୍ଲାରେ ପାଲମୋ ଖାସମହାଲ ନାମକ ଗୋଟିଏ ବୃହତ୍ ସରକାରୀ ଜମିଦାରୀ ଅଛି । ଏ ମହାଲରେ ୪୦୧ ମୌଜା ଅଛି ଏବଂ ଏଥିର ଭୂମି ପରିମାଣ ମା ୨,୭୫,୭୭୫ ଣ ଅଟେ । ସନ ୧୮୭୨ ସାଲରେ ଏ ମହାଲ ବନ୍ଦୋବସ୍ତ ହୋଇଥିଲା । ସେତେବେଳେ ମୋଫସଲଜମା ଟ ୪୦,୮୪୩ ଙ୍କା ଥିଲା । କ୍ରମେ ଇଜାରାଦାରମାନଙ୍କର ଚେଷ୍ଟାରେ ଉକ୍ତ ଜମା ବୃଦ୍ଧି ହୋଇ ଟ ୬୭,୭୫୩ ଙ୍କାରେ ଉଠିଥିଲା । ବର୍ତ୍ତମାନ ସେ ମହାଲର ନୂତନ ବନ୍ଦୋବସ୍ତ ହେବାରେ ମୋଫସଲ ଜମା ଟ ୭୪,୪୩୩ ଙ୍କା ହୋଇଅଛି ଅର୍ଥାତ୍ ଶତକଡ଼ା ଟ ୨୯ଙ୍କା ଲେଖାଏଁ ବଢ଼ିଅଛି । ଗବର୍ଣ୍ଣମେଣ୍ଟ ବିବେଚନା କରନ୍ତି କି ମାଣ ପ୍ରତି ଜମା ଟ ୧୮ ପଡ଼ିବା ଏବଂ ଅଧିକାଂଶ ଭୂମିର ହେତୁ ନୂଆ ଉଠିଥିବା ଜମି ଥିବାରୁ ଏ ବୃଦ୍ଧି ଅନ୍ୟାୟ ହୋଇ ନାହିଁ ଏବଂ ପ୍ରଜାମାନେ ତାହା ପ୍ରଦାନ କରୁ ଅଛନ୍ତି । ଜରିବ ଓ ବନ୍ଦୋବସ୍ତର ମୋଟ ଖର୍ଚ୍ଚ ଟ ୧,୧୯,୫୫୭ ଙ୍କା ହୋଇଥିଲା ।

ଗଞ୍ଜାମ ଜଲାର ବସ୍ତ୍ର ବ୍ୟବସାୟ କ୍ରମେ ଲୋପ ହେବାର ଦେଖି ଗଞ୍ଜାମ ନ୍ୟୁସ୍ ଦୁଃଖ ପ୍ରକାଶ କରିଅଛନ୍ତି । ସେ ଲେଖିଅଛନ୍ତି ଯେ ନୈହାଟୋଲର ସୂକ୍ଷ୍ମ ସୂତା ଲୁଗା ଗଞ୍ଜାମର ରେଶମି ଓ ଜରିକର ଲୁଗା ଏବଂ ଖାଦଲଖେଶ୍ରିର ଜରିଲୁଗା ଯାହା କି ପୂର୍ବେ ବଡ଼ ଆଦରଣୀୟ ଥିଲା ସେ ସବୁର ବ୍ୟବସାୟ ବହୁ ପରିମାଣରେ ହ୍ରାସ ହୋଇଅଛି ଏବଂ ଯେବେ ସେ ଅଞ୍ଚଳର ସ୍ୱତ୍ୱ ଜମିଦାରମାନେ ସେ ସମସ୍ତର ପକ୍ଷପାତୀ ନ ଥାନ୍ତେ ତେବେ ଏହାବେଳକୁ ବିଲୁପ୍ତ ହୋଇ ଥାନ୍ତା । ବିଦେଶର ଆମଦାନୀ ଦେଶୀ ସୂତାର ଶସ୍ତା ଦରର ଦ୍ରବ୍ୟରେ ଲୋକେ ଭୁଲିଯାନ୍ତି ଅଛନ୍ତି, ଦୃଢ଼ତାପ୍ରତି ଆଦୌ ଲକ୍ଷ ନାହିଁ । ସହଯୋଗୀ ଗଞ୍ଜାମ ସମ୍ବନ୍ଧରେ ଯାହା କହୁ ଅଛନ୍ତି ଭାରତର ଅନ୍ୟାନ୍ୟ ସ୍ଥାନର ଅବସ୍ଥା ତାହା ଅଧିକରେ ସେହିପରି ଅଟେ । ସାଧାରଣ ରୁଚିକୁ ଲେଉଟାଇବା ସହଜ ନୁହେଁ । ବ୍ୟବସାୟୀଙ୍କର ତାହାଁର ଅନୁଗାମୀ ହୋଇ ଦ୍ରବ୍ୟ ପ୍ରସ୍ତୁତ କରିବା ଉଚିତ ହେଉଅଛି । ମାତ୍ର ଜାତି ବିଶେଷରେ ଅବଦ୍ଧ ଥିବା ପ୍ରଣାଳୀ ଭାରତରେ ବିଶେଷ ବ୍ୟବସାୟିକତାସ୍ତ ତାହା ହୋଇ ନ ପାରେ । ନୂତନ ୨ ଆକାର ଶୈଳୀର ଏବଂ ସମ୍ବାଦର ବ୍ୟବହାର ଶିକ୍ଷା ଦେଇ ଯେତେଦିନ ନ ଯେତେବେଳେ ବ୍ୟବସାୟ କରିବାକୁ ପ୍ରବୃତ୍ତ ହେବେ ଏବଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରବଳ ହେବ ସେତେବେଳେ ବ୍ୟବସାୟର ଉନ୍ନତି ହେବ । କି ରୂପେ ତାହା ଶୀଘ୍ର ହୋଇ ପାରିବ ଚିନ୍ତାଶୀଳ ଲୋକଙ୍କର ଭାବନା କରିବା ଅତ୍ୟନ୍ତ ଆବଶ୍ୟକ ହେଉଅଛି ।

ବିଲାତ ପାର୍ଲିମେଣ୍ଟର ବର୍ତ୍ତମାନ ଅଧିବେଶନ ଗତ ମାସ ତା ୯ ଋଖରେ ବନ୍ଦ ହେଲା । ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କର ଯେଉଁ ବକ୍ତୃତା ସେ ସମୟରେ ପଠିତ ହେଲା ତହିଁର ମର୍ମ ଏହି କି ବିଦେଶୀୟ ଶକ୍ତିମାନଙ୍କ ସହିତ ଇଂଲଣ୍ଡର ସଦ୍ଭାବ ରହିଅଛି ଦକ୍ଷିଣ ଆଫ୍ରିକାବାସୀ ଇଂରାଜ ପ୍ରଜାଙ୍କ ସ୍ୱାଧୀନତା ବିଷୟରେ ସନ୍ଧି ହୋଇଅଛି । ତୁରସ୍କର ମଧ୍ୟସ୍ଥତାଦ୍ୱାରା ଯୁଦ୍ଧ ନିବାରଣର ଚେଷ୍ଟା ହେଉଅଛି ଏବଂ ଚିନ ରାଜ୍ୟରେ ରେଲବେ ବସାଇ ସମ୍ବନ୍ଧରେ ରୁଷିଆ ସହିତ ବନ୍ଦୋବସ୍ତ ହୋଇଅଛି । ଭାରତରେ ଗତ ଦୁର୍ଭିକ୍ଷଦ୍ୱାରା କୃଷି ଏବଂ ବାଣିଜ୍ୟ ବ୍ୟବସାୟର ଯେଉଁ ଅପ୍ରାକୃତ କ୍ଷତି ହୋଇ ଥିଲା ତାହା ଅଳ୍ପ କାଳରେ ପୂର୍ଣ୍ଣ ଯିବାର ଶୁଣି ସେ ବଡ଼ ଆନନ୍ଦିତ ଅଛନ୍ତି । ମାତ୍ର ଉତ୍ତର ପଶ୍ଚିମଦେଶ ପଞ୍ଜାବର କୃଷ୍ଣି ବମ୍ବାଇ ଓ ମଧ୍ୟପ୍ରଦେଶରେ ଜଣା ହେବାରୁ କେତେକ ସ୍ଥାନର ଫସଲି ପ୍ରତି ଆଶଙ୍କା ଜାତ ହୋଇଅଛି । ଯାହା ହେଉ ସରକାରୀ କର୍ମଚାରୀମାନେ ଏ ବିଷୟରେ ଆଦ୍ୟରୁ ଜାଗ୍ରତ ଅଛନ୍ତି ଏବଂ ଅନ୍ନକଷ୍ଟ ଉପସ୍ଥିତ ହେଲେ ଯଥା ସମୟରେ ତହିଁର ପ୍ରତିକାର କରିବାକୁ ସମର୍ଥ ହେବେ । ଏଉତ୍ତେଷଣରେ ଅବଶ୍ୟ ଭାରତରୁ ଯେଉଁ ଲୋକଙ୍କର ଉତ୍ତର ନ ହେବାରୁ ଦୁଃଖ ପ୍ରକାଶ କଲେ । ଭାରତର ଦୁଃଖ ନିବାରଣ ନିମନ୍ତେ ଦୟାବତୀ ଶ୍ରୀମତୀ ଭିକ୍ଟୋରିଆ ସର୍ବଦା ଚିନ୍ତିତ ଏଥିପାଇଁ ତାହାଙ୍କଠାରେ ଆମ୍ଭେମାନେ ଚିର କୃତଜ୍ଞ । ଭାରତର ସୁଖ ଓ ଉନ୍ନତି ବିଷୟକ ପ୍ରସ୍ତାବମାନ ବିଶେଷରୂପେ ଆଲୋଚନା କରିବାକୁ ପାର୍ଲିମେଣ୍ଟ ସଭ୍ୟ ମନୋଯୋଗୀ ହେଲେ ଅନେକ ଅନର୍ଥର ଉପଶମ ହେବ ।

ଭାରତରେ ଟଙ୍କା ଅର୍ଥାତ୍ ରୌପ୍ୟମୁଦ୍ରା ପ୍ରଚଳିତ ଏବଂ ବିଲାତରେ ସ୍ୱର୍ଣ୍ଣମୁଦ୍ରା ଅର୍ଥାତ୍ ସବରେନ ପ୍ରଚଳିତ । ରୂପାଦର ଊଣା ହେବାରୁ ଭାରତ ଓ ବିଲାତ ମଧ୍ୟରେ କାରବାରର ଅନେକ ଅସୁବିଧା ଘଟିବା ଓ ଭାରତ କ୍ଷତିଗ୍ରସ୍ତ ହେବାରୁ ଭାରତ ଗବର୍ଣ୍ଣମେଣ୍ଟ ଟେଙ୍କଶାଳିଏ ପ୍ରସ୍ତାବ କରିଥିଲେ । ସେସବୁର ବଦଳରେ ଫ୍ରାନ୍ସ ବିଲାତରେ ଗୋଟିଏ ମୁଦ୍ରା ସମିତି ବସିଥିଲା

Digitized by srujanika@gmail.com

Split by PDF Splitter

ସେହି ... ର ରିପୋର୍ଟ ବାହାରିଅଛି ଏବଂ ତହିଁର ଉତ୍ତରରେ ଭାରତୀୟ ଷ୍ଟେଟ ସେକ୍ରେଟାରି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଯେଉଁ ପତ୍ର ଲେଖିଅଛନ୍ତି ତହିଁର ମର୍ମ ସରକାରୀ ସମ୍ବାଦ-ସ୍ୱରୂପ ସମ୍ବାଦପତ୍ରମାନଙ୍କୁ ଜଣାଇ ଦିଆ ଯାଇଅଛି । ଷ୍ଟେଟ ସେକ୍ରେଟାରି ସମିତିର ଅନୁରୋଧମାନ ଗ୍ରହଣପୂର୍ବକ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଛନ୍ତି ଯେ ଭାରତର ଟଙ୍କଶାଳମାନଙ୍କରେ ଅବାଧରୂପେ ଟଙ୍କା ତିଆରି ସମ୍ବନ୍ଧରେ ଯେଉଁ ନିଷେଧ ଆଜ୍ଞା ପୂର୍ବରୁ ହୋଇଅଛି ତାହା ସ୍ଥିର ରହିବ ଅର୍ଥାତ ସରକାରଙ୍କର ପ୍ରୟୋଜନ ବିନା ଅନ୍ୟ କାହାର ନିମନ୍ତେ ରୂପା ମୁଦ୍ରା ପ୍ରସ୍ତୁତ ହେବ ନାହିଁ । ଭାରତ ଗବର୍ଣ୍ଣମେଣ୍ଟ ଯେତେ ଶୀଘ୍ର ପାରନ୍ତି ସୁନାର ମୁଦ୍ରା ଭାରତରେ ଚଳିତ ହେବାର ବ୍ୟବସ୍ଥା କରିବେ ଏବଂ ସଭରେନ ନାମକ ବିଲାତି ମୁଦ୍ରାକୁ ବିଲାତି ଏକ ଶିଲିଂ ଓ ଚାରିପେନ୍ସ ଅଥବା ଭାରତୀୟ ଟ ୧୫ ଙ୍କା ଦରରେ ଚଳାଇବାର ବ୍ୟବସ୍ଥା କରିବେ । ସୁନାର ମୁଦ୍ରା ଚଳାଇବା ପୂର୍ବରୁ ବିସ୍ତର ସୁନା ସରକାରୀ ତହବିଲରେ ଜମା ହେବା ଆବଶ୍ୟକ ଏଥିପାଇଁ ଯେ ଯେତେ ସୁନା ଦେବ ସରକାରୀ ଟଙ୍କଶାଳରେ ତାହା ଗୃହୀତ ହେବ ଓ ତହିଁରେ ସଭରେନ ପ୍ରସ୍ତୁତ କରି ଦିଆଯିବ । ସରକାରୀ ପାଉଣାରେ ଯେ ଯେତେ ସଭରେନ ଦେବେ ସରକାର ତାହା ଉପରଲିଖିତ ଦରରେ ନେବେ ମାତ୍ର ଲୋକଙ୍କର ପାଉଣା ସମ୍ଭବ ସେହି ସ୍ୱର୍ଣ୍ଣ ମୁଦ୍ରାରେ ଦିଆଯିବ ନାହିଁ । କେତେ ଟଙ୍କା ପର୍ଯ୍ୟନ୍ତ ରୂପାମୁଦ୍ରାରେ ନେବାକୁ ହେବ ତାହା ସୁଦ୍ଧା ବର୍ତ୍ତମାନ ସ୍ଥିର ହୋଇ ନାହିଁ । ସଭରେନ ନାମକ ସ୍ୱର୍ଣ୍ଣମୁଦ୍ରା ଭାରତରେ ପ୍ରଚଳିତ ହେବା ବିଷୟରେ ଶୀଘ୍ର ଗୋଟିଏ ଆଇନର ପାଣ୍ଡୁଲିପି ବଡଲାଟଙ୍କର ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେବ ଏବଂ ତାହା ଦେଖିଲେ ପାଠକମାନେ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ବୁଝି ପାରିବେ ସରକାର ଟଙ୍କା ବଦଳରେ ସୁନାମୁଦ୍ରା କେବେ ମାତ୍ର ଦେବେ ନାହିଁ ଏମନ୍ତ ହେଲେ ଲୋକଙ୍କର ସୁବିଧା ଏବଂ ଚଳପ୍ରଚଳ ଉଦ୍ଦେଶ୍ୟ ସାଧନ କିପରି ହେବ ଆମ୍ଭେମାନେ ସହସା ବୁଝି ପାରୁ ନାହୁଁ ।

କଲିକତାର ବଧିର ଏବଂ ମୂକ ବିଦ୍ୟାଳୟର ଗତ ଅର୍ଥାତ ସନ ୧୮୯୮।୯୯ ସାଲର ବାର୍ଷିକ ବିବରଣ ପାଠ କରି ଅବଗତ ହେଲୁ ଯେ ଏହି ବିଦ୍ୟାଳୟ ସନ ୧୮୯୩ ସାଲ ଅପ୍ରେଲ ମାସରେ କେବଳ ଦୁଇଜଣ ଛାତ୍ର ନେଇ ଆରମ୍ଭ ହୋଇଥିଲା । ସନ ୧୮୯୭ ସାଲରେ ଛାତ୍ରସଂଖ୍ୟା ୩୦ ଜଣ ହୋଇଥିଲା ମାତ୍ର ପ୍ଲେଗ ଭୟରେ କଲିକତାରୁ ଅନେକ ଲୋକ ପଳାଇବାରୁ ଛାତ୍ରସଂଖ୍ୟା ୨୦ କୁ ଖସି ପଡିଥିଲା । ସୁଖର ବିଷୟ ଯେ ବର୍ତ୍ତମାନ ୨୪କୁ ଉଠିଅଛି ଏମାନଙ୍କ ମଧ୍ୟରେ ଏକଜଣ ଫିରିଙ୍ଗି ଇଂରାଜୀ ଭାଷା ଶିକ୍ଷା କରୁଅଛି । ଅବଶିଷ୍ଟ ହିନ୍ଦୁମାନେ ସ୍ୱ ମାତୃଭାଷା ଶିଖୁଅଛନ୍ତି । ଏହି ବିଦ୍ୟାଳୟରୁ ବାହାରି ଥିବା ୩ ଜଣ ଛାତ୍ର ମଧ୍ୟରୁ ଏକଜଣ କଲିକତାର ଆର୍ଟ ସ୍କୁଲରେ କାଠରେ ନକସା ଖୋଳିବା କାର୍ଯ୍ୟ ଶିଖୁଅଛି ଏବଂ ଦୁଇଜଣ ସ୍ୱର୍ଣ୍ଣକାର ହୋଇ ପେଟ ପାଳୁଅଛନ୍ତି । ବିଦ୍ୟାଳୟ ସଂଲଗ୍ନରେ ଗୋଟିଏ ଛାତ୍ରାବାସ ଦିଆଯାଇଅଛି ଯେ ତହିଁରେ ବର୍ତ୍ତମାନ ୯ ଜଣ ଅଛନ୍ତି । ବିଦ୍ୟାଳୟ ଏବଂ ଛାତ୍ରାବାସ ଗୃହ ନିର୍ମାଣ ନିମନ୍ତେ ଏକ ଲକ୍ଷାଧିକ ଟଙ୍କା ପ୍ରୟୋଜନ । ତହିଁ ମଧ୍ୟରୁ ପ୍ରାୟ ଟ ୨୨୦୦୦ ଟଙ୍କା ସଂଗୃହୀତ ହୋଇଅଛି ବିଦ୍ୟାଳୟର ସାହାଯ୍ୟ ନିମନ୍ତେ କଲିକତାର ମିଉନିସିପାଲିଟି ଟ ୧୦୦ ଟଙ୍କା ଏବଂ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଟ ୧୨୫ ଟଙ୍କା ମାସକୁ ସାହାଯ୍ୟ ଦିଅନ୍ତି । ସାଧାରଣ ଲୋକଙ୍କର ଦାନ ପରିମାଣ ବର୍ତ୍ତମାନ ଅଳ୍ପ ଅଛି ଏବଂ ଏଥିପାଇଁ କମିଟି ପ୍ରାର୍ଥନା କରନ୍ତି ଯେ ସ୍ୱଦେଶହିତୈଷୀ ମହାଶୟମାନେ ଏ ବିଦ୍ୟାଳୟ ପ୍ରତି ସମଧିକ କୃପାବାନ ହେବେ । ସମସ୍ତ ବଙ୍ଗଳାରେ ବଧିର ଏବଂ ମୂକଙ୍କ ସଂଖ୍ୟା ୭୦,୦୦୦ ରୁ ଊଣା ନୁହେ ଏବଂ ତଦୃଷ୍ଟିରେ ଏହି ବିଦ୍ୟାଳୟରେ ଅନେକ ଛାତ୍ର ଭରତି ହେବାର ଉଚିତ । ସମସ୍ତ ଭାରତବର୍ଷରେ ବଧିର ଏବଂ ମୂକଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବ । ଏଥିରୁ କଲିକତା, ବମ୍ବେଇ, ଏବଂ ମାନ୍ଦ୍ରାଜ ଏହି ତିନି ସ୍ଥାନରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ଅଛି ଯେ ତହିଁରେ ଯଥାକ୍ରମେ ୨୫, ୨୫ ଓ ୪୦ ଅର୍ଥାତ ସର୍ବସୁଦ୍ଧା ୯୦ ଜଣ ଛାତ୍ର ପଢୁଅଛନ୍ତି । ବମ୍ବେଇର ବିଦ୍ୟାଳୟ ରୋମାନକାଥଲିକ ସମ୍ପ୍ରଦାୟ ଦ୍ୱାରା ଏବଂ ମାନ୍ଦ୍ରାଜର ବିଦ୍ୟାଳୟ ଭୂମାସ୍ ସୁଏଲ ହନନ୍ଦାକା ପ୍ରଭୃତିଙ୍କ ଦ୍ୱାରା ସ୍ଥାପିତ ହୋଇଅଛି । କେବଳ କଲିକତାର ବିଦ୍ୟାଳୟ ସଙ୍ଗେ କୌଣସି ଧର୍ମ ସମ୍ପ୍ରଦାୟର ସମ୍ବନ୍ଧ ନାହିଁ । ଏଥିରୁ ପାଠକମାନେ ଅନାୟାସରେ ବୁଝି ପାରିବେ ଯେ ଏପ୍ରକାର ବିଦ୍ୟାଳୟର ପ୍ରୟୋଜନତା ଯଥେଷ୍ଟ ରହିଅଛି ଏବଂ ତହିଁର ଉନ୍ନତି ନିମନ୍ତେ ଯେ ଯାହା ଦାନ କରିବେ ତାହା ପ୍ରକୃତ ଧର୍ମ କାର୍ଯ୍ୟରେ ବ୍ୟୟ ହେବ ।

ବଙ୍ଗପ୍ରଦେଶର ଭୂତପୂର୍ବ ଲେଫ୍ଟନାଣ୍ଟ ଗବର୍ଣ୍ଣର ସର ମାକେଞ୍ଜି ବାହାଦୁର କଲିକତା ମିଉନିସିପାଲିଟୀ ବିଷୟକ ଆଇନ ପରିବର୍ତ୍ତନ କରିବାର ନାନା କାରଣ ମଧ୍ୟରେ ନିର୍ବାଚିତ କମିଶନରମାନଙ୍କ ମଧ୍ୟରେ ଦଳାଦଳି ଭାବ ବୃଦ୍ଧି ଏବଂ କେତେଜଣ ପେଶାଦାର ଓ କେତେକ ଦୁଷ୍ଟମତି ଲୋକଙ୍କର ଅବସ୍ଥାନ ଗୋଟିଏ ହେତୁ ସ୍ୱରୂପ ନିର୍ଦ୍ଦେଶ କରିଥିଲେ । ବର୍ତ୍ତମାନର ଲେଫ୍ଟନାଣ୍ଟ ଗବର୍ଣ୍ଣର ସେହି କାରଣକୁ ଅନ୍ୟାନ୍ୟ କାରଣ ସହିତ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ପଠାଇଲେ ଏବଂ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପ୍ରସ୍ତାବିତ ମିଉନିସିପଲ ଆଇନ ସମ୍ବନ୍ଧରେ ଯେଉଁ ପତ୍ର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଲେଖିଅଛନ୍ତି ଏବଂ ଯାହା ସର୍ବସାଧାରଣଙ୍କ ଗୋଚରାର୍ଥେ କଲିକତା ଗେଜେଟରେ ମୁଦ୍ରିତ ହୋଇଅଛି ତହିଁରେ ସେହି କାରଣଟି ଲେଖାଅଛି । ଫଳେ କଲିକତାର ମିଉନିସିପାଲିଟୀର ନିର୍ବାଚିତ କମିଶନରମାନଙ୍କ ମଧ୍ୟରେ କେହି୨ ଅନ୍ତତଃ ଜଣେ ବା ଦୁଇଜଣ ଦୁଷ୍ଟ ଅଥବା ଘୁସଖୋର ଅଛନ୍ତି ଏହା ସରକାରୀ କାଗଜଦ୍ୱାରା ଘୋଷିତ ହୋଇଅଛି । ଏହି ଅଭିଯୋଗଟି ଅତ୍ୟନ୍ତ ଗୁରୁତ୍ୱ ଅଟେ ଏବଂ ଗବର୍ଣ୍ଣମେଣ୍ଟ ଯେ ବିନା ଜାଣି ଏ କଥା ପ୍ରଚାର କରି ଅଛନ୍ତି ଏମନ୍ତ ଅନୁମାନ କରାଯାଇ ନ ପାରେ ବିଶେଷତଃ ବର୍ତ୍ତମାନ ବଙ୍ଗେଶ୍ୱର ସର ଉଡ଼ବର୍ନ ଜଣେ ନ୍ୟାୟବାନ୍ ଓ ସାବଧାନଦର୍ଶୀ ଅଟନ୍ତି । ଅବଶ୍ୟ ସରକାରୀ ମହକୁମାରେ କୌଣସି ସମ୍ବାଦ ଅଛି ଯେ ତହିଁ ଉପରେ ନିର୍ଭର କରି ସେ ଏ କଥା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି । ସେହି ସମ୍ବାଦ କମିଶନରମାନଙ୍କ ନିକଟକୁ ପଠାଇ ଦେଲେ ସେମାନେ ତହିଁର ତଦନ୍ତ କରିବେ ଏବଂ ଅନୁସନ୍ଧାନରେ କେହି ସେପରି ଦୁଷ୍ଟପ୍ରକୃତି କମିଶନର ସେମାନଙ୍କ ମଧ୍ୟରେ ଥିବାର ପ୍ରକାଶ ପାଇଲେ ତାହାକୁ ସେମାନଙ୍କ ଦଳ ମଧ୍ୟରୁ ବାହାର କରି ଦେବେ । କଲିକତା ମିଉନିସିପଲ କମିଶନରମାନଙ୍କର ଗତମାସ ତା ୨ ରିଖର ବିଶେଷ ଅଧିବେଶନରେ ବାବୁ କାଳୀନାଥ ମିତ୍ର ଉପରଲିଖିତ ହେତୁମାନ ଦର୍ଶାଇ ପ୍ରସ୍ତାବ କଲେ କି ଯେଉଁ ସମ୍ବାଦ ଉପରେ ନିର୍ଭର କରି ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଉପରଲିଖିତ ଗୁରୁ-

Digitized by srujanika@gmail.com

Split by PDF Splitter

ଉର ଅଭିଯୋଗ କରୁଅଛନ୍ତି ତାହା ଅନୁଗ୍ରହ ପୂର୍ବକ କମିଶନରମାନଙ୍କୁ ଜଣାଇ ଦେବାକାରଣ ତାହାଙ୍କଠାରେ ପ୍ରାର୍ଥନା କରାଯାଉ ଏବଂ ସେହି ଅଭିଯୋଗ ସମ୍ବନ୍ଧରେ କମିଶନରମାନଙ୍କୁ ଆତ୍ମରକ୍ଷା କରିବାର ସୁଯୋଗ ନ ଦେଇ ଓ ସେମାନଙ୍କ ଠାରୁ କୌଣସି ଉତ୍ତର ନ ନେଇ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଯେ ବିଷୟ ରିପୋର୍ଟ କରିବାରେ କମିଶନରମାନେ ଅତ୍ୟନ୍ତ ଦୁଃଖିତ ଥିବାର ତାହାଙ୍କୁ ଜଣାଇ ଦିଆଯାଉ। ସେହି ଅଧିବେଶନରେ ସଭାପତି ଓ ସହକାରୀ ସଭାପତି ଏବଂ ପ୍ରାୟ ୬୦ ଜଣ କମିଶନର ଉପସ୍ଥିତ ଥିଲେ ଏବଂ କେବଳ ୬ ଜଣ ଛଡା ସମସ୍ତେ ସେହି ପ୍ରସ୍ତାବ ସପକ୍ଷରେ ମତ ଦେବାରୁ ତାହା ଧାର୍ଯ୍ୟ ହେଲା। ସେପରି ଅଭିଯୋଗ କମିଶନରମାନଙ୍କର ଦୁଃଖର ହେତୁ ହୋଇଅଛି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଏବଂ ଭରସା କରୁଅଛୁ ବଙ୍ଗେଶ୍ୱର ମହୋଦୟ ଏହାର ବିହିତ ପ୍ରତିକାର ପ୍ରଦାନ କରିବାକୁ ପରାଙ୍ମୁଖ ହେବେ ନାହିଁ।

କଟକର ମୁସଲମାନ ସଭା।

ଏ ନଗରର ଓଡ଼ିଶା ଇସଲାମ ଏସୋସିଏସନ ନାମକ ମୁସଲମାନ ସମିତିର ଗତମାସ ତା ୩୦ ରିଖରେ ଗୋଟିଏ ଅଧିବେଶନ ହୋଇଥିଲା। ସେହି ଅଧିବେଶନରେ ଯେ ସବୁ ବିଷୟ ନିର୍ଦ୍ଧାରିତ ହେଲା ସମିତିର ଅନୁରୋଧମତେ ସର୍ବସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ। ଯଥା—

୧। କମିଶନରସାହେବଙ୍କର ସଦାନୁଭୂତି ସମ୍ପତ୍ତିର ଭୁଆଁ ସୁଆର ଜଣେ ଗୋଟିଏ କମିଟି ହସ୍ତରେ ନ୍ୟସ୍ତ ହେବା କାର୍ଯ୍ୟଟି ସାଧନ କରିବା ହେତୁ କଟକର କେଣ ଜଜ ଏବଂ ସମିତିର ସଭାପତି ମଉଲବି ମହମ୍ମଦ ଅବଦୁଲ ସମଦ ଏବଂ ସମ୍ପାଦକ ନାଜ ନାଜର ମହମ୍ମଦଙ୍କୁ ଧନ୍ୟବାଦ ଦିଆଯାଉ।

୨। ଏ ନଗରର ଜୁମାମସଜିଦ ସଂଲଗ୍ନ ସମ୍ପତ୍ତିକୁ ସେହିପରି କମିଟିର ତତ୍ତ୍ୱାବଧାନରେ ରଖିବାକାରଣ ବିହିତ ଉପାୟମାନ ଅବଲମ୍ବିତ ହେଉ।

୩। ମଉଲବି ଉଜୀରଅଲି ବଦଳି ହୋଇ ଯିବାରୁ ରେଭେନ୍ସା କଲେଜିଏଟ ସ୍କୁଲରେ ତାହାଙ୍କର ସ୍ଥାନ ଅଧିକାର କରିବାକାରଣ ଜଣେ ମୁସଲମାନ ଶିକ୍ଷକ ନିଯୁକ୍ତ କରିବା ନିମନ୍ତେ ଶିକ୍ଷାବିଭାଗର ଡାଇରେକ୍ଟର ମହାଶୟଙ୍କ ନିକଟରେ ପ୍ରାର୍ଥନା ହେଉ।

୪। ଏ ନଗରରେ ହାଫିଜ ମଦରସା ନାମକ ବିଦ୍ୟାଳୟ ଅତି ଶୀଘ୍ର ସ୍ଥାପନ କରିବାର ବିହିତ ଉପାୟ କରାଯାଉ।

୫। କଲିକତାର ମହମ୍ମଦାନ ଏଡୁକେସନାଲ କନଫରେନ୍ସର ଉଦ୍ଦେଶ୍ୟ ସାଧନ ନିମନ୍ତେ ଗୋଟିଏ ସ୍ଥାନୀୟ କମିଟି ଗଠିତ ହୋଇଅଛି।

୬। କଲିକତାର ପି, ଏନ, ଏମ, ଅସୋସିଏସନର ଆସନ୍ତା ବାର୍ଷିକ ରିପୋର୍ଟରେ ଛପା ହେବା କାରଣ ଏ ସଭାର ସଭ୍ୟମାନଙ୍କର ନାମର ତାଲିକା ସଂଶୋଧିତ ହେଉ।

ଉପରଲିଖିତ କାର୍ଯ୍ୟାବଳୀରୁ ପ୍ରକାଶ ଏ ନଗରର ଯେ ମୁସଲମାନ ସମିତି ସ୍ୱଜାତୀୟଙ୍କର ହିତ ସାଧନ ଅଭିପ୍ରାୟରେ ଅନେକ ଗୁରୁତର କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି। ଆମ୍ଭେମାନେ ଆଶା କରୁଁ କି ସେମାନେ ଯେମନ୍ତ ଉତ୍ସାହ ସହିତ ହିତାନୁଷ୍ଠାନରେ ପ୍ରବୃତ୍ତ ହୋଇଅଛନ୍ତି ତଦୋଚିତ ଉତ୍ସାହ ଏବଂ ଅଧ୍ୟବସାୟ ସହିତ ସେ ସମସ୍ତ ସାଧନ ବିଷୟରେ ତତ୍ପର ହେବେ। ହିତକର ବିଷୟ ନିର୍ଦ୍ଧାରଣ କରିବା ସହଜ ମାତ୍ର କାର୍ଯ୍ୟରେ ଲଗାଇବା କଷ୍ଟ ପରିଶ୍ରମ ସାଧ୍ୟ ଏବଂ ସଭା ଯେପରିମାଣରେ ଉପରଲିଖିତ ବିଷୟରେ ସଫଳ ହେବେ ସେ ପରିମାଣରେ ସର୍ବସାଧାରଣଙ୍କର କୃତଜ୍ଞତା ଭାଜନ ହେବେ। ପରିଶେଷରେ ବକ୍ତବ୍ୟ ଏହି କି ତୃତୀୟ ନିର୍ଦ୍ଧାରଣଟି କେଉଁ ଯୁକ୍ତିଦ୍ୱାରା ସିଦ୍ଧ ହେଲା ଆମ୍ଭେମାନେ ବୁଝିପାରୁ ନାହୁଁ। କଲିଜିଏଟ ସ୍କୁଲରେ ଜଣେ ମୁସଲମାନ ଶିକ୍ଷକ ନିଯୁକ୍ତ ନ ହେଲେ କି ସେଠାର କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବ ନାହିଁ? ନା ସରକାରୀ କାର୍ଯ୍ୟରେ ପ୍ରବେଶ ହେବା ଓ ଉନ୍ନତି ଲଭିବାର ଉପାୟମାନ କଣ ଜାତିବିଶେଷ ନିମନ୍ତେ ଉପେକ୍ଷିତ ହେବ?

ବିଲାତରେ ଭାରତବର୍ଷର ବଜେଟ।

ଗତମାସ ତା ୮ ରିଖରେ ଭାରତବର୍ଷର ବଜେଟ ହିସାବ ପାର୍ଲିମେଣ୍ଟର କମନସ୍ ସଭାରେ ଉପସ୍ଥିତ ହୋଇଥିଲା। ଭାରତୀୟ ଷ୍ଟେଟ ସେକ୍ରେଟେରୀ ଲର୍ଡ ଜର୍ଜହାମିଲଟନ ବୁଝାଇ ଦେଲେ ଯେ ଭାରତବର୍ଷ ବ୍ରିଟିଶ ଶାସନାଧୀନରେ ଅଧିକ ଦିନଠାରୁ ଏ ବର୍ଷ ପରି ଉନ୍ନ[illegible] କେବେ ଦେଖା ଯାଇ ନ ଥିଲା ଏବଂ ବିଲାତ ଯେ ଭାରତର ଧନ ଶୋଷଣ କରୁଅଛି ଏ କଥା ଅପ୍ରମାଣିତ ହେବା ପ୍ରତି ଏହା ସର୍ବାପେକ୍ଷା ଉତ୍କୃଷ୍ଟ ପ୍ରମାଣ ଅଟେ। ସମସ୍ତ ପ୍ରକାର ରାଜସ୍ୱ ଆଶାତୀତ ବୃଦ୍ଧି ହୋଇଅଛି ଏବଂ ବ୍ୟୟ ସାଧ୍ୟମତେ ସୀମା ମଧ୍ୟରେ ରହିଅଛି। ଯେବେ ଆଗାମୀ ବର୍ଷ ଭଲ ଅନୁମିତ ପ୍ରକାର ହେବ ତେବେ ଅସାଧାରଣ ସୌଭାଗ୍ୟର ଉଦୟ ହେବ। ଇଂରାଜଙ୍କ ଅମଳରେ ଭାରତର ଲୋକସଂଖ୍ୟା ଅତ୍ୟନ୍ତ ବୃଦ୍ଧି ହେବା ଗୋଟିଏ ଗୁରୁତର ସମସ୍ୟା ଅଟେ। ସରକାର ଏ ପର୍ଯ୍ୟନ୍ତ ଯେଉଁ ଦୟାର୍ଦ୍ର ନୀତି ଅନୁସରଣ କରି ଆସୁଅଛନ୍ତି ତାହା ପରିବର୍ତ୍ତିତ ହୋଇ ନ ପାରେ। ରେଲୱେ ଏବଂ ଇରିଗେସନ କେନାଲଦ୍ୱାରା ସବୁ ସ୍ଥାନ ମେଳ କରି ଦେବା ଧାତୁ ଦ୍ରବ୍ୟର ବ୍ୟବସାୟ ପ୍ରସାରିତ କରିବା ଏବଂ ଶିଳ୍ପ ଶିକ୍ଷାର ଅଧିକ ସୁଯୋଗ ପ୍ରଦାନ କରିବା ସେ ସମସ୍ୟାର ଏକମାତ୍ର ମୀମାଂସା ଅଟେ। ତାହାଙ୍କ ଉକ୍ତିରୁ ଅର୍ଥ ସଚିବ ସର ଜେମସ ଓଏଷ୍ଟଲାଣ୍ଡଙ୍କର ଅନେକ ପ୍ରଶଂସା କରି ଏବଂ ବିଲାତର ସ୍ୱର୍ଣ୍ଣମୁଦ୍ରା ଭାରତରେ ଚଳ ପ୍ରଚଳ ହେବା ସମ୍ବନ୍ଧରେ ଅନେକ କଥା କହି ବକ୍ତୃତା ଶେଷ କଲେ। ଶ୍ରୀଯୁକ୍ତ କାଲିଭରେଲ ସାହେବ ପ୍ରସ୍ତାବ କଲେ ଯେ ଭାରତର ହିସାବ ଭଲରୂପେ ବୁଝି ଦେବା ନିମନ୍ତେ ପ୍ରତିବର୍ଷ ପାର୍ଲିମେଣ୍ଟ ସଭାର ଗୋଟିଏ ବିଶେଷ କମିଟି ଗଠିତ ହେବା ଉଚିତ। ମାତ୍ର ଏ ପ୍ରସ୍ତାବ ସମ୍ବନ୍ଧରେ କେବଳ ୬୬ ଜଣ ଏବଂ ଏଥି ବିରୁଦ୍ଧରେ ୬୯ ଜଣ ମତ ଦେବାରୁ ସୁତରାଂ ତାହା ଅଗ୍ରାହ୍ୟ ହେଲା। ପ୍ରସ୍ତାବ ସମ୍ବନ୍ଧୀୟ ତର୍କବିତର୍କରେ ସର ହେନେରି ଫାଉଲର ଏବଂ ଲର୍ଡ ବେଲବି କରି ସର ଉଇଲିୟମ ଓଡରବର୍ଣ୍ଣଙ୍କୁ ଆକ୍ରମଣ କରି ଥିଲେ ଏବଂ ପାର୍ଲିମେଣ୍ଟ ସଭା ପ୍ରକୃତ ଭାରତର ହିସାବ ଦେଖିବାର ଅସାଧ୍ୟତା ଦେଖାଇଥିଲେ। ଫଳତଃ ଭାରତ ଅବଧି ଅଧିକାଂଶ ଇଂଲଣ୍ଡ ବାସୀଙ୍କର ମନ ଆକର୍ଷଣ କରି ପାରି ନାହିଁ। ସୁତରାଂ ଯେଉଁ ଅଳ୍ପ କେତେକ ଲୋକ ଭାରତ ସପକ୍ଷେ ଲଢୁଅଛନ୍ତି ସେମାନଙ୍କର କଥାରେ ଆସ୍ଥା ହେଉ ନାହିଁ। ଭାରତର ବଜେଟ ପାର୍ଲିମେଣ୍ଟର ଅଧିବେଶନ ବନ୍ଦ ହେବା କାଳରେ ପ୍ରତିବର୍ଷ ପଡ଼ଇ। ସେ ସମୟରୁ ଅଧିକାଂଶ ସଭ୍ୟ ବାହାର ଯାଇଥାନ୍ତି। ସ୍ୱଦେଶ ପ୍ରତି ସଭ୍ୟମାନେ ଯେମନ୍ତ ଜାଗ୍ରତ ସେବେ ଭାରତ ପ୍ରତି ତେମନ୍ତ ଥାନ୍ତେ ତାହା ହେଲେ ଭାରତୀୟ ସେ ବଜେଟ ସେ

Digitized by srujanika@gmail.com